# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୭/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, April 7/2025 | Page 12 | ₹ 7.00

୫୧ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 132 | ମୂଲ୍ୟ ₹୭/-




## ଭର୍ଷ୍ଟାପେନ୍ ଜିତିଲେ ଜାପାନିଜ ଗ୍ରାଁପ୍ରି

କ୍ରମାଗତ ୪ର୍ଥ ଥର ଜାପାନିଜ ଫର୍ମୁଲା-୧ ଗ୍ରାଁପ୍ରି ଜିତି ସେବାଷ୍ଟିଆନ ଭେଟେଲଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍।

୧୨

୦୨

## ପ୍ରଧାନମନ୍ତ୍ରୀଙ୍କୁ ଗ୍ୟାରେଣ୍ଟି ମାଗିଲେ ଷ୍ଟାଲିନ୍

ଡିଲିମିଟେଶନ୍ ଯୋଗୁ ତାମିଲନାଡୁ ଯେପରି ସଂସଦୀୟ ଆସନ ନ ହରାଇବ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସେନେଇ ପ୍ରଧାନମନ୍ତ୍ରୀଙ୍କୁ ଗ୍ୟାରେଣ୍ଟି ମାଗିଛନ୍ତି।



# ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

## ୩୬ ଘଣ୍ଟାରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୬।୪ (ଅନୁରାଧା ମହାରଣା)

ରାଜ୍ୟରେ ଗରମ, ଗୁଳୁଗୁଳି ସହ ଝାଞ୍ଜି ପବନ ଜନଜୀବନକୁ ପ୍ରଭାବିତ କରୁଛି। ଅଧିକାଂଶ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଏପରିସ୍ଥିତିରେ ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବାୟୁମଣ୍ଡଳରେ ୫.୮ କି.ମି. ଉଚ୍ଚତା ଯାଏ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୩୬ଘଣ୍ଟା ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଫଳରେ ରାଜ୍ୟରେ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ଅପରାହ୍ଣରେ ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ରାୟଗଡ଼ା, ଗଜପତି ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ। ୮ ତାରିଖ ବେଳକୁ ରାଜ୍ୟରେ ଘଡ଼ଘଡ଼ି ସହ ବର୍ଷା ପରିମାଣ ବଢ଼ିପାରେ। ତେଣୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ରାଜ୍ୟରେ ଆସନ୍ତା ୨୪ ଘଣ୍ଟାରେ ତାପମାତ୍ରା ☞ପୃଷ୍ଠା-୪



ତାମିଲନାଡୁ ରାମେଶ୍ୱରମ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶର ପ୍ରଥମ ଭର୍ଟିକାଲ ଲିଫ୍ଟ ଯୁକ୍ତ ରେଳ ସେତୁର ଉଦ୍‌ଘାଟନ କରୁଛନ୍ତି। (ଫଟୋ: ପିଟିଆଇ)

# ତେଜିଲା ଟ୍ରମ୍ପ୍ ବିରୋଧୀ ଆନ୍ଦୋଳନ

## ଆମେରିକା, ୟୁରୋପୀୟ ସହରରେ 'ହ୍ୟାଣ୍ଡ୍‌ସ ଅଫ୍'

ୱାଶିଂଟନ୍,୬।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ପ୍ରଶାସନର ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମୁଖ୍ୟ ଏଲନ୍ ମସ୍କଙ୍କ ବିରୋଧରେ ୫୦ ରାଜ୍ୟରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଟ୍ରମ୍ପ୍ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠାରୁ ସେ ନେଇଆସିଥିବା ପଦକ୍ଷେପଗୁଡ଼ିକର ନକାରାତ୍ମକ ପ୍ରଭାବକୁ ଦେଖି ଦେଶବାସୀ ତାଙ୍କ ଏକ୍‌ଜିକ୍ୟୁଟିଭ୍ ଅର୍ଡରଗୁଡ଼ିକୁ ପ୍ରତ୍ୟାହାର କରିବା ଦାବିରେ 'ହ୍ୟାଣ୍ଡ୍‌ସ ଅଫ୍' ବିକ୍ଷୋଭ କରୁଛନ୍ତି। ହ୍ୟାଣ୍ଡ୍‌ସ ଅଫ୍‌ର ଅର୍ଥ ହେଉଛି, ଆମ ଅଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଛୁଅଁନାହିଁ। ଆମ ଜୀବନଶୈଳୀରେ ହସ୍ତକ୍ଷେପ କରନାହିଁ।

ସରକାରୀ ପାଣ୍ଠି ହ୍ରାସ, ଆପ୍ରବାସୀଙ୍କ ଉପରେ ଦମନଲୀଳା ଏବଂ ଉଚ୍ଚ ଟାରିଫ ଯୋଗୁ ଆମେରିକାର ଅର୍ଥନୀତି ବିପର୍ଯ୍ୟୟ ଆଡ଼କୁ ମୁହାଁଇଥିବା ଦର୍ଶାଇ ଶନିବାର ଏକକାଳୀନ ୱାଶିଂଟନ୍ ଡିସି ସମେତ ୧,୨୦୦ ସ୍ଥାନରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। କେବଳ ନ୍ୟାଶନାଲ ହଲ୍‌ରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇ ଟ୍ରମ୍ପ୍ ବିରୋଧୀ ସ୍ଲୋଗାନ ଦେଇଥିଲେ। ଏହି ଗଣବିକ୍ଷୋଭରେ ଆମେରିକାର ପ୍ରାୟ ୧୫୦ ସିଭିଲ୍ ରାଇଟ୍ସ ଗ୍ରୁପ୍, ଏଲ୍‌ଜିବିଟିକ୍ୟୁ+, ଆଇନଜୀବୀ, ଅବସରପ୍ରାପ୍ତ ସୈନିକ, କ୍ଲାଇମେଟ୍ ଆକ୍ଟିଭିଷ୍ଟ ଗ୍ରୁପ୍ ସାମିଲ ହୋଇଥିବାବେଳେ ବର୍ଲିନ୍, ଫ୍ରାଙ୍କଫୁର୍ଟ, ପ୍ୟାରିସ୍ ଓ ଲଣ୍ଡନରେ ମଧ୍ୟ ଅନୁରୂପ ଆନ୍ଦୋଳନ ଚାଲିଛି। ଏହାକୁ ଆଉ କେତେକ ୟୁରୋପୀୟ ଦେଶର ମଧ୍ୟ ସମର୍ଥନ ମିଳିଛି। ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଏହା ହେଉଛି ତାଙ୍କ ବିରୋଧରେ ସବୁଠୁ ବଡ଼ ବିକ୍ଷୋଭ। ଏହି ଆନ୍ଦୋଳନ ଟ୍ରମ୍ପ୍ ଓ ତାଙ୍କ ବିଲିୟନେୟାର ସହଯୋଗୀ ମସ୍କଙ୍କୁ ସେମାନଙ୍କ ନୀତିଗୁଡ଼ିକର ପୁନର୍ବିଚାର ପାଇଁ ବାଧ୍ୟ କରିବ ବୋଲି ବିକ୍ଷୋଭକାରୀ ମନେକରୁଛନ୍ତି। ଆନ୍ଦୋଳନ ବର୍ତ୍ତମାନ ସୁଦ୍ଧା ଶାନ୍ତିପୂର୍ଣ୍ଣ ଥିବାରୁ କାହାକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

**ଆଜିର ସମ୍ପାଦକୀୟ** ମାନ୍ଦାବସ୍ଥା ଆଡ଼କୁ

# ଆଇସିଟି: ଲକ୍ଷ୍ୟଠାରୁ ଦୂରରେ

**ରାଜ୍ୟର ଖଣିବହୁଳ ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଜିଲାରେ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହନ ସହ ପିଲାମାନଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରିବାକୁ ସମଗ୍ର ଶିକ୍ଷା ଅଭିଯାନ ଜରିଆରେ ଇନ୍‌ଫର୍ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି(ଆଇସିଟି) କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ମାର୍ଟ କ୍ଲାସରୁମ୍ ସହ ଅତ୍ୟାଧୁନିକ ବୈଷୟିକ ସରଞ୍ଜାମ ଯୋଗାଇ ଦିଆଯାଇଥିବା କୁହାଯାଉଛି। ଏଥିପାଇଁ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭେଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠି ଖର୍ଚ୍ଚ ହୋଇଛି। ଏହି ଜିଲାଗୁଡ଼ିକରେ ୩,୧୫୮ଟି ଆଇସିଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ ସ୍ଥାପନ କରାଯିବା ଲାଗି ୨୦୨୦ ଅଗଷ୍ଟରେ ଲକ୍ଷ୍ୟ ରହିଥିଲା। ୪ରୁ ୫ମାସ ମଧ୍ୟରେ ଏହା ଶେଷ ହେବା କଥା। ହେଲେ ବିଭିନ୍ନ କାରଣ ଦର୍ଶାଇ ୨୦୨୨ ମାର୍ଚ୍ଚ ସୁଦ୍ଧା ଏହାର କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥିବା ନିକଟରେ ପ୍ରକାଶିତ ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ(ସିଏଜି) ରିପୋର୍ଟରେ ଉଲ୍ଲେଖ ରହିଛି। ଫଳରେ ଏହି କାର୍ଯ୍ୟକ୍ରମର ବାସ୍ତବ ରୂପାୟନ ହୋଇପାରି ନ ଥିବାରୁ ସମ୍ପୃକ୍ତ ଜିଲାର ଛାତ୍ରୀଛାତ୍ରଙ୍କ ନିକଟରେ ଡିଜିଟାଲ ଶିକ୍ଷା ସୁବିଧା ପହଞ୍ଚି ପାରି ନ ଥିବା ଜଣାପଡ଼ିଛି।**

- **ଅବଧି ମଧ୍ୟରେ କାର୍ଯ୍ୟକାରୀ ହୋଇପାରିନି**
- **ପ୍ରଭାବିତ ହୋଇଛନ୍ତି ୪ ଖଣିବହୁଳ ଜିଲାର ଛାତ୍ରୀଛାତ୍ର**
- **ମିଳିନି ୧୦୮.୮୫ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର**

ଭୁବନେଶ୍ୱର, ୬।୪ (ରବିନାରାୟଣ ଜେନା)

୨୦୨୪ ସିଏଜି ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁସାରେ, ଓଏମ୍‌ବିଏଡିସି ପାଣ୍ଠିରୁ ଆଇସିଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ ସ୍ଥାପନ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତାହା ବାସ୍ତବକ୍ଷେତ୍ରରେ ରୂପାୟନ ହୋଇପାରି ନାହିଁ। କେଉଁଠାରେ ବିନା ଟେଣ୍ଡରରେ ଉପକରଣ କ୍ରୟ କରାଯାଇ ଅନେକ କୋଟି ଟଙ୍କା ଦୁରୁପଯୋଗ କରାଯାଇଛି ତ ଆଉ କେଉଁଠାରେ ବିନା ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍)ରେ କାମ ହୋଇଛି। ସବୁଠାରୁ ବଡ଼କଥା ହେଲା, ଶ୍ରେଣୀ ଗୃହ ନ ଥାଇ ଆଇସିଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ ସ୍ଥାପନ ପାଇଁ ଟଙ୍କା ଖର୍ଚ୍ଚ ହୋଇଛି। ଏହାବାଦ୍ କେତେକ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ କମ୍ପ୍ୟୁଟର ତାଲିମ ଦିଆଯାଇ ନ ଥିବାବେଳେ ଇଣ୍ଟରନେଟ୍ ସଂଯୋଗ ନ ଥିଲା। ତେଣୁ ଆଇସିଟି ଓ ସ୍ମାର୍ଟକ୍ଲାସ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ଯୋଗୁ କମ୍ପ୍ୟୁଟର ଶିକ୍ଷା ଖଣିବହୁଳ ଜିଲାର ଛାତ୍ରୀଛାତ୍ରଙ୍କ ନିକଟରେ ଅପହଞ୍ଚ ହୋଇଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

୨୦୨୦ ଅଗଷ୍ଟରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍) ପକ୍ଷରୁ ଓଏମ୍‌ବିଏଡିସି ପାଣ୍ଠିରେ ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ୩,୧୫୮ଟି ଆଇସିଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ ସ୍ଥାପନ କରାଯିବା ଲାଗି ଲକ୍ଷ୍ୟ ରହିଥିଲା। ସେଥିମଧ୍ୟରୁ ୧,୦୫୩ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଏକ ତାଲିକା ପ୍ରକଳ୍ପ ନିର୍ଦ୍ଦେଶକ(ଓସେପା) ୨୦୨୧ରେ ଓକାକ୍‌କୁ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୧ ଡିସେମ୍ବରରେ ୯୮୫ ବିଦ୍ୟାଳୟରେ ୩,୧୯୯ ସ୍ମାର୍ଟ କ୍ଲାସ୍ ଉପକରଣକୁ ସଂଶୋଧିତ କରାଯାଇଥିଲା। ସେଥିଲାଗି ମେସର୍ସ ୟୁନିକପ୍‌ସ ଟେକ୍ନୋଲୋଜି ସପକ୍ଷରେ ଏକ କାର୍ଯ୍ୟାଦେଶ ଓକାକ୍ ଜାରି କରିଥିଲେ। ନିୟମ ଅନୁଯାୟୀ ୧୨୦ ଦିନରେ ଶତପ୍ରତିଶତ ଉପକରଣ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥାଏ। ଏପରି କି ଅତି ବେଶୀରେ ୧୫୦ ଦିନ ମଧ୍ୟରେ ସ୍ମାର୍ଟ ଉପକରଣ ବିଦ୍ୟାଳୟରେ ସ୍ଥାପନ ହେବା କଥା। କିନ୍ତୁ ୨୦୨୨ ମାର୍ଚ୍ଚ ସୁଦ୍ଧା ପ୍ରସ୍ତାବିତ ବିଦ୍ୟାଳୟରେ ଉପକରଣ ପହଞ୍ଚି ପାରି ନ ଥିଲା। ସିଏଜିଙ୍କ ପକ୍ଷରୁ ସର୍ବେକ୍ଷଣ ବେଳେ ଜଣାପଡ଼ିଛି ଯେ, କମିଟି ଗଠନ ହେବାର ଦୁଇବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ହେଁ ଡିପିଆର ପ୍ରସ୍ତୁତ ନ ହେବା ଏବଂ ଆଦେଶ ସ୍ଥାନିତ ନ ହେବା ଯୋଗୁ ଓକାକ୍ ଆଇସିଟି ☞ପୃଷ୍ଠା-୪


# ଶେଷ ହେଲା ଅନନ୍ତ ଅମ୍ବାନୀଙ୍କ ପଦଯାତ୍ରା



ପଦଯାତ୍ରାର ଶେଷ ଦିନରେ ଅନନ୍ତ ଅମ୍ବାନୀଙ୍କ ସହ ମା' ନୀତା ଅମ୍ବାନୀ, ସ୍ତ୍ରୀ ରାଧିକା ଓ ଅନ୍ୟମାନେ।

ଦ୍ୱାରକା,୬।୪

ଦେଶର ସବୁଠୁ ଧନୀ ଅମ୍ବାନୀ ପରିବାରର ଦାୟାଦ ଅନନ୍ତ ଅମ୍ବାନୀ ନିଜକୁ ଅଧ୍ୟାତ୍ମ ସହ ଯୋଡ଼ି ଆରମ୍ଭ କରିଥିବା ପଦଯାତ୍ରା ରବିବାର ପବିତ୍ର ରାମନବମୀ ଅବସରରେ ଉଦ୍‌ଯାପିତ ହୋଇଛି। ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ରବିବାର ଥିଲା ଅନନ୍ତଙ୍କ ଜନ୍ମଦିନ। ସେ ମାର୍ଚ୍ଚ ୨୯ରେ ତାଙ୍କ କର୍ମଭୂମି ଗୁଜରାଟର ଜାମନଗରରୁ ପଦଯାତ୍ରାରେ ବାହାରିଥିଲେ। ରବିବାର ପବିତ୍ର ସହର ଦ୍ୱାରକାରେ ପ୍ରବେଶ କରି ସେ ୧୮୦ କିଲୋମିଟର ପଦଯାତ୍ରାର ପରିସମାପ୍ତି ଘଟାଇଛନ୍ତି। ଅନନ୍ତ ଦିନକୁ ହାରାହାରି ୧୨ରୁ ୧୫ କି.ମି. ଯାତ୍ରା କରୁଥିଲେ। ଧର୍ମବିଶ୍ୱାସ ଓ ଆଧ୍ୟାତ୍ମିକତା ତାଙ୍କୁ ଏହି ଦୀର୍ଘ ଯାତ୍ରା ପାଇଁ ☞ପୃଷ୍ଠା-୪

# ଗ୍ୟାରେଣ୍ଟି ମାଗିଲେ ଷ୍ଟାଲିନ୍, ତାମିଲ ପାଠ ପଢ଼ାଇଲେ ମୋଦି


ନୀଲଗିରିସ୍ ଜିଲାରେ ଆୟୋଜିତ ସଭାରେ ଲୋକଙ୍କ ଗହଣରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍।

ରାମେଶ୍ୱରମ୍,୬।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀଲଙ୍କାରୁ ରବିବାର ତାମିଲନାଡୁକୁ ଫେରି ରାମେଶ୍ୱରମ୍‌ରେ ପମ୍ବନ ବ୍ରିଜ୍‌ର ଲୋକାର୍ପଣ ସହ ଅନ୍ୟ କେତେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଥିବାବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା। ଷ୍ଟାଲିନ୍ ହିଲଟାଉନ୍ ଉଧଗମଣ୍ଡଲମ୍‌ରେ କେତେକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଭୟେ ନିଜ ନିଜ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରସଙ୍ଗରେ ପରସ୍ପରକୁ ଟାର୍ଗେଟ କରିଥିବା ଦେଖିବାକୁ ମିଳିଥିଲା। ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ତାମିଲନାଡୁରେ ଏହି ବିଷୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଅଧୀନ ୩ ଭାଷା ସୂତ୍ର ବଳରେ ତାମିଲନାଡୁ ଉପରେ ହିନ୍ଦୀକୁ ଜବରଦସ୍ତି ଲଦିଦେବା, କେନ୍ଦ୍ର ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍), ସଂଘୀୟ ସହଯୋଗିତା (କୋ-ଅପରେଟିଭ୍ ଫେଡେରାଲିଜମ୍), କେନ୍ଦ୍ରରୁ ରାଜ୍ୟକୁ ପାଣ୍ଠି ଆବଣ୍ଟନରେ ବୈମାତୃକ ମନୋଭାବ ଆଦିକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ବିଶେଷକରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ସୁପ୍ରିମୋ ଏମ୍.କେ. ଷ୍ଟାଲିନ୍ ଏହି ପ୍ରସଙ୍ଗଗୁଡ଼ିକୁ ଉଠାଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଏଭଳି ସମୟରେ ଷ୍ଟାଲିନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନ ଯିବା ଯେତିକି ଆଶ୍ଚର୍ଯ୍ୟକର ନୁହେଁ, ତା'ଠୁ ବେଶି ଚର୍ଚ୍ଚାର ବିଷୟ ହୋଇଛି ସେ ମୋଦିଙ୍କୁ ଗ୍ୟାରେଣ୍ଟି ମାଗିବା ପ୍ରସଙ୍ଗ। ଉଧଗମଣ୍ଡଲମ୍(ଉଟି)ର ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଷ୍ଟାଲିନ୍ କହିଛନ୍ତି,

■ଆସନ୍ତାବର୍ଷ ବିଧାନସଭା ନିର୍ବାଚନ
■ପ୍ରଧାନମନ୍ତ୍ରୀଙ୍କୁ କ୍ଷମା ମାଗନ୍ତୁ ମୁଖ୍ୟମନ୍ତ୍ରୀ: ଭାଜପା

ପ୍ରସ୍ତାବିତ ଡିଲିମିଟେଶନ୍ ପ୍ରକ୍ରିୟାକୁ ନେଇ ତାମିଲନାଡୁବାସୀଙ୍କ ମନରେ ରହିଥିବା ଭୟକୁ ପ୍ରଧାନମନ୍ତ୍ରୀ ପ୍ରଥମେ ଦୂର କରିବା ଉଚିତ। ତାମିଲନାଡୁର ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପାର୍ଲାମେଣ୍ଟରେ ଏକ ସଂକଳ୍ପନାମା ପାରିତ କରାଯିବ ବୋଲି ମୋଦି ସୁନିଶ୍ଚିତ କରିବା ଜରୁରୀ। ଏଥିପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ମଧ୍ୟ କରନ୍ତୁ। ଏହା ହିଁ ଉପଯୁକ୍ତ ଡିଲିମିଟେଶନ୍ ସୁନିଶ୍ଚିତ କରିବାର ଏକମାତ୍ର ପନ୍ଥା। ପ୍ରଧାନମନ୍ତ୍ରୀ ଏପରି କରିବେ ବୋଲି ଆଶାବାଦୀ ଥିବା ଷ୍ଟାଲିନ୍ କହିଛନ୍ତି। ଷ୍ଟାଲିନ୍ ଆହୁରି କହିଛନ୍ତି, ତାମିଲନାଡୁ ଓ ଅନ୍ୟ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ସେମାନଙ୍କୁ ଡିଲିମିଟେଶନ୍ ପ୍ରକ୍ରିୟା କାର୍ଯ୍ୟକାରୀ ବେଳେ ଦଣ୍ଡିତ କରାଯିବା ଅନୁଚିତ। ସଂସଦୀୟ ଆସନର ଭାଗ ଊଣା କରା ନ ଯାଉ ବୋଲି ଷ୍ଟାଲିନ୍ କହିବା ସହ ଏକ୍ସ'ରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେପଟେ ପ୍ରଧାନମନ୍ତ୍ରୀ ରାମେଶ୍ୱରମ୍‌ରେ ଦେଶର ପ୍ରଥମ ଭର୍ଟିକାଲ ଲିଫ୍ଟ ରେଲସେତୁ ଉଦ୍‌ଘାଟନ ଅବସରରେ ଆୟୋଜିତ ସଭାକୁ ସମ୍ବୋଧିତ କରି କହିଛନ୍ତି, କେନ୍ଦ୍ର ସରକାର ବର୍ଦ୍ଧିତ ପାଣ୍ଠି ଦେବା ସତ୍ତ୍ୱେ କେତେଜଣ ବ୍ୟକ୍ତି ପାଣ୍ଠି ପାଇଁ ଚିତ୍କାର କରୁଛନ୍ତି। ଭିତ୍ତିଭୂମି ବିକାଶରେ ତାମିଲନାଡୁକୁ ଗୁରୁତ୍ୱ ଦିଆଯାଉଛି। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ତାମିଲନାଡୁକୁ ୨୦୧୪ ପୂର୍ବର ଉପା ସରକାର ତୁଳନାରେ ୩ ଗୁଣା ଅଧିକ ପାଣ୍ଠି ପ୍ରଦାନ କରିଛନ୍ତି। ସେହିପରି ରେଲୱେ କ୍ଷେତ୍ରରେ ୭ ଗୁଣା ଅଧିକ ପାଣ୍ଠି ଦିଆଯାଇଛି। ଏହାସତ୍ତ୍ୱେ ବିନା କୌଣସି ଯଥାର୍ଥତାରେ କେତେଜଣ ବ୍ୟକ୍ତି ଲଗାତର ଅଭିଯୋଗ କରୁଛନ୍ତି, ଯାହାକି ଦୁର୍ଭାଗ୍ୟଜନକ। ମୋଦି ଆହୁରି କହିଛନ୍ତି, ରାଜ୍ୟରେ ତାମିଲ ଭାଷାର ଅଧିକ ବ୍ୟବହାର କରାଯିବା ଉଚିତ। ବିଶେଷକରି ମେଡିକାଲ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେବା କଥା। କିନ୍ତୁ ତାମିଲନାଡୁର ନେତାମାନେ ପାଣ୍ଠି ମାଗିବାବେଳେ ପତ୍ରରେ ଇଂଲିଶ୍ ଭାଷାରେ ଦସ୍ତଖତ ଦେଉଛନ୍ତି। ନିଜ ଦସ୍ତଖତ ଅନ୍ତତଃ ତାମିଲରେ ଦିଅନ୍ତୁ। ଇଂଲିଶ୍‌ରେ ଲେଖିବାବେଳେ ସେମାନଙ୍କ ତାମିଲ ଅସ୍ମିତା କେଉଁଠି ହଜିଯାଉଛି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ଷ୍ଟାଲିନ୍ ଉକ୍ତ କାର୍ଯ୍ୟକ୍ରମକୁ ବର୍ଜନ କରିବା ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅପମାନ ଦର୍ଶାଇ ରାଜ୍ୟ ଭାଜପା ସଭାପତି କେ. ଆନ୍ନାମଲାଇ ତାଙ୍କଠାରୁ କ୍ଷମା ଦାବି କରିଛନ୍ତି।

# ପମ୍ବନ୍ ସେତୁ ଲୋକାର୍ପିତ



## ଭାରତୀୟ ଇଞ୍ଜିନିୟରିଂ ମାର୍ବଲର ପ୍ରତୀକ

ରାମେଶ୍ୱରମ୍,୬।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମଧ୍ୟାହ୍ନ ୧୨ଟାରେ ତାମିଲନାଡୁର ରାମେଶ୍ୱରମ୍‌ରେ ପମ୍ବନ୍ ରେଳ ବ୍ରିଜ୍‌କୁ ଉଦ୍‌ଘାଟନ କରିଛନ୍ତି। ୨୦୧୯ରେ ଏହାର ଶିଳାନ୍ୟାସ କରାଯାଇଥିଲା। ୭୦୦ କୋଟି ଟଙ୍କାରେ ନିର୍ମିତ ଭାରତୀୟ ଇଞ୍ଜିନିୟରିଂ ମାର୍ବଲର ପ୍ରତୀକ ଏହି ସାମୁଦ୍ରିକ ସେତୁ ଲୋକାର୍ପିତ ହେବା ପରେ ରାମେଶ୍ୱରମ୍ ଦ୍ୱୀପ ଓ ତାମିଲନାଡୁର ଭୂଭାଗ ମଧ୍ୟରେ ରେଳ ଯାତାୟାତ କରିପାରିବ। ସେହିପରି ପ୍ରଧାନମନ୍ତ୍ରୀ ସବୁଜ ପତାକା ଦେଖାଇ ରାମେଶ୍ୱରମ୍-ତମ୍ବରମ୍ (ଚେନ୍ନାଇ) ନୂଆ ଟ୍ରେନ୍ ସେବାର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହାବାଦ୍ ପ୍ରଧାନମନ୍ତ୍ରୀ ଏକ ତଟରକ୍ଷୀ ବାହିନୀ ଜାହାଜର ମଧ୍ୟ ଜଳାବତରଣ କରାଇଛନ୍ତି, ଯାହାକି ନୂଆ ବ୍ରିଜ୍ ତଳ ଦେଇ ଅତିକ୍ରମ କରିଛି। ରାମେଶ୍ୱରମ୍‌ରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଦି ମୋଟ ୮,୩୦୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି, ରାଜ୍ୟର ଅର୍ଥମନ୍ତ୍ରୀ ଥାଙ୍ଗମ୍ ଥେନାରସୁ ଏବଂ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ଷ୍ଟାଲିନ୍ ନିଜ ଅନୁପସ୍ଥିତି ସମ୍ପର୍କରେ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ନୀଲଗିରିସ୍‌ରେ ଆୟୋଜିତ ପୂର୍ବ ନିର୍ଦ୍ଧାରିତ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଥିବାରୁ ସେ ରାମେଶ୍ୱରମ୍ କାର୍ଯ୍ୟକ୍ରରେ ଯୋଗଦେଇ ପାରିବେ ନାହିଁ ଏବଂ ତାଙ୍କ ତରଫରୁ ଅର୍ଥମନ୍ତ୍ରୀ ସାମିଲ ହେବେ ବୋଲି ଷ୍ଟାଲିନ୍ ପୂର୍ବରୁ ସୂଚନା ଦେଇଥିଲେ।

## ବ୍ରିଜ୍‌ର ବିଶେଷତ୍ୱ

➡ଏହା ହେଉଛି ଭାରତରେ ଏହି ଧରଣର ପ୍ରଥମ ବ୍ରିଜ୍, ଯାହାର ୭୨.୭ ମିଟର ବିଶିଷ୍ଟ ନାଭିଗେଶନାଲ ସ୍ପାନ୍‌କୁ ୧୭ ମିଟର ପର୍ଯ୍ୟନ୍ତ ଉଠାଯାଇପାରିବ। ଏହାଦ୍ୱାରା ବ୍ରିଜ୍ ତଳ ଦେଇ ବଡ଼ ଜାହାଜ ଯାତାୟାତ କରିପାରିବ।

➡ନୂଆ ବ୍ରିଜ୍‌ର ଉଚ୍ଚତା ପୂର୍ବ ବ୍ରିଜ୍ ତୁଳନାରେ ୩ ମିଟର ଅଧିକ ରଖାଯାଇଛି, ଯଦ୍ୱାରା ସାମୁଦ୍ରିକ ଯୋଗସୂତ୍ରତା ବୃଦ୍ଧିପାଇବ।

➡ଏହି ଢାଞ୍ଚାକୁ ୨ଟି ଟ୍ରାକ୍ ପାଇଁ ଡିଜାଇନ୍ କରାଯାଇଛି। ତେବେ ଉକ୍ତ ସୁପରଷ୍ଟ୍ରକ୍ଚରରେ ପ୍ରଥମେ ଗୋଟିଏ ଲାଇନ୍ ନିର୍ମାଣ କରାଯାଇଛି।

➡ଏହାର ଆପ୍ରୋଚ୍‌ରେ ୧୮.୩ ମିଟର ଷ୍ଟିଲ୍ ପ୍ଲେଟ୍‌ର ୮୮ଟି ସ୍ପାନ୍ ରହିଛି।

➡ରେଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ ଏହି ବ୍ରିଜ୍ ନିର୍ମାଣରେ ଷ୍ଟେନ୍‌ଲେସ୍ ଷ୍ଟିଲ, ଉଚ୍ଚ ଗୁଣବତ୍ତା ସମ୍ପନ୍ନ ପ୍ରୋଟେକ୍ଟିଭ୍ ପେଣ୍ଟ ବ୍ୟବହାର କରାଯାଇଛି।

➡ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ଏଥିରେ ଆଧୁନିକ ସାମଗ୍ରୀ ଓ ଇଞ୍ଜିନିୟରିଂ କୌଶଳର ଉପଯୋଗ କରାଯାଇଛି।

➡ସେହିପରି ସମୁଦ୍ରର ଲୁଣି ଜଳବାୟୁ ଓ ପ୍ରତିକୂଳ ପରିବେଶରୁ ଏହାକୁ ସୁରକ୍ଷିତ ରଖିବା ପାଇଁ ବ୍ରିଜ୍‌ରେ ପଲିସିଲୋକ୍ସେନ୍ ପ୍ରୋଟେକ୍ଟସର ଏକ ସ୍ୱତନ୍ତ୍ର କୋଟିଂ ଦିଆଯାଇଛି।

➡ଆମେରିକାର ଗୋଲ୍ଡେନ୍ ବ୍ରିଜ, ଲଣ୍ଡନ୍‌ର ଟାୱାର ବ୍ରିଜ୍ ଏବଂ ଡେନ୍‌ମାର୍କ-ସୁଇଡେନ୍‌ର ଓରେସଣ୍ଡ ବ୍ରିଜ୍ ଭଳି ବୈଶ୍ୱିକ ସ୍ୱୀକୃତିପ୍ରାପ୍ତ ସେତୁଗୁଡ଼ିକ ସହ ନୂଆ ପମ୍ବନ ବ୍ରିଜ୍‌ର ସାମଞ୍ଜସ୍ୟ ରହିଛି।

# ଭାଷଣ ଦେବାବେଳେ ଟଳିପଡ଼ିଲେ

ମୁମ୍ବାଇ, ୬।୪


ବର୍ଷା କରାଟ

ମହାରାଷ୍ଟ୍ରର ଧାରାଶିଭ୍ ଜିଲା ପରାଡାସ୍ଥିତ ଆର୍.ଜି. ଶିନ୍ଦେ କଲେଜରୁ ରବିବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। କଲେଜରେ ବିଦାୟକାଳୀନ ଉତ୍ସବ ଚାଲିଥିବାବେଳେ ବର୍ଷା କରାଟ (୨୦) ନାମ୍ନୀ ସ୍ନାତକ ଶେଷ ବର୍ଷର ଜଣେ ଛାତ୍ରୀ ଶିକ୍ଷୟିତ୍ରୀ, ଶିକ୍ଷକ, ସହପାଠୀ ଓ ଜୁନିୟରଙ୍କୁ ସମ୍ବୋଧନ କରୁଥିଲେ। ଏହି ସମୟରେ ସେ ତାଙ୍କ କଲେଜ ଅନୁଭୂତିକୁ ହସି ହସି ବଖାଣୁଥିଲେ। ତେବେ ହଠାତ୍ ବର୍ଷାଙ୍କର ହୃଦ୍‌ଘାତ ହୋଇଥିଲା ଏବଂ ସେ ମଞ୍ଚ ଉପରୁ ଟଳି ପଡ଼ିଥିଲେ। ବେହୋସ୍ ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ବର୍ଷାଙ୍କୁ ମୃତ ଘୋଷଣା କରାଯାଇଛି। ବର୍ଷାଙ୍କ ମୃତ୍ୟୁ ପରେ ଆର୍.ଜି. ଶିନ୍ଦେ କଲେଜରେ ଶୋକର ଛାୟା ଖେଳିଯାଇଛି। ୮ ବର୍ଷ ବୟସରେ ବର୍ଷାଙ୍କର ହାର୍ଟ ସର୍ଜରି ହୋଇଥିଲା। ତେବେ ଗତ ୧୨ ବର୍ଷ ଧରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ଥିଲା ବୋଲି ବର୍ଷାଙ୍କ ପରିବାର ପକ୍ଷରୁ କୁହାଯାଇଛି।

# କାନାଡାରେ ଭାରତୀୟଙ୍କୁ ହତ୍ୟା

ଓଟ୍ଟାୱା, ୬।୪

କାନାଡାରେ ଜାତିଗତ ବିଦ୍ୱେଷ ଯୋଗୁ ଜଣେ ଭାରତୀୟଙ୍କୁ ହତ୍ୟା କରାଯାଇଛି। ଓଟ୍ଟାୱା ଉପକଣ୍ଠସ୍ଥିତ ରକଲାଣ୍ଡ ଅଞ୍ଚଳରେ ଧର୍ମେଶ କାଥିରିୟା (୨୭)ଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ଧର୍ମେଶ ଜାତିଗତ ବିଦ୍ୱେଷର ଶିକାର ହୋଇଛନ୍ତି ଏବଂ ତାଙ୍କୁ ତାଙ୍କର ଜଣେ ପଡ଼ୋଶୀ (୬୦) ଛୁରି ଭୁସି ହତ୍ୟା କରିଥିବା ପୋଲିସ କହିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ପୂର୍ବରୁ ଅନେକଥର କାଥିରିୟା ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଜାତିଗତ ବିଦ୍ୱେଷ ମୂଳକ ଏବଂ ଭାରତ ବିରୋଧୀ ମନ୍ତବ୍ୟ ଦେଇ ସେମାନଙ୍କୁ ହଇରାଣ କରିଥିଲେ। ଗୁଜରାଟ ଭାବନଗର ଜିଲାର ମୂଳ ନିବାସୀ କାଥିରିୟା ୨୦୧୯ରେ ଉଚ୍ଚଶିକ୍ଷା ପାଇଁ କାନାଡା ଆସିଥିଲେ। ସେବେଠାରୁ ସେ କାନାଡାରେ ରହିଥିଲେ।

# ଉଚ୍ଚ ଟାରିଫ୍‌ରୁ ମାନ୍ଦାବସ୍ଥା ଚିନ୍ତା

ୱାଶିଂଟନ୍,୬।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାଣିଜ୍ୟିକ ସହଯୋଗୀଙ୍କ ଉପରେ ଲଗାଇଥିବା ରେସିପ୍ରୋକାଲ ଟାରିଫ୍ (ପାଲଟା ଟିକସ)ର ସମ୍ଭାବ୍ୟ ପରିଣାମକୁ ନେଇ ଅନେକ ଦେଶକୁ ମାନ୍ଦାବସ୍ଥା ଚିନ୍ତା ଘାରିଲାଣି। ଏଥିପାଇଁ ଅଦ୍ୟାବଧି ପ୍ରାୟ ୫୦ ରାଷ୍ଟ୍ର ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରିବାକୁ ବାହାରିଛନ୍ତି। ହ୍ୱାଇଟ୍ ହାଉସ୍ ପକ୍ଷରୁ ରବିବାର ଏନେଇ ସୂଚନା ଦିଆଯାଇଛି। ଟାରିଫ୍ ପ୍ରଭାବରେ ଅନେକ ଅର୍ଥନୀତି ନଇଁ ପଡ଼ିବା ଆଶଙ୍କା କରାଯାଉଛି।

**ଆଜି ଟ୍ରମ୍ପ୍-ନେତାନ୍ୟାହୁ ଆଲୋଚନା**


ଡୋନାଲ୍ଡ ଟ୍ରମ୍ପ୍ ଓ ବେଞ୍ଜାମିନ୍ ନେତାନ୍ୟାହୁ।

ଆମେରିକାର ଘନିଷ୍ଠ ସହଯୋଗୀ ଇସ୍ରାଏଲ୍ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଟ୍ରମ୍ପ୍ ନିଜ ଜିଦ୍‌ରେ ଅଟଳ ଥିବାବେଳେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତାଙ୍କୁ ସୋମବାର ଭେଟି ଏ ସମ୍ପର୍କରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ଟ୍ରମ୍ପ୍ ଇସ୍ରାଏଲ୍ ଉପରେ ୧୭% ଆମଦାନୀ ଶୁଳ୍କ କଷିଛନ୍ତି।

# ଗାଜାରେ ୩୨ ମୃତ

ଗାଜା ସିଟି, ୬।୪

ଇସ୍ରାଏଲୀ ସେନା ରବିବାର ଗାଜା ଉପରେ ଏୟାର ଷ୍ଟ୍ରାଇକ୍ କରିବାରୁ ୩୨ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୧ ମହିଳା ଓ ୧୦ ଶିଶୁ ରହିଛନ୍ତି। ଜଣେ ମହିଳା ଖବରଦାତା ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଛନ୍ତି। ଇସ୍ରାଏଲ୍ ଗତମାସରେ ଗାଜାରେ ହମାସ୍ ସହ ଅସ୍ତ୍ରବିରତି ଘୋଷଣା କରିଥିଲା। କିନ୍ତୁ ସର୍ତ୍ତ ମୁତାବକ ହମାସ୍ ଆତଙ୍କବାଦୀମାନେ ଅବଶିଷ୍ଟ ପଣବନ୍ଦୀଙ୍କୁ ମୁକ୍ତ କରି ନ ଥିବାରୁ ଏବେ ପୁଣି ଆକ୍ରମଣ କରିଥିବା କୁହାଯାଉଛି। ସୋମବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟି ଏନେଇ ହମାସ୍ ଉପରେ ଚାପ ପକାଇପାରନ୍ତି ବୋଲି ଜଣାପଡ଼ିଛି।

# ୧୩୧ ଦିନ ପରେ ଅନଶନ ଭାଙ୍ଗିଲେ ଡାଲେୱାଲ

ଚଣ୍ଡିଗଡ଼,୬।୪

ପଞ୍ଜାବର ବରିଷ୍ଠ କୃଷକ ନେତା ଜଗଜିତ୍ ସିଂ ଡାଲେୱାଲ ଦୀର୍ଘ ୧୩୧ ଦିନ ପରେ ରବିବାର ଅନଶନ ଭାଙ୍ଗିଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ଆନ୍ଦୋଳନରତ ଚାଷୀଙ୍କ ବିଭିନ୍ନ ଦାବି ନେଇ ସରକାରଙ୍କ ଉପରେ ଚାପ ପକାଇବାକୁ ଗତବର୍ଷ ନଭେମ୍ବର ୨୬ରୁ ସେ ଆମରଣ ଅନଶନରେ ବସିଥିଲେ। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଶନିବାର ଡାଲେୱାଲଙ୍କୁ ଭେଟି ଅନଶନ ଭାଙ୍ଗିବା ପାଇଁ ନିବେଦନ କରିଥିଲେ। ପଞ୍ଜାବର ଫତେଗଡ଼ ସାହିବ ଜିଲାର ସିରହିନ୍ଦଠାରେ ଆୟୋଜିତ କିଷାନ ମହାପଞ୍ଚାୟତରେ ଡାଲେୱାଲ ଅନଶନ ଭାଙ୍ଗିବା ସମ୍ପର୍କରେ ଘୋଷଣା


ଜଗଜିତ୍ ସିଂ ଡାଲେୱାଲ

କରିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍ଏମ୍) ମିଳିତ ଫୋରମ୍‌ର ବରିଷ୍ଠ ନେତା ଡାଲେୱାଲ ଚାଷୀମାନଙ୍କୁ କହିଛନ୍ତି, ଆପଣମାନେ ମୋତେ ଅନଶନ ଭାଙ୍ଗିବା ପାଇଁ କହୁଥିଲେ। ଆପଣମାନଙ୍କ ଭାବନାକୁ ସମ୍ମାନ ଦେଇ ନିର୍ଦ୍ଦେଶକୁ ଗ୍ରହଣ କରୁଛି ବୋଲି ଡାଲେୱାଲ କହିଛନ୍ତି।

# ଦାନବାକ୍ସରୁ ଚୋରି: ବ୍ୟାଙ୍କ ଅଫିସର ଗିରଫ

ଲକ୍ଷ୍ନୌ,୬।୪

ଉତ୍ତରପ୍ରଦେଶର ବୃନ୍ଦାବନସ୍ଥିତ ବାଙ୍କେବିହାରୀ ମନ୍ଦିର ଦାନବାକ୍ସରୁ ପାଖାପାଖି ୧୦ ଲକ୍ଷ ଟଙ୍କା ଚୋରି ଅଭିଯୋଗରେ କାନାରା ବ୍ୟାଙ୍କ ମଥୁରା ଶାଖାର ଜଣେ ଅଫିସର ଗିରଫ ହୋଇଛନ୍ତି। ଅଭିଯୁକ୍ତ ଅଫିସରଙ୍କ ନାମ ଅଭିନବ ସାକ୍ସେନା ଓ ଘର ରାମପୁରରେ। ମାସିକ ଦାନ ଟଙ୍କା ଗଣତିବେଳେ ଅଭିନବ ନିଜ ପୋଷାକ ଭିତରେ ଟଙ୍କା ବଣ୍ଡଲ୍ ଲୁଚାଉଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଛି। ସେ ଟଙ୍କା ଲୁଚାଇବାବେଳେ ମନ୍ଦିର ସୁରକ୍ଷା ଟିମ୍ ନଜରରେ ପଡ଼ିଥିଲା। ସେମାନେ ପୋଲିସକୁ ଡାକିଥିଲେ। ପୋଲିସ ଅଭିନବଙ୍କଠାରୁ ୧,୨୮,୬୦୦ ଟଙ୍କା ଜବତ କରିଛି। ପୂର୍ବରୁ ୨ ଥର ଗଣତି ବେଳେ ସେ ୮,୫୫,୩୦୦ ଟଙ୍କା ଚୋରି କରିଥିବା ଜେରା ବେଳେ ସ୍ୱୀକାର କରିଛନ୍ତି। ମଥୁରାର ଅଶୋକା ସିଟିରେ ଥିବା ତାଙ୍କ ଘରୁ ଉକ୍ତ ଟଙ୍କାକୁ ଜବତ କରାଯାଇଛି।

# ଝଡ଼ବାତ୍ୟାରେ ୧୬ ମୃତ

ଡିୟର୍ସବର୍ଗ,୬।୪

ଆମେରିକାର ଦକ୍ଷିଣ ଓ ମଧ୍ୟପଶ୍ଚିମ ଅଞ୍ଚଳରେ ଶନିବାର ରାତିରୁ ଲାଗିରହିଥିବା ଝଡ଼ବାତ୍ୟା ଓ ଅଚାନକ ବନ୍ୟା ଯୋଗୁ ଅନ୍ୟୂନ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରବଳ ବର୍ଷା ଯୋଗୁ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ରହିଛି। ବାତ୍ୟା ଯୋଗୁ ଶନିବାର ୫୨୧ଟି ବିମାନ ଉଡ଼ାଣ ବାତିଲ ହୋଇଥିବାବେଳେ ୬,୪୦୦ରୁ ଊର୍ଦ୍ଧ୍ୱ ଉଡ଼ାଣ ବିଳମ୍ବିତ ହୋଇଥିଲା।

# ମାନସୀ 'ଇଣ୍ଡିଆନ୍ ଆଇଡଲ ୧୫' ବିଜେତା

ମୁମ୍ବାଇ, ୬।୪

ଲୋକପ୍ରିୟ ସଙ୍ଗୀତ ରିୟଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ୧୫'ର ବିଜେତା ହୋଇଛନ୍ତି କୋଲକାତାର ମାନସୀ ଘୋଷ (୨୪)। ରବିବାର ଅନୁଷ୍ଠିତ ହୋଇଥିବା ଶୋ'ର ଗ୍ରାଣ୍ଡ ଫିନାଲେ ସମାରୋହରେ ଶୁଭ୍ରଜିତ ଚକ୍ରବର୍ତ୍ତୀ ପ୍ରଥମ ରନର-ଅପ୍ ଓ ସ୍ନେହା ଶଙ୍କର ଦ୍ୱିତୀୟ ରନର-ଅପ୍ ହୋଇଛନ୍ତି। ଟାଇଟଲ ହାସଲ କରିଥିବା ମାନସୀଙ୍କୁ ଏକ ନୂତନ ବ୍ରାଣ୍ଡ କାର୍ ଏବଂ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି। ସୋନି-ଟିଭିର ଅଫିସିଆଲ ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରାଯାଇ କୁହାଯାଇଛି, ମାନସୀ କେବଳ 'ଇଣ୍ଡିଆନ୍ ଆଇଡଲ ୧୫'ର ଟାଇଟଲ ଜିତି ନାହାନ୍ତି ବରଂ ସେ ଅନେକ କୋଟି ଲୋକଙ୍କ ହୃଦୟରେ ରାଜ୍ କରିବାରେ ସଫଳ ହୋଇଛନ୍ତି। ମାନସୀ ଏହି ସଫଳତା ପାଇଁ ନିଜ ପରିବାରକୁ ଶ୍ରେୟ ଦେଇଛନ୍ତି। ଏହାସହ ସେ ତାଙ୍କର ପ୍ରଥମ ବଲିଉଡ୍ ଗୀତକୁ ରେକର୍ଡ କରିସାରିଥିବା ମାନସୀ କହିଛନ୍ତି। ପ୍ରକାଶ ଯେ, 'ଇଣ୍ଡିଆନ୍ ଆଇଡଲ ୧୫'କୁ ଗାୟକ ଆଦିତ୍ୟ ନାରାୟଣ ହୋଷ୍ଟ କରୁଥିବା ବେଳେ ପ୍ରସିଦ୍ଧ ସଙ୍ଗୀତଜ୍ଞ ବିଶାଲ ଡଡ୍‌ଲାନୀ, ଶ୍ରେୟା ଘୋଷାଲ ଏବଂ ରାପର ବାଦଶାହ ଏହି ରିୟଲିଟି ଶୋ' ଚଳିତ ସିଜନ୍‌ରେ ବିଚାରପତି ରହିଥିଲେ। ଗତବର୍ଷ ଅକ୍ଟୋବର ୨୬ରୁ 'ଇଣ୍ଡିଆନ୍ ଆଇଡଲ ୧୫' ଆରମ୍ଭ ହୋଇଥିଲା।


ଟ୍ରଫି ସହ ମାନସୀ ଘୋଷ।

# ରାମନବମୀ ଶୋଭାଯାତ୍ରାରେ ହିଂସା

କୋଲକାତା,୬।୪

**ଶ୍ରଦ୍ଧାଳୁଙ୍କୁ ଆକ୍ରମଣ, କାର୍ ଭଙ୍ଗାରୁଜା**




କୋଲକାତାର ପାର୍କ ସର୍କସ ସେଭେନ୍ ପଏଣ୍ଟ ଅଞ୍ଚଳରେ ରବିବାର ରାମନବମୀ ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଆକ୍ରମଣ କରିବାରୁ ଅନେକ ଶ୍ରଦ୍ଧାଳୁ ଆହତ ହେବା ସହ କେତେକ ଗାଡ଼ି ଭାଙ୍ଗିରୁଜି ଯାଇଛି। ଭାଜପା ପଶ୍ଚିମବଙ୍ଗ ଶାଖା ପକ୍ଷରୁ ଆକ୍ରମଣ ସମୟର ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରାଯିବା ସହ ଏଥିପାଇଁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରକୁ ଦାୟୀ କରାଯାଇଛି। ରାଜ୍ୟରେ ହିନ୍ଦୁଙ୍କ ପ୍ରତି ହେଉଥିବା ଟାର୍ଗେଟେଡ୍ ହିଂସା ରୋକିବାରେ ମମତା ବାନାର୍ଜୀ ସରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି। ରାମନବମୀ ଶୋଭାଯାତ୍ରା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ ମଧ୍ୟ ସେମାନେ ଅପରାଧୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି।

ଗତ ଶୁକ୍ରବାର ଉକ୍ତ ସ୍ଥାନରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ୱାକ୍‌ଫ ବିଲ୍ ବିରୋଧରେ ବିକ୍ଷୋଭ ଯୋଗୁ ସହରରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବିକ୍ଷୋଭକାରୀ ରାସ୍ତାରେ ଟାୟାର ଜାଳି ସ୍ୱାଭାବିକ ଜୀବନଯାତ୍ରାକୁ ଅଚଳ କରିଦେଇଥିଲାବେଳେ ପୋଲିସ ହସ୍ତକ୍ଷେପ କରି ନ ଥିଲା। ରବିବାର ପୁନର୍ବାର ହିନ୍ଦୁଙ୍କୁ ଟାର୍ଗେଟ କରାଯାଇଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିବା ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି। ଗୈରିକ ପତାକା ଲାଗିଥିବା ଗାଡ଼ିଗୁଡ଼ିକ ଉପରେ ଟେକାବର୍ଷା ହୋଇଥିଲା। ଫଳରେ ଅନେକ ଗାଡ଼ିର କାଚ ଭାଙ୍ଗିଯାଇଛି। କୋଲକାତାରେ ୭୦ରୁ ଊର୍ଦ୍ଧ୍ୱ ରାମନବମୀ ଶୋଭାଯାତ୍ରା ବାହାରିଥିବାରୁ ପ୍ରାୟ ୫,୦୦୦ ପୋଲିସ ମୁତୟନ ହେବା ସହ ସ୍ଥିତି ଉପରେ ନଜର ରଖିବା ଲାଗି ଡ୍ରୋନ୍ ଏବଂ ସିସିଟିଭି ଲଗାଯାଇଥିଲା। କେତେକ ସମ୍ବେଦନଶୀଳ ଅଞ୍ଚଳରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଟିମ୍‌କୁ ରଖାଯାଇଥିଲା। ରବିବାର ସକାଳୁ ସାରା ରାଜ୍ୟରେ ଶୋଭାଯାତ୍ରା, ଭକ୍ତି ସଙ୍ଗୀତ ଓ ଗୈରିକ ପତାକା ସହ ରାମାୟଣ ଦୃଶ୍ୟ ଥିବା ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିଥିବାବେଳେ ମାଲଦାର ରାମକ୍ରିଷ୍ଣପାଲି ମଇଦାନରୁ ବାହାରିଥିବା ଶୋଭଯାତ୍ରାରେ ଲୋକେ ଖୋଲାଖୋଲି ଖଣ୍ଡା ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ହଲାଉଥିବା ଦେଖାଯାଇଥିଲା। ହାଓ୍ୱଡ଼ାର ସଙ୍କରେଲରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି।

## ବାଇକ୍‌କୁ ଧକ୍କା ଦେଲା ହାଇଓ୍ୱା, ୨ ମୃତ

ସୋନପୁର,୬।୪(ମୃତ୍ୟୁଞ୍ଜୟ ଶତପଥୀ): ସୁବର୍ଣ୍ଣପୁର ଜିଲା ଖାରୀ-ବଲାଡି ରାସ୍ତାରେ ରବିବାର ଅପରାହ୍ଣରେ ଏକ ସଡକ ଦୁର୍ଘଟଣା ଘଟିଛି। ବଲାଡି ପୋଲ ନିକଟରେ ବାଇକ୍‌କୁ ଏକ ହାଇଓ୍ୱା ଧକ୍କା ଦେବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ତରଭା ଥାନା ବଲାଡି ଗାଁର ଦୁର୍ଯ୍ୟୋଧନ ସୁନା(୪୫) ଓ ଶିବନାରାୟଣ ସାହୁ(୩୫)। ଆହତ ଧୁରୁକୁଟୁ କଲତା(୫୭)ଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହାଇଓ୍ୱା ଡ୍ରାଇଭରଙ୍କ ବେପରୁଆ ଡ୍ରାଇଭିଂ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଡ୍ରାଇଭରଙ୍କୁ ଗିରଫ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ବଲାଡିଠାରେ ରାସ୍ତାରୋକୋ କରିଛନ୍ତି।



ଶ୍ରୀରାମ ନବମୀ ଅବସରରେ ରବିବାର ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ରାମମନ୍ଦିରରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ସସ୍ତ୍ରୀକ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# କୋଟିଆ ସରକାରୀ ଜମିରେ ପ୍ରକଳ୍ପ କରି ଲାଭ ଉଠାଉଛି ଆନ୍ଧ୍ର

ପଟ୍ଟାଙ୍ଗି, ୬।୪(ଶରତ କୁମାର ଧଳ)

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗ୍ରାମଗୁଡ଼ିକରେ ରହିଥିବା ସରକାରୀ ଜମିର ସୁରକ୍ଷା ରାଜସ୍ୱ ବିଭାଗର ଦାୟିତ୍ୱ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ସରକାରୀ ଜମିରେ ଆନ୍ଧ୍ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକରି ସୀମାନ୍ତବାସୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରୁଥିବା ଅଭିଯୋଗ ହେଉଛି। ଏହିସବୁ ଗ୍ରାମରେ ସେମାନେ ଉନ୍ନୟନ କାମ କରିବାକୁ କିଭଳି, କାହାଠାରୁ ଅନୁମତି ପାଉଛନ୍ତି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ସୁପ୍ରିମକୋର୍ଟ ୨ ରାଜ୍ୟକୁ ସ୍ଥିତାବସ୍ଥା ଜାରିକରିବା ସହ ପାର୍ଲାମେଣ୍ଟାରି କମିଟି ଦ୍ୱାରା ସୀମା ବିବାଦ ସମାଧାନ କରିବା ନେଇ ନିର୍ଦ୍ଦେଶ ଦେଇଥିବାବେଳେ ତାହା କାର୍ଯ୍ୟକାରୀ ହେଉ ନାହିଁ। ଏହାର ସୁଯୋଗ ନେଇ ପଡ଼ୋଶୀ ଆନ୍ଧ୍ର ଓଡ଼ିଶାର ସୀମାନ୍ତ ଗ୍ରାମରେ ନିୟମିତ ଅନୁପ୍ରବେଶ କରୁଥିବା ଅଭିଯୋଗ ହୋଇଛି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମଗୁଡ଼ିକରେ ଅନେକ ସରକାରୀ ଜମି ରହିଛି। ସେଠାରେ ପଡ଼ୋଶୀ ଆନ୍ଧ୍ରର ସରକାରୀ କର୍ମଚାରୀ, ଅଧିକାରୀ ନିୟମିତ ଅନୁପ୍ରବେଶକରି ଉକ୍ତ ଜମିଗୁଡ଼ିକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ରାଜସ୍ୱ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ କୋଟିଆ ପଞ୍ଚାୟତ ତାଡ଼ିବାଲସା, ଧୂଳିପଦର ଓ ଅନ୍ୟ ସୀମାନ୍ତ ଗ୍ରାମରେ ଆନ୍ଧ୍ର ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଇଛି। ତାଡ଼ିବାଲସାରେ ଆନ୍ଧ୍ର ସରକାରୀ ଜମି ଚିହ୍ନଟ କରି ସେଠାରେ ସ୍ଥାୟୀ ବିଦ୍ୟାଳୟ ସ୍ଥାପନ ସହ ପିଲାଙ୍କୁ ଶିକ୍ଷାଦାନ କରୁଛି। ଏପରିକି ଆନ୍ଧ୍ର ସରକାର ଧୂଳିପଦର ଗ୍ରାମରେ ୨୦ ହଜାର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ସାରିଛି। ଓଡ଼ିଶାର ରାଜସ୍ୱ ବିଭାଗର ଏଭଳି ନୀରବତା ପାଇଁ ଜିଲା ଏବଂ ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ିଛି।



ଧୂଳିପଦର ଗ୍ରାମରେ ଆନ୍ଧ୍ର ତିଆରି କରିଥିବା ପାଣିଟାଙ୍କି।

ପଟ୍ଟାଙ୍ଗି ତହସିଲରେ ୫ଟି ଆର୍‌ଆଇ ସର୍କଲ ରହିଛି। ୩ଟି ସର୍କଲରେ ସ୍ଥାୟୀ ରାଜସ୍ୱ ନିରୀକ୍ଷକ ଅଛନ୍ତି। କୋଟିଆ ପଞ୍ଚାୟତ ବା ସର୍କଲ ପାଇଁ କେହି ସ୍ଥାୟୀ ରାଜସ୍ୱ ନିରୀକ୍ଷକ ନ ଥିବାବେଳେ ଜଣେ ମାତ୍ର ଏଆର୍‌ଆଇ କାର୍ଯ୍ୟରତ ଅଛନ୍ତି। ପଟ୍ଟାଙ୍ଗି ସର୍କଲ ରାଜସ୍ୱ ନିରୀକ୍ଷକ କୋଟିଆ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଜଣାପଡ଼ିଛି। ସେହିପରି କୋଟିଆ ପଞ୍ଚାୟତକୁ ନେଇ ଲାଗି ରହିଥିବା ବିବାଦ ତଦାରଖ କରିବା ପାଇଁ ଜଣେ ସ୍ଥାୟୀ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ବିଭାଗରୁ ଜଣେ ପ୍ରଶାସନିକ ସ୍ତରର ଅଧିକାରୀଙ୍କୁ ଉକ୍ତ ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦେବା ଆବଶ୍ୟକ। ନ ହେଲେ ଏହିପରି ବିବାଦ ଲାଗି ରହିବ। ଏପରିକି ସମାଧାନର ବାଟ ବାହାରିବା ପରିବର୍ତ୍ତେ ପଡ଼ୋଶୀ ଆନ୍ଧ୍ର ତା'ର ଲକ୍ଷ୍ୟ ଜାରି ରଖିବ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରିବାରୁ କୋଟିଆ ପଞ୍ଚାୟତର ବିବାଦୀୟ ୨୧ ଖଣ୍ଡ ଗ୍ରାମରେ ରହିଥିବା ସରକାରୀ ଜମିର କୌଣସି ଖାତା ବା ପ୍ଲଟ୍ ନମ୍ବର ନାହିଁ। ତେଣୁ ସରକାରୀ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ହେଉନାହିଁ। ଉପରିସ୍ଥ ଅଧିକାରୀଙ୍କଠାରୁ ଯେପରି ନିର୍ଦ୍ଦେଶ ଆସୁଛି ସେହିପରି ପଦକ୍ଷେପ ଗ୍ରହଣ କରିବାକୁ ପଡୁଛି ବୋଲି ସେ ମତ ଦେଇଛନ୍ତି।

# ଟାର୍ଗେଟ ପୂରଣ ନ ହେବାରୁ କୁକୁର ଭଳି ବ୍ୟବହାର

## ଭିଡିଓ ଭାଇରାଲ ପରେ କେରଳ ଶ୍ରମବିଭାଗର ତନାଘନା

କୋଚି, ୬।୪



କେରଳର କୋଚିସ୍ଥିତ ପେରୁମ୍ବୁରରେ ଥିବା ଏକ ପ୍ରାଇଭେଟ ମାର୍କେଟିଂ କମ୍ପାନୀର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଖରାପ ପ୍ରଦର୍ଶନ କରିଥିବା ଜଣେ କର୍ମଚାରୀଙ୍କୁ ଅମାନବୀୟ ବ୍ୟବହାର କରାଯାଉଥିବାର ଦେଖିବାକୁ ମିଳିଛି। ଟାର୍ଗେଟ ପୂରଣ କରିପାରି ନ ଥିବାରୁ ତାଙ୍କୁ କୁକୁର ସଜାଇ ଆଣ୍ଠୁରେ ଚାଲିବାକୁ ବାଧ କରାଯାଉଛି। ଭାଇରାଲ ଭିଡିଓରେ ଉକ୍ତ ବ୍ୟକ୍ତିଙ୍କ ବେକରେ ଡଗ୍ କଲାର ଚେନ୍ ବନ୍ଧା ହୋଇଥିବା ବେଳେ ସେ ତାଙ୍କ ଆଣ୍ଠୁ ବଳରେ କୁକୁର ପରି ଚାଲୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଘଟଣାକୁ ନେଇ କେରଳ ଶ୍ରମ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାସହ ପୋଲିସ ଭାଇରାଲ ଭିଡିଓରେ ଥିବା କର୍ମଚାରୀଙ୍କ ବୟାନକୁ ମଧ୍ୟ ରେକର୍ଡ କରିଛି। ପୋଲିସ ସୂଚନା ଅନୁଯାୟୀ, ଭାଇରାଲ ହୋଇଥିବା ଭିଡିଓକୁ କମ୍ପାନୀର ଜଣେ ପୂର୍ବତନ ମ୍ୟାନେଜର ନିଜ ଫୋନ୍‌ରେ ଶୁଟ୍ କରିଛନ୍ତି। କମ୍ପାନୀ ମାଲିକଙ୍କ ସହ ତାଙ୍କର ପୁରୁଣା ତିକ୍ତତା ରହିଛି। ସେ କମ୍ପାନୀର କିଛି ନୂଆ ଟ୍ରେନିଂ କର୍ମଚାରୀଙ୍କ ସହ ଏହି ଭିଡିଓକୁ ଶୁଟ୍ କରିଥିବା ପୋଲିସ କହୁଛି।

ଅନ୍ୟପକ୍ଷରେ, କମ୍ପାନୀର କେତେଜଣ କର୍ମଚାରୀ ରବିବାର ଏକ ସ୍ଥାନୀୟ ଟିଭି ଚ୍ୟାନେଲକୁ କହିଛନ୍ତି, ଯେଉଁ କର୍ମଚାରୀମାନେ ଟାର୍ଗେଟ ପୂରଣରେ ବିଫଳ ହୁଅନ୍ତି, ସେମାନଙ୍କୁ କମ୍ପାନୀ ମ୍ୟାନେଜମେଣ୍ଟ ପକ୍ଷରୁ ଏହି ପ୍ରକାରର ବିଭିନ୍ନ ଅମାନବୀୟ ଦଣ୍ଡ ଦିଆଯାଏ। ତେବେ ରବିବାର ଘଟଣାକୁ ନେଇ ଏକ ନୂଆ ମୋଡ଼ ମଧ୍ୟ ସାମ୍ନାକୁ ଆସିଛି। ଭାଇରାଲ ଭିଡିଓରେ ନିର୍ଯାତିତ ହେଉଥିବା ବ୍ୟକ୍ତି ଜଣକ ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି, ତାଙ୍କୁ କମ୍ପାନୀ ପକ୍ଷରୁ କୌଣସି ନିର୍ଯାତନା ଦିଆଯାଇ ନାହିଁ। ସେ ଏବେ ମଧ୍ୟ ଉକ୍ତ କମ୍ପାନୀରେ କାମ କରୁଛନ୍ତି। ଭାଇରାଲ ଭିଡିଓଟି ୪ ମାସ ତଳର। ଏହି ଭିଡିଓକୁ କମ୍ପାନୀର ତତ୍କାଳୀନ ମ୍ୟାନେଜର ଜବରଦସ୍ତ ପ୍ରସ୍ତୁତ କରିଥିଲେ। ପରେ କମ୍ପାନୀ ମ୍ୟାନେଜମେଣ୍ଟ ପକ୍ଷରୁ ତାଙ୍କୁ ବାହାର କରି ଦିଆଯାଇଥିଲା, ଫଳରେ ଏବେ ସେ କମ୍ପାନୀ ମାଲିକଙ୍କୁ ବଦ୍‌ନାମ କରିବା ପାଇଁ ଉକ୍ତ ଭିଡିଓକୁ ଶେୟାର କରିଛନ୍ତି। ସେ ପୋଲିସ ଏବଂ ଶ୍ରମ ବିଭାଗର ଅଧିକାରୀଙ୍କୁ ଦେଇଥିବା ବୟାନରେ ମଧ୍ୟ ସମାନ କଥା କହିଛନ୍ତି। ଘଟଣାକୁ ନେଇ କେରଳର ଶ୍ରମମନ୍ତ୍ରୀ ଭି. ଶିଭନକୁଟ୍ଟି କହିଛନ୍ତି, ଭାଇରାଲ ଭିଡିଓଟି ଆଶ୍ଚର୍ଯ୍ୟକର ଏବଂ ହୃଦୟ ବିଦାରକ ମଧ୍ୟ। ଏପରି ଅମାନବୀୟ କାର୍ଯ୍ୟକୁ କେରଳ ପ୍ରଶ୍ରୟ ଦେବ ନାହିଁ। ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେରଳ ହାଇକୋର୍ଟର ଆଇନଜୀବୀ କୁଲଥୁର ଜୟସିଂଙ୍କ ଅଭିଯୋଗ ଆଧାରରେ ରାଜ୍ୟ ମାନବାଧିକାର ଆୟୋଗ ଘଟଣାକୁ କେନ୍ଦ୍ର କରି ଏକ ମାମଲା ରୁଜୁ କରିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୪୦ ଆହତ

କେନ୍ଦୁଝର,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ନୟାକୋଟ ଥାନା ବଂଶପାଳ ନିକଟରେ ରବିବାର ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିଛି। ଦୁର୍ଘଟଣାରେ ଚାଳକଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ଆହତମାନେ ଅନୁଗୋଳ ଜିଲାର ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ପାଲଲହଡ଼ା ଅଞ୍ଚଳ ରଡ଼ା ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଲୋକେ ପିକ୍‌ଅପ୍ ଭ୍ୟାନ୍ ଯୋଗେ କେନ୍ଦୁଝର ବାଂଶପାଳ ବ୍ଲକ ତଳଯାଗର ଗାଁକୁ ଏକ ଭୋଜିରେ ଯୋଗଦେବାକୁ ଆସୁଥିଲେ। ବାଂଶପାଳ ଆଇଟିଆଇ ନିକଟରେ ପିକ୍‌ଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଗାଡ଼ିରେ ଥିବା ମହିଳା ଓ ପୁରୁଷ ରାସ୍ତାରେ ଛିଟିକି ପଡ଼ି ଆହତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣ ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡ଼ି ଜବତ କରି ଘଟଣାର ଅନୁଧ୍ୟାନ କରୁଛି। ନୟାକୋଟ ଥାନା ଅଧିକାରୀ କହିଛନ୍ତି, ଆହତମାନେ ଚିକିତ୍ସାଧୀନ ଅଛନ୍ତି। କେହି ସଙ୍କଟାପନ୍ନ ନାହାନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରାଯାଇ ତଦନ୍ତ ଚାଲିଛି।

# ଅନୁକୂଳ ହେଲା ରଥକାଠ ଚିରଟ



ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ପାଇଁ ପୂଜାର୍ଚ୍ଚନା କରାଯାଉଛି।

କଟକ/ପୁରୀ,୬।୪
(ଶିଳ୍ପା ପ୍ରିୟଦର୍ଶିନୀ/ଅଜିତ ମହାନ୍ତି)

ଆସନ୍ତା ଜୁନ୍ ୨୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଅକ୍ଷୟତୃତୀୟାରୁ ୩ ରଥର ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ରବିବାର କଟକ ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁ ଦିନ ରଥର କ'ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ର ନାଥ ଭୋଇ, ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ପ୍ରମୁଖ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ରବିବାର ଅପରାହ୍ନ ୧୨ଟା ୩୦ରେ ଖପୁରିଆ ସ' ମିଲ୍‌ରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା। ରଥ ନିର୍ମାଣ ପାଇଁ ପ୍ରାୟ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଛି। ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ଓ ଖୋର୍ଦ୍ଧା ବନଖଣ୍ଡରୁ କାଠ ଆସିଛି। ପ୍ରତିଦିନ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଏହି କାଠ ଚିରା କାମ ଚାଲିବ। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାମନବମୀରେ ରୀତିନୀତି ଅନୁଯାୟୀ ପ୍ରଥମ କାଠ ଚିରଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, କଟକ ମହାନଗର ନିଗମ ୫୦ ନମ୍ବର ଓ୍ୱାର୍ଡର କର୍ପୋରେଟର ସନ୍ତୋଷ ଭୋଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୩୦ ଫୁଟ୍ କୂଅକୁ ଖସିପଡ଼ିଲେ ନାବାଳିକା

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ରବିବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ଥିବା ଏକ ୩୦ଫୁଟ କୂଅ ଭିତରକୁ ଜଣେ ୧୩ବର୍ଷର ନାବାଳିକା ଖସିପଡ଼ିଥିଲେ। ଜଣେ ସମ୍ପର୍କୀୟ ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ କୂଅ ଭିତରକୁ ପଶିଥିଲେ। କିନ୍ତୁ ଉଭୟ କୂଅ ଭିତରୁ ବାହାରି ପାରି ନ ଥିଲେ। ଖବର ପାଇ ଢେଙ୍କାନାଳ ଅଗ୍ନିଶମ ବାହିନୀ ସଦସ୍ୟ ପହଞ୍ଚି ନାବାଳିକା ଓ ତାଙ୍କ ସମ୍ପର୍କୀୟଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ବଦଳିଲା ସରକାରଙ୍କ ଖର୍ଚ୍ଚ ନୀତି

## ସବୁ ବିଭାଗ ଆପଣାଇବେ ସିଏମ୍‌ଏସ୍

ଭୁବନେଶ୍ୱର,୬।୪(ରବିନାରାୟଣ ଜେନା)

ରାଜ୍ୟର ବିକାଶ କିଭଳି ତ୍ୱରାନ୍ୱିତ ହୋଇପାରିବ ଏବଂ ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ ହୋଇପାରିବ ତାକୁ ନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଂସ୍କାର ନୀତି ଅଣାଯାଇଛି। ପୂର୍ବ ସରକାର ଅମଳରେ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଥିବା ଖର୍ଚ୍ଚ କ୍ଷମତାକୁ ବୃଦ୍ଧି କରାଯିବା ସହିତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥ କିଭଳି ସିଧାସଳଖ ଖର୍ଚ୍ଚ ହେବ ଏବଂ ଏଥିରେ ସ୍ୱଚ୍ଛତା ରହିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି।

ଏନେଇ ଗତ ୩୦ ତାରିଖରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସବୁ ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଥିବା ନୂତନ ମାର୍ଗଦର୍ଶିକା ଅନୁଯାୟୀ, ପୂର୍ବରୁ ୨୦ଟି ବିଭାଗ କ୍ୟାଶ୍ ମ୍ୟାନେଜମେଣ୍ଟ ସିଷ୍ଟମ(ସିଏମ୍‌ଏସ୍) ଅଧୀନରେ ଆସୁଥିବାବେଳେ ଏବେ ସବୁ ବିଭାଗ ଏହା କରିପାରିବେ। ତୃତୀୟ ତ୍ରୈମାସିକ ସୁଦ୍ଧା ବଜେଟ ଅଟକଳର ଖର୍ଚ୍ଚ କ୍ଷମତା ୬୦ ପ୍ରତିଶତ ୨୦ଟି ବିଭାଗକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହା ସବୁ ବିଭାଗ ପାଇଁ ଲାଗୁ ହେବ। ଶାଶ୍ୱତ ଦର୍ଶାଇଛନ୍ତି ଯେ, ପୂର୍ବରୁ ପ୍ରଶାସନିକ ବିଭାଗଗୁଡ଼ିକ ଟଙ୍କା ପରିଚାଳନା ପଦ୍ଧତିରେ ଆସୁ ନ ଥିଲେ। ସେମାନଙ୍କ ଅନୁଦାନ କ୍ଷମତା ୧୫କୋଟି ରହିଥିବାବେଳେ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ କ୍ଷମତା ୩୦କୋଟି ଟଙ୍କା ଭିତରେ ଥିଲା। ହେଲେ ନୂତନ ମାର୍ଗଦର୍ଶିକା ଅନୁଯାୟୀ, ସବୁ ବିଭାଗ ଏଣିକି ୨୫କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଖର୍ଚ୍ଚ ଦେଇପାରିବେ ଏବଂ ୫୦କୋଟି ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ କରିପାରିବେ।

ବିଶେଷକରି ଏବେ ରାଜ୍ୟର ବିପର୍ଯ୍ୟୟ ସମୟରେ ସରକାରଙ୍କ ଜନହିତକର ଯୋଜନା ବାବଦ ଅର୍ଥ ବନ୍ଦ ହେବନାହିଁ। ସିଧାସଳଖ ହିତାଧିକାରୀଙ୍କ ଖାତାକୁ ଯିବ। ସେଥିମଧ୍ୟରେ ସୁଭଦ୍ରା, ମୁଖ୍ୟମନ୍ତ୍ରୀ କିଷାନ ସମୃଦ୍ଧ କୃଷକ ଯୋଜନା, ବସୁଧା, ମମତା, ମଧୁବାବୁ ପେନ୍‌ସନ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଅନ୍ତର୍ଭୁକ୍ତ। ତେବେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ସିଙ୍ଗଲ ନୋଡାଲ ଆକାଉଣ୍ଟ(ଏସ୍‌ଏନ୍‌ଏ) ମାଧ୍ୟମରେ ପରିଚାଳିତ ହେବ। ଏହି ସମୟରେ ଜଷ୍ଟ ଇନ୍ ଟାଇମ୍ ଫଣ୍ଡିଂ ସିଷ୍ଟମକୁ ଅନୁକରଣ କରିବାକୁ ପଡ଼ିବ। ଭେଣ୍ଡରମାନଙ୍କୁ ଓ୍ୱାମୀସ୍ ମାଧ୍ୟମରେ ସବୁ ଟଙ୍କା ଦେଣନେଣ କରାଯିବ। ସେହିପରି ବଜେଟ ଅଟକଳ ଅର୍ଥ କୌଣସି ପ୍ରକାରେ ସିଭିଲ ଡିପୋଜିଟ୍ ତଥା କୌଣସି ବ୍ୟାଙ୍କରେ ପାର୍କିଂ କରାଯାଇ ପାରିବ ନାହିଁ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି।




**ଆଜିର ମନ୍ତବ୍ୟ**
"ୱାକ୍ଫ ବୋର୍ଡକୁ ନିୟନ୍ତ୍ରଣ କରିବାକୁ କେନ୍ଦ୍ର ଚାହେଁନାହିଁ, କିନ୍ତୁ ସେଗୁଡ଼ିକ ଆଇନ ଅନୁଯାୟୀ ପରିଚାଳିତ ହେବା ଆବଶ୍ୟକ, ଯଦ୍ୱାରା ଏହାର ସମ୍ପତ୍ତି ମୁସଲମାନ ସମ୍ପ୍ରଦାୟ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବାର ଉନ୍ନତି ଏବଂ ନିଯୁକ୍ତି ସୃଷ୍ଟିରେ ବିନିଯୋଗ ହୋଇପାରିବ। -ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧକ୍ଷ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଯୋଗ ମହୋତ୍ସବ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୬ଟା।
- ୭୩ତମ ଅଲ୍ ଇଣ୍ଡିଆ ପୋଲିସ ହକି ଚାମ୍ପିୟନଶିପ, ସ୍ଥାନ: ଓଏସ୍ଏପି ୭ମ ବାଟାଲିଅନ, ସମୟ: ସକାଳ ୮ଟା ୩୦।
- ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମୂହ ବ୍ରତୋପନୟନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ବିନ୍ଦୁ ସାଗର ପଶ୍ଚିମପଟ, ପୁରୁଣା ଭୁବନେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କାଠି କଣ୍ଢେଇ ନୃତ୍ୟ, ସ୍ଥାନ: ମୁକ୍ତ ମଞ୍ଚ, ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ରଙ୍କ ୨୧ତମ ଜୟନ୍ତୀ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିଗିରିଆ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## ପୁରୀ
- ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ନୃତ୍ୟାଞ୍ଜଳି' କାର୍ଯ୍ୟକ୍ରମ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା,
- ସାହିଯାତ ଅବସରରେ ମାଟିମଣ୍ଡପ ସାହିର ମେଳ ପ୍ରଦର୍ଶନ, ସ୍ଥାନ: କାଳୀକାଦେବୀ ସାହି, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଶ୍ରୀରାମଚରିତ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୬ଟା।
- ମା' ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା।
- ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ନାଟ୍ୟ ଉତ୍ସବ, ସ୍ଥାନ: ବାଘମାରୀ ତଳସାହି, ସମୟ: ରାତି ୮ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ:ସକାଳ ୭ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ଦଶମୀ ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପ୍‌ସା,ସମୟ:ସକାଳ ୮ଟା।
- ମା' ବାସନ୍ତୀ ଦୁର୍ଗା ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ:କୁଳିଗାଁ କଲେଜ ପଡ଼ିଆ, ରେମୁଣା,ସମୟ:ଦିବସବ୍ୟାପୀ।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନସିପ୍ ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ସ୍ପୋର୍ଟସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର,ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମଠସାହି ୟୁଜିଏମ୍ଇ ସ୍କୁଲ, ଭଦ୍ରକ, ସମୟ: ସକାଳ ୬ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।

- ବିଜୟା ଦଶମୀ ଶୋଭାଯାତ୍ରା, ସ୍ଥାନ: ତିହିଡ଼ି, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ବାସନ୍ତୀ ପୂଜା ଉପଲକ୍ଷେ ଅପରାଜିତା ପୂଜା,ସ୍ଥାନ:ବିମଳା ମନ୍ଦିର, ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ମୋରଡ଼ା,ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ୫୨ତମ ମା' ବାସନ୍ତୀଙ୍କ ଦଶମୀ ପୂଜା, ସ୍ଥାନ:ଭୀମଦା, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ମା' ଭୈରବୀଙ୍କ ପୀଠରେ ଦଶମୀ ପୂଜା, ସ୍ଥାନ: ମଧୁବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ୧୩ତମ ମା' ବାସନ୍ତୀଙ୍କ ଦଶମୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର, ବାଘଡ଼ାରୋଡ୍, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଜିଲା ଓକିଲ ସଂଘ ନିର୍ବାଚିତ ସଦସ୍ୟଙ୍କ ଶପଥ ପାଠ, ସ୍ଥାନ: ଅସ୍ଥାୟୀ ଓକିଲ ସଂଘ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ପଞ୍ଚୁଦଣ୍ଡ ମହାମିଳନ,ସ୍ଥାନ: ତାକରଡା, ବୁଗୁଡା, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ
- ସଚେତନ ନାଗରିକ ଫୋରମ ପକ୍ଷରୁ ବରା ଦିବସ, ସ୍ଥାନ: ହୋଟେଲ ସୂର୍ଯ୍ୟ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ବରା ଦିବସ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ସନ୍ଧ୍ୟା ସାଢେ ୫ଟା।
- ବଜରଙ୍ଗ କ୍ଲବ ପକ୍ଷରୁ ବରା ଦିବସ, ସ୍ଥାନ: ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିର, ସମୟ: ସନ୍ଧ୍ୟା ସାଢେ ୫ଟା।

## ଜଗତ୍‌ସିଂହପୁର
- ପାରାଦୀପ ପୌରପରିଷଦ ପକ୍ଷରୁ ଓଡ଼ିଆ ପକ୍ଷ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ୧୦ ନଂ ୱାର୍ଡ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ମା' ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା' ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ନାଉକୋଣା, ରାଜନଗର, ସମୟ: ସକାଳ ୬ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା ୩୦ ମିନିଟ।
- ଧନୁର୍ଜୟ ବିଶ୍ୱାଳ ଟ୍ରଷ୍ଟର ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବସପୁର, ଚଉଦକୁଲାଟ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମା'ବାସନ୍ତୀ ଦୁର୍ଗାପୂଜା, ସ୍ଥାନ: ଓଳିହା, ଦେଉଳିପଡା, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ, ସ୍ଥାନ: ଦେବ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଟାଟା ମେଡିକା ହସ୍ପିଟାଲ, ସମୟ : ସକାଳ ୭ଟା।
- ଓଡ଼ିଶା ପକ୍ଷ ପାଳନର ୭ମ ଦିବସରେ ବର୍ଣ୍ଣବୋଧ ଉତ୍ସବ, ସ୍ଥାନ: ଯାଜପୁର ସରକାରୀ ବାଳିକା ବିଦ୍ୟାଳୟ, ବୈଦରାଜପୁର ଓ ଗରିଆପୁର ପ୍ରାଥମିକ ସ୍କୁଲ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ୧୦ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ: ଯାଜପୁର ରୋଡ ଚାନ୍ଦମା କାଳି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ବିଶ୍ୱଶାନ୍ତି ଗୀତା ମହାଯଜ୍ଞର ଉଦ୍‌ଯାପନୀ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କ ରାମଜନ୍ମ ଉତ୍ସବ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗରର ରଘୁନାଥ ମନ୍ଦିର, ସମୟ: ସକାଳ ୮ଟା।
- ୭ ଦିନିଆ ଦଣ୍ଡପର୍ବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ସକାଳ ୮ଟା।
- ୧୫ ଦିନିଆ ଦଣ୍ଡପର୍ବର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା
- ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା, ସ୍ଥାନ: ମୁନିଗୁଡ଼ାସ୍ଥିତ ମୁନିଖୋଲ ନାଳରୁ ଶିରିଡି ସାଇ ମନ୍ଦିର, ସମୟ: ସକାଳ ୬ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି, ସମୟ: ସକାଳ ୭ ଟା।
- ମାଁ ଭୈରବୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: ବିଷମ କଟକ ବ୍ଲକ ଚାଚରାଗୁଡ଼ା ପଞ୍ଚାୟତ ଗରୁଡ଼ଗୁଡା ଗ୍ରାମ, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା , ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ବହି ବଣ୍ଟନ, ସ୍ଥାନ: ଡାବୁଗାଁ ବ୍ଲକ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର, ସମୟ: ପୂର୍ବାହ୍ନ ୯ଟା।
- ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଲକଡ଼ିପଲ୍ଲୀସ୍ଥିତ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ପାଣି ପମ୍ପ ସେଟ ବଣ୍ଟନ, ସ୍ଥାନ: ଉମରକୋଟ ବ୍ଲକ କୃଷି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସିଏମ୍ ଟ୍ରଫି, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ୍, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ପାଡୁଆ, ସମୟ: ସକାଳ ୭ଟା।
- ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ମା' ବିମଳା ମନ୍ଦିର, କୋରାପୁଟ, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ବନ୍ଧୁଗାଁ ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗୁଣ୍ଡାପୁଟ ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡା ବ୍ଲକ, ସମୟ: ପୂର୍ବାହ୍ନ୧୦ଟା।

- ପ୍ରଥମ ଦକ୍ଷିଣାଞ୍ଚଳ ନାଟକ ଉତ୍ସବ ଶୁଭାରମ୍ଭ, ସ୍ଥାନ: ସାଂସ୍କୃତିକ ପରିଷଦ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି
- ଜିଲା ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ ଅପରାହ୍ନ ୨ ଟା ।
- ଇଣ୍ଟର ବ୍ଲକ ଫୁଟବଲ ଚାମ୍ପିୟନସିପ୍ ଉଦ୍‌ଘାଟନ , ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, ମାଲକାନଗିରି, ସମୟ: ଅପରାହ୍ନ ୩ଟା ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ଉତ୍ସବ, ସ୍ଥନ: ସିନ୍ଧ୍ରିମାଳ କସ୍ତୁରବା ବାଳିକା ବିଦ୍ୟାଳୟ, ସମୟ.:ସକାଳ ୮ଟା ।
- ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟ ଚାଷ ସମ୍ବନ୍ଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସତୀଗୁଡା, ସମୟ: ପୂର୍ବାହ୍ନ ୧୦ ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସକାଳ ୯ଟା।
- ଶ୍ରୀରାମ ନବମୀ ଉତ୍ସବରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ସକାଳ ୯ଟା ୩୦।
- ଗୁଦଗୁଦା ମହୋତ୍ସବ, ସ୍ଥାନ: କୁଚିଣ୍ଡା କଲେଜ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦଘାଟନ, ସ୍ଥାନ: ପାଣ୍ଡ୍ରିପାଣି, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ବନଦୁର୍ଗା ମହୋତ୍ସବ ଉଦ୍‌ଘାଟନ,ସ୍ଥାନ: ସୁକ୍‌ତେଲ ଡ୍ୟାମ ନିକଟ, ମାଗୁରବେଡା, ବଲାଙ୍ଗୀର, ସମୟ: ଅପରାହ୍ଣ ୫ଟା।
- ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳାର ଶୁଭାରମ୍ଭ, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ରାତି ୧୦ଟା ।

## ରାଉରକେଲା
- ସଙ୍ଗୀତ କଳା କର୍ମଶାଳା, ସ୍ଥାନ: ସେକ୍ଟର–୬, ସମୟ: ସକାଳ ୭ଟା।
- ବାସନ୍ତିକ ନବରାତ୍ର ଦଶମୀ ପୂଜା, ସ୍ଥାନ: ସେକ୍ଟର–୩ ପଡ଼ିଆ, ସମୟ: ସକାଳ ୭ଟା।
- ବାସନ୍ତୀ ଦୁର୍ଗାପୂଜା ଉପଲକ୍ଷେ ଦଶହରା ପୂଜା ଓ କଳସ ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ସେକ୍ଟର–୩, ସମୟ: ସକାଳ ୮ଟା।
- ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ବାଦୀପାଲାର ୪ର୍ଥ ଦିବସ ସ୍ଥାନ: ସେକ୍ଟର–୬, ସମୟ: ସନ୍ଧ୍ୟା ୬ଟା ୩୦।
- ବିଜୁ ପଟ୍ଟନାୟକ ଫୁଟବଲ ମେମୋରିଆଲ ଟୁର୍ନାମେଣ୍ଟ, ସ୍ଥାନ: ବିର୍ସାମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କାର୍ଯ୍ୟକ୍ରମ,ସ୍ଥାନ:ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ, ସମୟ:ପୂର୍ବାହ୍ନ୧୧ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ପଣ୍ଡିତ ଗୌରହରି ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ,ସ୍ଥାନ:ରାମଜୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚମୁଖୀ ହନୁମାନ ମନ୍ଦିର ଆଖଡା କମିଟି ପକ୍ଷରୁ ଆଖଡା ଶୋଭାଯାତ୍ରା,ସ୍ଥାନ:ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର, ସମୟ:ଅପରାହ୍ନ ୪ଟା।

## ବରଗଡ଼
- ଦଶମୀ ବିହିତ ପୂଜା, ଚଣ୍ଡୀ ହବନ, ସ୍ଥାନ: ଦୁର୍ଗା ମନ୍ଦିର, ସୋହେଲା,ସମୟ: ସକାଳ ୭ଟା।
- ଚିଫ ମିନିଷ୍ଟର କପ ଫୁଟବଲର ଉଦ୍‌ଘାଟନୀ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼, ସମୟ:ଅପରାହ୍ନ ୩ଟା ୩୦ମିନିଟ
- ଜିଲା ଭାରତ ସ୍କାଉଟସ, ଗାଇଡ୍ସ କ୍ୟାମ୍ପୋରୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସରକାରୀ ହାଇସ୍କୁଲ, ଭଟଲି, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଜିଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଉଦଘାଟନ, ସ୍ଥାନ:ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲ, ସମୟ:ପୂର୍ବାହ୍ନ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ,ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ଅଫିସ,ସମୟ:ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱିତୀୟ ଦିବସ ନାଟକ ବାଲ୍ୟଲୀଳା, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା ।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱିତୀୟ ଦିବସ ନାଟକ ସୀତା ଜନ୍ମ ଓ ତାଡକା ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା ।

## ଦେବଗଡ଼
- ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ଼, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ କ୍ଲବ୍ ଜିଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିୟନଶିପ୍ ଫର୍ ସିଏମ୍ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ନବମୀ ମହୋତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ଓ ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ମାଉଳି ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କମିରା, ସମୟ: ସକାଳ ୭ଟା୩୦।
- ଓଡ଼ିଆ ପକ୍ଷ ପାଳନ ଅବସରରେ ସୋନପୁରରେ ବର୍ଣ୍ଣବୋଧ ଉତ୍ସବ, ସ୍ଥାନ: ସୁରେଶ୍ୱରୀ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ତରଭା ବ୍ଲକ ନକଟିକନା ଗାଁରେ ରାମଲୀଳାର ଦ୍ୱିତୀୟ ସନ୍ଧ୍ୟା ଓ ସୀତା ବିବାହ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।

## ନୂଆପଡ଼ା
- ଷୋହଳ ପ୍ରହରୀ ଅଖଣ୍ଡ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡ଼ିଆଳ ବ୍ଲକ ନେହେନା ଗାଁ, ସମୟ: ପ୍ରାତଃ ୫ଟା।
- ବର୍ଣ୍ଣବୋଧ ବହି ପ୍ରଦାନ ଉତ୍ସବ, ସ୍ଥାନ:ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ନୂଆପଡ଼ା, ସମୟ: ସକାଳ ୭ଟା।

## ଝାରସୁଗୁଡ଼ା
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଦେଓପାଳି ଯଜ୍ଞ ମଣ୍ଡପ, ସମୟ: ସକାଳ ୭ଟା।
- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୌଣସି କାମ ଆରମ୍ଭ କଲେ ମଧ୍ୟ ତାହା ପ୍ରତିବନ୍ଧକ ମଧ୍ୟରେ ଅଟକି ଯାଇପାରେ। ଏକ ସାଧାରଣ ଘଟଣାରୁ ପରିସ୍ଥିତି ବିଗିଡି ଯାଇଥିବା କାରଣରୁ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖି ଚିନ୍ତିତ ରହିବେ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଆଶା ଅନୁଯାୟୀ ସଫଳତା ମିଳିବ।

**ବୃଷ** ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ସହ ସନ୍ତାନଙ୍କ ପାଇଁ ଥିବା ଦୁଶ୍ଚିନ୍ତା ଦୂର ହୋଇଯିବ। ଆଜିର ଗ୍ରହସଂଯୋଗ କର୍ମାରମ୍ଭ ପାଇଁ ଅନୁକୂଳ ରହି ନ ପାରେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଅଫିସରେ ପ୍ରକାଶନ, ଏଜେନ୍ସିପ୍, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ।

**ମିଥୁନ** ପଦାଧିକାରୀଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, କାର୍ଯ୍ୟସିଦ୍ଧି, ପାରିବାରିକ ସୌଖ୍ୟ ଲାଭ କରିବେ। ଫାଇଦା ହାସଲ ପାଇଁ ବନ୍ଧୁ ଫନ୍ଦିଫିକର କରିବାକୁ ମନ ବଳାଇବେ। ସଭାସମିତି, ଆନୁଷ୍ଠାନିକ କ୍ଷେତ୍ର କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଦୋକାନ ପ୍ରଭୃତିରୁ ଲାଭବାନ ହେବେ।

**କର୍କଟ** ଆପଣଙ୍କୁ ନୂତନ ନିଯୁକ୍ତି, ଆଶା କରିଥିବା ଲୋନ୍, ଶତ୍ରୁତାର ସମାଧାନଜନିତ ଶୁଭଫଳ ମିଳିବ। ସ୍ଥଗିତ କାମଗୁଡିକ ସୁରୁଖୁରୁରେ ହୋଇଯିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ରବିଙ୍କ ସୁପ୍ରଭାବରୁ ଆର୍ଥିକ ଦିଗଟି ଭଲ ରହିବା ସହ ବିଶିଷ୍ଟ ବକ୍ତିଙ୍କ ଅନୁକମ୍ପା ଲାଭ କରାଇବ। କିନ୍ତୁ ଦୈହିକ ଦୁର୍ବଳତା ଯୋଗୁ ଦେହ ଓ ମନ କମ୍‌ଜୋର ରହିବ।

**ସିଂହ** ଆଜି ଆପଣଙ୍କୁ ଏକାଧାରରେ ଅର୍ଥପ୍ରାପ୍ତି , କାର୍ଯ୍ୟସିଦ୍ଧି, ବନ୍ଧୁମିଳନ, ନୂତନ ମୈତ୍ରୀ ଲାଭ କରାଇବ। ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ଦୂରଯାତ୍ରା କରିବାକୁ ବାଧ ହେବେ। ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। ବନ୍ଧୁ କିମ୍ବା ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହୋଇପାରେ।

**କନ୍ୟା** ଆଜି କର୍ମକ୍ଷେତ୍ରରେ କୌଣସି ବିବାଦୀୟ ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି ପୂର୍ବ ପରି ରହିବ ଏବଂ କୌଣସି ପରିବର୍ତ୍ତନର ଲକ୍ଷଣ ଦେଖି ପାରିବେ ନାହିଁ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ପାଇଁ ବ୍ୟସ୍ତତା ଅନୁଭବ କରିବେ। ପିଲାମାନଙ୍କ ଉଚ୍ଚ ଶିକ୍ଷା ସକାଶେ ପରିବାରରେ ଆଲୋଚନା କରିପାରନ୍ତି।

**ତୁଳା** ମୁହଁ ସାମ୍ନାରେ ପ୍ରଶଂସା କରି ପରୋକ୍ଷରେ ସମାଲୋଚନା କରୁଥିବା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ। କାମ ହାସଲ କରି ଯେତିକି ଖୁସି ହେବେ, ପରିବାରରେ ଅଶାନ୍ତିର ବାତାବରଣରୁ ସେତିକି ଦୁଃଖୀ ହେବେ। ଶୁକ୍ରଙ୍କ ପ୍ରଭାବରେ ସାହିତ ଚର୍ଚ୍ଚା, କଳା, ସାହିତ୍ୟ, ଗବେଷଣା କାର୍ଯ୍ୟରେ ପ୍ରଶଂସିତ ହେବେ।

**ବିଛା** ଲଘୁକ୍ରୋଧରୁ ଆପଣଙ୍କ କଠୋର ବ୍ୟବହାର କୌଣସି ବନ୍ଧୁଙ୍କ ମନକୁ ଆଘାତ ଦେଇପାରେ। ଆଜିର କର୍ମକ୍ଷେତ୍ରରେ ବହୁତ ଝଗଡା ମଧ୍ୟ ଦେଇ କାମଗୁଡିକ ସମ୍ପନ୍ନ ହେବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। ପରିବାରରେ ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ଜୀବନଚର୍ଯ୍ୟା ସ୍ୱାଭାବିକ ରହିପାରେ।

**ଧନୁ** ପାରିବାରିକ ଜୀବନରେ ଉନ୍ନତି ସାଙ୍ଗକୁ ସମସ୍ୟାର ସମାଧାନ କରିବେ। ସାଂଗଠନିକ କ୍ଷେତ୍ର, ପ୍ରଶାସନିକ ଆଲୋଚନା, ସଙ୍ଗୀତର ଆସରରେ ସମୟ କଟାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ନିଜ ଲୋକଙ୍କ ଉପରେ ପୂର୍ଣ୍ଣଭରସା କରିପାରିବେ ନାହିଁ। ବନ୍ଧୁଙ୍କ ଜରିଆରେ ହଜି ଯାଇଥିବା ଜିନିଷର ଖୋଜଖବର ପାଇପାରନ୍ତି।

**ମକର** ଆପଣଙ୍କ ପ୍ରତ୍ୟୁତ୍ପନ୍ନମତିତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। କୌଣସି କାର୍ଯ୍ୟ ହାସଲ ସକାଶେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପରୋକ୍ଷ ଶତ୍ରୁତା କରୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବନ୍ଧୁଙ୍କ ସାହାଯ୍ୟରୁ ଅଭାବ ଦୂର ହେବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିପାରିବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗକରି କାମହାସଲ କରିବେ। ଶିଳ୍ପ, ବାଣିଜ୍ୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସୁଫଳ ପାଇବେ। ଆଶା କରୁଥିବା ସରକାରୀ ସ୍ତରରୁ ଆକସ୍ମିକ ଭାବରେ ଶୁଭ ଖବର ପାଇ ଖୁସି ହେବେ। ଘରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ଆପଣଙ୍କ କଥା ଯେମିତି, କାମ ଠିକ୍ ସେହିପରି ଯୋଗୁ ପ୍ରଶଂସିତ ହେବେ। କଥାର ମଧୁରତା ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ନିଜର କରିନେବାରେ ସାହାଯ୍ୟ କରିବ। ଘରର ବରାଦ ମୁତାବକ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଜମିଜମା, ଯାନବାହନ, ଧାତୁ, ଅଳଙ୍କାର ବ୍ୟସାୟରେ ଲାଭବାନ୍ ହେବେ।

ଆଜି ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ସର୍ବତ୍ର ବାସନ୍ତିକ ଦଶହରା, ଶ୍ରୀମନ୍ଦିରରେ ଯଜ୍ଞରକ୍ଷା,ଚୈତ୍ରଶୁକ୍ଳ ଦଶମୀ ସୋମବାର। ସକାଳ ଘ.୦୬।୨୫ ମି. ଗତେ, ରାଶିନକ୍ଷତ୍ର–ଅଶ୍ଳେଷା/କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୮ ଗତେ, ଘ. ୦୭।୧୧ ମଧ୍ୟେ, ଘ.୧୦।୩୪ ଗତେ, ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ. ୦୭।୧୧ ଗତେ, ଘ.୦୮।୪୩ ମଧ୍ୟେ ରାହୁକାଳ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦେଢଶୁରଙ୍କୁ ଆଡ଼ ଆଡ଼**
**ମଳାଶୁରଙ୍କୁ ରାଇଜ ଛାଡ଼।**

ଭାଇବୋହୂ ଦେଢଶୁରଙ୍କଠାରୁ ଦୂରତା ବଜାୟ ରଖିବା ସହ ଆଡ଼ ଉହାଡରେ ଥାଇ କଥା ହୋଇଥାଏ। ସେହିପରି ମଳାଶୁରଙ୍କ ପ୍ରତି ଅଧିକ ସଙ୍କୋଚ ଭାବ ରହିଥିବା ବେଳେ ବହୁ ଦୂରରେ ଥାଇ ମାନ୍ୟ କରିବା ଓ କଥାହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଅଁ ଖାଇ**
**ଖଟୁଲି ଖାଇବା।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଆଇସିଟି: ଲକ୍ଷ୍ୟଠାରୁ ...

କାର୍ଯ୍ୟ କରିପାରି ନ ଥିଲା। ଏପରି କି ୨୪୨ଟି ବିଦ୍ୟାଳୟରେ ଆଇସିଟି ଲ୍ୟାବ୍ ପାଇଁ ଜାଗା ଠିକ୍ ନ ହେବାରୁ ୬୮୮ ସ୍ମାର୍ଟ କ୍ଲାସ ଉପକରଣ ମଧ୍ୟ ସ୍ଥାପନ ହୋଇ ପାରି ନ ଥିଲା।

ଯାଜପୁର ଜିଲାପାଳଙ୍କ ନେତୃତ୍ୱରେ ଜିଲାସ୍ତରୀୟ ବିଦ୍ୟାଗତ ସମୃଦ୍ଧି କମିଟି ଜିଲାର ଉଚ୍ଚ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀଗୃହ ପାଇଁ ଡିଜିଟାଲ ଉପକରଣ ଯୋଗାଣ ଏବଂ ସ୍ଥାପନ ପାଇଁ ଏକ କେନ୍ଦ୍ରୀୟ ପିଏସୟୁକୁ ଚୟନ ୨୦୨୧ ସେପ୍ଟେମ୍ବର ୨ରେ କରାଯାଇଥିଲା। ଏଥିପାଇଁ ୪.୫ କୋଟି ଟଙ୍କାର ଏକ ଚୁକ୍ତିନାମା ସମ୍ପାଦନ ହୋଇଥିଲା। ଏହି କାର୍ଯ୍ୟ ୨୦୨୧ ଅକ୍ଟୋବର ୩୦ ସୁଦ୍ଧା ଶେଷ ହେବା କଥା। ଯଦିଓ ଉପରୋକ୍ତ କାର୍ଯ୍ୟଗୁଡ଼ିକ ସେଣ୍ଟ୍ରାଲ ପବ୍ଲିକ ସେକ୍ଟର ୟୁନିଟ(ସିପିଏସ୍‌ୟୁ) ଦ୍ୱାରା ସମାପ୍ତ ହୋଇ ନ ଥିଲା, ତଥାପି ଡିପିସି ପୂର୍ବ ଚୁକ୍ତିନାମାକୁ ଦର୍ଶାଇ ୧୯୫ ବିଦ୍ୟାଳୟ ପାଇଁ ୧୨.୧୬କୋଟି ଟଙ୍କା ବ୍ୟୟରେ ସମାନ କାର୍ଯ୍ୟ ହାତକୁ ନେଇ ଧାର୍ଯ୍ୟ ତାରିଖ ସୁଦ୍ଧା ଶେଷ କରିବାକୁ ପୁନର୍ବାର ଅନୁରୋଧ କରିଥିଲେ। କିନ୍ତୁ ଶ୍ରେଣୀଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଯୋଗୁ ଉକ୍ତସଂସ୍ଥା ୧୯୫ ବିଦ୍ୟାଳୟ ମଧ୍ୟରୁ ୨୨ଟି ବିଦ୍ୟାଳୟରେ ଉପକରଣଗୁଡ଼ିକୁ ସ୍ଥାପନ କରିପାରି ନ ଥିଲା। କେନ୍ଦୁଝର ଜିଲାରେ ୮୧ଟି ବିଦ୍ୟାଳୟରୁ ୮ଟିରେ ବିଦ୍ୟୁତ୍ ନ ଥିବାବେଳେ ୧୪ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଏନେଇ ତାଲିମ ଦିଆଯାଇ ନାହିଁ। ସେହିପରି ୧୧୧ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୬୯୪ ସ୍ମାର୍ଟ ଶ୍ରେଣୀଗୃହ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିବାପାଇଁ ପ୍ରତି ସ୍ମାର୍ଟଶ୍ରେଣୀ ଗୃହ ଲାଗି ୨ଲକ୍ଷ ୯୩ହଜାର ୮୨୦ଟଙ୍କା ହାରରେ ୨୦.୩୯କୋଟି ଟଙ୍କା ମୂଲ୍ୟରେ ନିଲାମଧାରୀଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ଆଦର୍ଶ ବିଦ୍ୟାଳୟରେ ଇଣ୍ଟରନେଟ୍ ସଂଯୋଗ ଉପଲବ୍ଧ କରାଯାଇ ପାରି ନାହିଁ। ସିଏଜିଙ୍କ ତଥ୍ୟ ଅନୁଯାୟୀ, ଭିତ୍ତିଭୂମି ବିକାଶ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ୨୩୪.୩୭କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଅବଧି ଶେଷ ହୋଇଥିଲେ ହେଁ ୨୦୨୨ ଅକ୍ଟୋବର ସୁଦ୍ଧା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ମାତ୍ର ୧୨୫.୫୨କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଓଏମ୍‌ବିଏଡିସିକୁ ଦେବାରେ ସକ୍ଷମ ହୋଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ୫୩.୫୬ ପ୍ରତିଶତ ଅର୍ଥର ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିଥିବାବେଳେ ଅବଶିଷ୍ଟ ୧୦୮.୮୫କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେଇପାରି ନ ଥିବା ସିଏଜି ପକ୍ଷରୁ ଦର୍ଶାଯାଇଛି।

## ଶେଷ ହେଲା ଅନନ୍ତ ...

ଇନ୍ଧନ ଯୋଗାଇଥିଲା। ଭଗବାନ କୃଷ୍ଣଙ୍କୁ ସେ ଭକ୍ତିଭାବ ଅର୍ପଣ କରିବା ସହ ସନାତନ ଧର୍ମ ବିଚାରଧାରାରେ ନିଜକୁ ସମର୍ପିତ କରିଛନ୍ତି। ଏହା ଏକ ଉତ୍ସବ ଶୋଭାଯାତ୍ରା ନୁହେଁ, ବରଂ ସମ୍ପୂର୍ଣ୍ଣ ଭକ୍ତିପୂର୍ଣ୍ଣ କାର୍ଯ୍ୟ, ଯେଉଁଠି ତନ, ମନ ଓ ଆତ୍ମାକୁ ଭଗବାନ କୃଷ୍ଣଙ୍କ ନିକଟରେ ଅର୍ପଣ କରାଯାଇଥିଲା। ପ୍ରତି ପଦକ୍ଷେପରେ ଅନନ୍ତ ଦ୍ୱାରିକାଧୀଶଙ୍କ କୃପା ଏବଂ ସନାତନ ଧର୍ମ ବିଚାରଧାରାରେ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କ ପଦଯାତ୍ରା କେବଳ ବିବୃତି ପ୍ରଦାନ ପାଇଁ ନୁହେଁ, ଆଧ୍ୟାତ୍ମିକତା ଓ ଅଧ୍ୟବସାୟ ସକାଶେ ଉଦ୍ଦିଷ୍ଟ। ପିଲାଦିନୁ ବିରଳ ହରମୋନ୍‌ଜନିତ ଅସଙ୍ଗତି କ୍ୟୁଶିଙ୍ଗ୍ସ ସିଣ୍ଡ୍ରୋମ, ମେଦବହୁଳତା, ଶ୍ୱାସ ଓ ଫାଇବ୍ରୋସିସ୍ ଆଦି ରୋଗ ଅନନ୍ତଙ୍କ ପାଇଁ ଚ୍ୟାଲେଞ୍ଜ ହୋଇ ରହିଥିବାବେଳେ ଏହା ତାଙ୍କୁ ଆଧ୍ୟାତ୍ମିକ ପଦଯାତ୍ରା ପାଇଁ ପ୍ରେରିତ କରିଛି। ଅନନ୍ତଙ୍କ ପାଇଁ ଏହି ପଦଯାତ୍ରା ସାମର୍ଥ୍ୟର ପ୍ରଦର୍ଶନ ସକାଶେ ନୁହେଁ। ବିଶ୍ୱାସକୁ ଭୟଠାରୁ ଊର୍ଦ୍ଧ୍ୱରେ ରଖିବା, ଅସୁବିଧାଠାରୁ ଭକ୍ତିକୁ ଏବଂ ସହଜଠାରୁ ଶୃଙ୍ଖଳାକୁ ଉଚ୍ଚରେ ରଖିବା ପାଇଁ ଉଦ୍ଦିଷ୍ଟ।

ଏହି ପଦଯାତ୍ରା ଏକ ଏକାନ୍ତ ଅନୁସନ୍ଧାନ, ଯେଉଁଥିରେ କେବଳ ଅଳ୍ପ କେତେଜଣ ଘନିଷ୍ଠ ସହଯୋଗୀ ଏବଂ ଆଧ୍ୟାତ୍ମିକ ମାର୍ଗଦର୍ଶକ ସାମିଲ ହୋଇଥିଲେ। କୌଣସି କ୍ୟାମେରା ନ ଥିବାବେଳେ ଗଣମାଧ୍ୟମକୁ ସୂଚନା ପ୍ରଦାନ କିମ୍ବା ସୋସିଆଲ ମିଡିଆରେ ପ୍ରସାରଣ କରାଯାଇ ନ ଥିଲା। ଥିଲା କେବଳ ଧୂଳିମାଟିରେ ପଦପାତର ଶବ୍ଦ ଏବଂ ଅତୁଟ ବିଶ୍ୱାସର ନୀରବ ଗୁଞ୍ଜରଣ। ପ୍ରତି ଧୂଳିକଣା ଏବଂ ନିଃଶ୍ୱାସରେ ଅନନ୍ତ ସତ୍ୟ ସହ ରହୁଥିଲେ, ଯାହା କ୍ୱଚିତ ଗ୍ରହଣ କରିବାକୁ ସାହସ କରିଥାନ୍ତି, ଯେଉଁ ବାସ୍ତବ ଶକ୍ତି ନୀରବରେ ଚାଲିଥିଲା। ଅନନ୍ତ ଅମ୍ବାନୀଙ୍କ ଦ୍ୱାରକା ପଦଯାତ୍ରା ସ୍ୱଷ୍ଟତା, ସାହସ ଏବଂ ଦୃଢ଼ ବିଶ୍ୱାସର ବିରଳ କାର୍ଯ୍ୟ ଥିଲା। ଏହି ପବିତ୍ର ତଥା ବ୍ୟକ୍ତିଗତ ଯାତ୍ରା ଜରିଆରେ ଏକ ପିଢ଼ିକୁ ଅନନ୍ତଙ୍କ ବାର୍ତ୍ତା ହେଲା, ' ଆପଣମାନଙ୍କ ଭକ୍ତି ଆପଣଙ୍କୁ ମାର୍ଗଦର୍ଶନ ଦେଉ। ଏହା ଆପଣଙ୍କୁ ବିନୟୀ କରାଉ ଓ ଗଠନ କରୁ। ଯେତେବେଳେ ଜୀବନର ବୋଝ ଓଜନଦାର ଅନୁଭୂତ ହେଉଛି, ଆପଣଙ୍କ ବିଶ୍ୱାସ ଏହାକୁ ଆଗକୁ ବୋହିନେବାରେ ସହାୟକ ହେଉ'।

## ବଙ୍ଗୋପସାଗରରେ ...

୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରବିବାର ୭ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରହିଥିବାବେଳେ ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୪୨.୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ସେହିପରି ଅନୁଗୋଳ, ଝାରସୁଗୁଡ଼ା ଓ ଟିଟିଲାଗଡ଼ରେ ୪୧.୦ ଡିଗ୍ରୀ, ହୀରାକୁଦରେ ୪୦.୧, ସୋନପୁରରେ ୪୦.୮ ଏବଂ ପାରଳାଖେମୁଣ୍ଡିରେ ୪୦.୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।



ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ରବିବାର ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ମନ୍ଦିରକୁ ଆସି ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ମନ୍ଦିର ସେବାୟତଙ୍କ ପକ୍ଷରୁ ମୁଖ୍ୟ ବିଚାରପତି ଓ ତାଙ୍କ ସ୍ତ୍ରୀଙ୍କୁ ମା'ଙ୍କ ଫଟୋ ପ୍ରଦାନ କରାଯାଇଛି। **(ଫଟୋ: ସନ୍ତୋଷ ପାଢ଼ୀ)**

# ଉତ୍ତର ଓଡ଼ିଶାରେ ୭ ରେଳ ଷ୍ଟେଶନର ନବୀକରଣ

## ଅମୃତ ଷ୍ଟେଶନ ଯୋଜନା

**ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)**

ଭାରତୀୟ ରେଳପଥର ଅମୃତ ଷ୍ଟେଶନ ଯୋଜନାରେ ଉତ୍ତର ଓଡ଼ିଶାର ବିଭିନ୍ନ ରେଳ ଷ୍ଟେଶନର ପୁନର୍ବିକାଶ ବା ନବୀକରଣ କରାଯାଉଛି। ଏଥିମଧ୍ୟରେ କେନ୍ଦୁଝରଗଡ଼, ବଡ଼ବିଲ, ଜାରୋଲି, ବାରିପଦା, ରାଇରଙ୍ଗପୁର, ବେତନଟି ଏବଂ ବାଦାମପାହାଡ଼ ଷ୍ଟେଶନ ରହିଛି। ଭିତ୍ତିଭୂମିର ଉନ୍ନତି, ସୁବିଧାସୁଯୋଗର ଆଧୁନିକୀକରଣ, ଯାତ୍ରୀଙ୍କ ପାଇଁ ଆରାମଦାୟକ ସେବା ଏବଂ ବାଣିଜ୍ୟିକ ଅଭିବୃଦ୍ଧି ପାଇଁ ରେଳ ସଂଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ଷ୍ଟେଶନଗୁଡ଼ିକରେ ଡିଜାଇନ, ପ୍ରଯୁକ୍ତିବିଦ୍ୟା ଏବଂ ଯାତ୍ରୀ ସେବାରେ ଯଥେଷ୍ଟ ଉନ୍ନତି ଘଟିବ ବୋଲି ଆଶା କରାଯାଉଛି। ଆଧୁନିକ ପ୍ଲାଟଫର୍ମ, ଉନ୍ନତ ଟିକେଟିଂ ସୁବିଧା, ପ୍ରତୀକ୍ଷା କ୍ଷେତ୍ର ଏବଂ ଉନ୍ନତ ପରିଷ୍କାର ପରିଚ୍ଛନ୍ନତାକୁ ସୁନିଶ୍ଚିତ କରାଯିବ।

୧୦.୧୬ କୋଟି ବ୍ୟୟବରାଦରେ କେନ୍ଦୁଝରଗଡ଼ ଷ୍ଟେଶନର ଗୁରୁତ୍ୱପୂର୍ଣ୍ଣ ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ଆଧୁନିକ



ସୁବିଧାଯୁକ୍ତ ଏକ ନୂଆ ଷ୍ଟେଶନ ଭବନ ନିର୍ମାଣ ସହିତ ସମ୍ମୁଖ ଭାଗର ଉନ୍ନତୀକରଣ କରାଯାଉଛି। ଏହାସହିତ ପ୍ଲାଟ୍‌ଫର୍ମ ପୃଷ୍ଠ ଉନ୍ନତୀକରଣ ସହ ଏଲ୍‌ଇଡି ସାଇନେଜ, କୋଚ୍ ଏବଂ ଟ୍ରେନ୍ ଇଣ୍ଡିକେଶନ ବୋର୍ଡ ସ୍ଥାପନ ଓ ୧୨ ମିଟର ଚଉଡ଼ାର ଫୁଟ ଓଭର ବ୍ରିଜ ନିର୍ମାଣ କରାଯାଉଛି। ଷ୍ଟେଶନରେ ଅତିରିକ୍ତ ୨୦ଟି ପ୍ଲାଟଫର୍ମ ଆଶ୍ରୟସ୍ଥଳ ମଧ୍ୟ ରହିବ। ସେହିପରି ୧୭.୭କୋଟି ଟଙ୍କାର ଅନୁମୋଦିତ ବଜେଟ ସହିତ ବଡ଼ବିଲ ରେଳ ଷ୍ଟେଶନରେ ପ୍ରମୁଖ ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧% ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ କେବଳ ଗୁଡସ୍ ଶେଡ୍‌ର ଉନ୍ନତି ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହେବ।

ଅନ୍ୟପକ୍ଷରେ ୮.୬ କୋଟି ଅନୁମୋଦିତ ବଜେଟ ସହିତ ଜାରୋଲି ରେଳ ଷ୍ଟେଶନର ଉନ୍ନତିକରଣ କାର୍ଯ୍ୟ ପ୍ରାୟ ୨୪% ଶେଷ ହୋଇଛି। ବାରିପଦା ରେଳ ଷ୍ଟେଶନର ଉନ୍ନତୀକରଣ ପାଇଁ ୧୫.୩୫୪ କୋଟି ଟଙ୍କା ଅନୁମୋଦିତ ବଜେଟ ରହିଥିବାବେଳେ ପ୍ରାୟ ୮୦% ନିର୍ମାଣ ସରିଛି। ସେହିପରି ରାଇରଙ୍ଗପୁର ରେଳ ଷ୍ଟେଶନର ଉନ୍ନତୀକରଣ ପାଇଁ ୭.୪ କୋଟି ବ୍ୟୟବରାଦ ରହିଥିବାବେଳେ ୩୨% କାମ ସରିଛି। ବେତନଟି ରେଳ ଷ୍ଟେଶନ ପାଇଁ ୧୪୪.୧୪୬ କୋଟି ଟଙ୍କାରେ ନବୀକରଣ କରାଯାଉଛି। ୨୦୨୫ ଜୁଲାଇ ସୁଦ୍ଧା କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦% କାମ ସମାପ୍ତ ହୋଇଛି। ବାଦାମପାହାଡ଼ ରେଳ ଷ୍ଟେଶନ ପାଇଁ ୧୨.୨୨ କୋଟି ଟଙ୍କାର ଅନୁମୋଦିତ ବଜେଟ ସହିତ ଗୁରୁତ୍ୱପୂର୍ଣ୍ଣ ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ଇତିମଧ୍ୟରେ ପ୍ରାୟ ୩୪% କାମ ସରିଛି। ଉନ୍ନତ ଯାତ୍ରା ସୁବିଧା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ନବୀକରଣ ବେଶ୍ ସହାୟକ ହେବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

# ଚିକିତ୍ସାଧୀନ ଅବସ୍ଥାରେ ଦନ୍ତାହାତୀର ମୃତ୍ୟୁ

**ବନ୍ତଲା,୬।୪(ସୁଶୀତ ସାହୁ)**

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ବଲଙ୍ଗ ଗାଁ ଉପରମୁଣ୍ଡ ପୋଖରୀ ନିକଟରୁ ରବିବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଗତ ଏକ ସପ୍ତାହ ହେବ ଅନୁଗୋଳ, ଢେଙ୍କାନାଳ ଓ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର ଚିକିତ୍ସକ ଟିମ ଦନ୍ତାହାତୀର ଚିକିତ୍ସା କରୁଥିଲେ। ଚିକିତ୍ସା ପରେ ଧୀରେ ଧୀରେ ହାତୀ ସୁସ୍ଥ ହେଉଥିବା ଓ ଖାଦ୍ୟଗ୍ରହଣ କରୁଥିବା ନେଇ ବନ ବିଭାଗ ଅଧିକାରୀ ସୂଚନା ଦେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ହାତୀଟିର ମୃତ୍ୟୁ ଘଟିଥିବା ଖବର ପାଇ ବନ୍ତଲା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ, ଅନୁଗୋଳ ପ୍ରାଣୀ ଚିକିତ୍ସକ ଡା. ପି. କେ ସିଂ, ବନ୍ତଲା ପ୍ରାଣୀ ଚିକିତ୍ସକ ଡା. ଦେବାଶିଷ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଦନ୍ତାହାତୀ ମୃତ୍ୟୁର ଠିକ କାରଣ ଜଣାପଡି ନ ଥିଲା ବେଳେ ମୃତ ହାତୀର କେତେକ ନମୁନା ସଂଗ୍ରହ କରାଯାଇ ଓୟୁଏଟି ଭୁବନେଶ୍ୱରକୁ ପଠାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନାଞ୍ଚଳ ଅଧିକାରୀ ସାହୁ ପ୍ରକାଶ କରିଛନ୍ତି।



# ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

## ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗଦେବେ

**ଭୁବନେଶ୍ୱର,୬।୪ (ଅନୁରାଧା ମହାରଣା)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ଶିଳ୍ପକ୍ଷେତ୍ରରେ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷର କରିବେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ଷ୍ଟେକ୍ ହୋଲ୍ଡର୍, ଶିଳ୍ପପତିଙ୍କୁ ସମ୍ବୋଧିତ କରି ଓଡ଼ିଶାକୁ ନିବେଶ ଅନୁକୂଳ କରିବା ଦିଗରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇବେ। ଏହି ଅବସରରେ ବିଭିନ୍ନ କମ୍ପାନୀ ସହ ସ୍ୱାକ୍ଷରିତ ହେବାକୁ ଥିବା ଚୁକ୍ତି ରାଜ୍ୟର ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବା ସହ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଚୁକ୍ତି ହେବାକୁ ଥିବା କମ୍ପାନିଗୁଡ଼ିକ ମଧ୍ୟରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍, ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଇଣ୍ଡିଆନ୍ ଷ୍ଟ୍ରାଟେଜିକ ପେଟ୍ରୋକେମିକାଲ ରିଜର୍ଭସ୍ ଲିମିଟେଡ୍ ଆଦି ରହିଛି। ଏହି ସହଭାଗିତା ରାଜ୍ୟରେ ପେଟ୍ରୋକେମିକାଲ ଓ କେମିକାଲ ଶିଳ୍ପକୁ ସୁଦୃଢ଼ କରିବାରେ ସହାୟକ ହେବ। ସେହିଭଳି ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନୋଇଡ଼ାସ୍ଥିତ ଏଚ୍‌ସିଏଲ ଟେକ୍ କ୍ୟାମ୍ପସ୍ ପରିଦର୍ଶନ କରିବାର ମଧ୍ୟ ଯୋଜନା ରହିଛି। ଏହାବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରର ପୁଞ୍ଜିନିବେଶକ ସହ ୱାନ୍ ଅନ୍ ୱାନ୍ ଆଲୋଚନା କରି ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଆମନ୍ତ୍ରଣ କରିବେ। ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବଭାରତ ବିଶେଷ କରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି ଆଶା କରାଯାଉଛି। ୯ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।




# ବେଜବରୁଆ ଆସାମ-ଓଡ଼ିଶା ମଧ୍ୟରେ ସମ୍ପର୍କର ସେତୁ ଥିଲେ

## ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହ ପରିଦର୍ଶନ କଲେ ଛତିଶଗଡ଼ ରାଜ୍ୟପାଳ

**ସମ୍ବଲପୁର,୬।୪ (ଭବାନୀ ଶଙ୍କର ଭୋଇ)**

ଛତିଶଗଡ଼ ରାଜ୍ୟପାଳ ରମେନ ଡେକା ରବିବାର ସମ୍ବଲପୁର ଗସ୍ତରେ ଆସି ପ୍ରଥମେ ଇଷ୍ଟଦେବୀ ମା' ସମଲେଇଙ୍କୁ ଦର୍ଶନ କରିଥିଲେ। ତା'ପରେ ସେ ଅପରାହ୍ନ ୪ଟା ସମୟରେ କଚେରି ଛକସ୍ଥିତ ବିଶିଷ୍ଟ ଅହମିଆ ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହକୁ ପରିଦର୍ଶନ କରିଥିଲେ। ବେଜବରୁଆଙ୍କ ପ୍ରତି ଗଭୀର ଶ୍ରଦ୍ଧା ଜଣାଇ ଛତିଶଗଡ଼ ରାଜ୍ୟପାଳ କହିଥିଲେ ଯେ, ସମ୍ବଲପୁରକୁ ଆସି ସେ ବେଶ୍ ଗର୍ବ ଓ ଆନନ୍ଦ ଅନୁଭବ କରିଛନ୍ତି। ସମ୍ବଲପୁର ଲକ୍ଷ୍ମୀନାଥ ବେଜବରୁଆଙ୍କ କର୍ମଭୂମି କାରଣରୁ ଅହମିଆ ସାହିତ୍ୟ ଜଗତର ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ। ସେ ନିଜ ଜୀବନର ଅନେକ ମୂଲ୍ୟବାନ ବର୍ଷ ଏହି ସାଧନା ଗୃହରେ ଅତିବାହିତ କରି ଅହମିଆ ସାହିତ୍ୟ ରଚନା କରିଥିଲେ। ବେଜବରୁଆଙ୍କ ସାଧନା ଗୃହ ଚାରିପାଖରେ ହୋଇଥିବା ସୁନ୍ଦର ପରିଚାଳନା ଓ ସଂରକ୍ଷଣ ଦେଖି ସନ୍ତୋଷ ବ୍ୟକ୍ତ କରି ଓଡ଼ିଶା ଓ ଆସାମ ସରକାରଙ୍କୁ ଛତିଶଗଡ଼ ରାଜ୍ୟପାଳ ଡେକା କୃତଜ୍ଞତା ଜଣାଇଥିଲେ। ଏଠାରେ ଏକ ଡିଜିଟାଲ ଲାଇବ୍ରେରି ସ୍ଥାପନ କରାଗଲେ ନୂଆ ପିଢ଼ି ବିଶିଷ୍ଟ ସାହିତ୍ୟିକଙ୍କ ବିଷୟରେ ଅଧିକ ତଥ୍ୟ ଜାଣିପାରନ୍ତେ ବୋଲି ଡେକା କହିଥିଲେ। ବେଜବରୁଆ କେବଳ ଜଣେ ଲେଖକ ନ ଥିଲେ ବରଂ ଜଣେ ସଫଳ ଉଦ୍ୟମୀ ଓ ଜନସେବକ ଥିଲେ। ସମ୍ବଲପୁର ପୌର ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରି ଏଠାକାର ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ବେଜବରୁଆ ଉଭୟ ଆସାମ ଏବଂ ଓଡ଼ିଶା ରାଜ୍ୟ ମଧ୍ୟରେ ସମ୍ପର୍କର ସେତୁ ସାଜିଥିଲେ। ତାଙ୍କ ମାଧ୍ୟମରେ ସମ୍ବଲପୁର ଏବଂ ଓଡ଼ିଆ ସାହିତ୍ୟ, ସଂସ୍କୃତିକୁ ଏକ ନୂଆ ପରିଚୟ ମିଳିଛି ବୋଲି ରାଜ୍ୟପାଳ ଡେକା କହିଥିଲେ।



ଛତିଶଗଡ଼ ରାଜ୍ୟପାଳ ରମେନ ଡେକା ଅହମିଆ ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହ ପରିଦର୍ଶନ କରୁଛନ୍ତି।

# ୨୦୨୬ ଫେବୃଆରୀରେ ସରିବ ସମଲେଶ୍ୱରୀ ପ୍ରକଳ୍ପ

**ସମ୍ବଲପୁର,୬।୪ (ପ୍ରମୋଦ ବହିଦାର)**

ସମ୍ବଲପୁର ସମଲେଶ୍ୱରୀ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାମ ୨୦୨୬ ଫେବୃଆରୀ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ୨୦୨୫ ଅଗଷ୍ଟ ସୁଦ୍ଧା ଏହାର ଲୋକାର୍ପଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଜମି ଅଧିଗ୍ରହଣ ସମସ୍ୟା ପାଇଁ ସାମାନ୍ୟ ବିଳମ୍ବ ହେତୁ ସମ୍ପୂର୍ଣ୍ଣ ହେବା ବିଳମ୍ବ ହୋଇଥିଲା। ବର୍ତ୍ତମାନ ଏହି ସମସ୍ୟା ଦୂର ହୋଇଛି ବୋଲି କହିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ରବିବାର ଅପରାହ୍ନରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେବା ପରେ ମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସମ୍ବଲପୁର ସହରର ସୌନ୍ଦର୍ଯ୍ୟକରଣ, ସମଲେଇ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ, ବୁର୍ଲାର ରିଂରୋଡ ପ୍ରକଳ୍ପ ସହିତ ସମ୍ବଲପୁରର ପରିବର୍ଦ୍ଧିତ ରିଂରୋଡ଼ ଆଦି ମୋଟ ୮ଟି ବଡ଼ ଯୋଜନା ଉପରେ ଆଲୋଚନା ହୋଇ ଏଗୁଡ଼ିକୁ ଚୂଡ଼ାନ୍ତ କରାଯାଇଛି। ବିଶେଷକରି ଜାତୀୟ ରାଜପଥ ପ୍ରାଧିକରଣ ଓ ପୂର୍ତ୍ତ ବିଭାଗ ଅଧୀନରେ ହେବାକୁ ଥିବା ପ୍ରସ୍ତାବିତ ସମ୍ବଲପୁରର ପରିବର୍ଦ୍ଧିତ ରିଂରୋଡ ପ୍ରକଳ୍ପକୁ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଅଲୋଚନା ହୋଇଥିଲା। ଆଗାମୀ ୫୦ବର୍ଷର ପାଇଁ କ୍ରମବର୍ଦ୍ଧିଷ୍ଣୁ ସମ୍ବଲପୁର ସହର ଓ ଏହାର ବାଣିଜ୍ୟିକ ପୃଷ୍ଠଭୂମିର ବିକାଶକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏ ସମସ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମ୍ବଲପୁରର ସମସ୍ତ ମୁଖ୍ୟରାସ୍ତାର ନବୀକରଣ କରାଯିବ ବୋଲି ସେ କହିଛନ୍ତି।

ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ୍, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ, ଜଳସମ୍ପଦ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ।



ଆର୍‌ଡିସି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସାମିଲ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ।



# ମାନ୍ଦାବସ୍ଥା ଆଡ଼କୁ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନେକ ଅଚାନକ ନିଷ୍ପତ୍ତି ଓ ନିଆଁରେ ଘିଅ ଢାଳିଲା ଭଳି ତାଙ୍କ ବ୍ୟବସାୟିକ ବନ୍ଧୁ ଏଲନ୍ ମସ୍କଙ୍କ ପରାମର୍ଶ କେବଳ ସେହି ଦେଶ ନୁହେଁ, ବିଶ୍ୱବ୍ୟାପୀ ମୁଣ୍ଡବିନ୍ଧା ଆରମ୍ଭ କରିଦେଇଛି। ଅପେକ୍ଷାକୃତ ଦୁର୍ବଳ ଥିବା ଜୋ ବାଇଡେନଙ୍କ ପ୍ରଶାସନ ପ୍ରତି ବିମୁଖ ହୋଇ ଟ୍ରମ୍ପଙ୍କ 'ଅମେରିକା ଆଗ' ସ୍ଲୋଗାନରେ ଭାସି ଭୋଟର ଯେଉଁ ରାଜନୈତିକ ପରିବର୍ତ୍ତନ ଆଣିଥିଲେ ତାହା ଏବେ ଆମେରିକାବାସୀଙ୍କୁ ଅର୍ଥନୈତିକ ଖାଲରେ ପକାଇଲା ଭଳି ଲାଗୁଛି। ଟ୍ରମ୍ପଙ୍କ ଗୋଟେ ପରେ ଗୋଟେ ନିଷ୍ପତ୍ତି ମସ୍କଙ୍କ ଭଳି ବିଲିୟନେୟାର ବା କୋଟିପତିଙ୍କୁ ସୁହାଉଛି ବୋଲି ହୃଦୟଙ୍ଗମ କରିବା ପରେ ଆମେରିକାରେ ଘୋର ଅଶାନ୍ତି ଦେଖାଦେଇଛି। ୫ ଏପ୍ରିଲରେ ସେମାନେ ଟ୍ରମ୍ପ ଓ ମସ୍କଙ୍କ ବିରୋଧରେ ୫୦ ରାଜ୍ୟରେ 'ହ୍ୟାଣ୍ଡସ ଅଫ୍' ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି। କୋଟିପତିମାନେ ପ୍ରଶାସନକୁ କବ୍ଜା କରିବା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ଲାଗି ଥିବା ପାଣ୍ଠିକୁ ହ୍ରାସ କରାଯାଉଥିବା ଏବଂ ଅପ୍ରବାସୀ ଓ ଅନ୍ୟାନ୍ୟ ସମ୍ପ୍ରଦାୟ ପ୍ରତି ହେଉଥିବା ଆକ୍ରୋଶ ବିରୋଧରେ ଆନ୍ଦୋଳନ ତେଜିବା ଦେଖିବାକୁ ମିଳିଛି।

ସବୁଠାରୁ ଧନୀ ଦେଶ ଭାବେ ବିବେଚିତ ହୋଇଆସୁଥିବା ଯୁକ୍ତରାଷ୍ଟ୍ର ଆମେରିକାରେ ଧନୀ ଲୋକଙ୍କ ବିରୋଧରେ ସେଠାକାର ନାଗରିକ ରାସ୍ତାକୁ ଓହ୍ଲାଇ ସ୍ୱର ଉତ୍ତୋଳନ କରିବେ ବୋଲି ସ୍ୱପ୍ନରେ ମଧ୍ୟ ଦେଖାଯାଉ ନ ଥିଲା। କ୍ୟାପିଟାଲିଜମ୍ ବା ପୁଞ୍ଜିବାଦୀ ଅର୍ଥନୀତିର ପ୍ରବକ୍ତା ଭାବେ ଆମେରିକା ଉପରେ ମୁକ୍ତ ତଥା ଉଦାର ଜଗତର ରାଷ୍ଟ୍ରଗୁଡ଼ିକ ଢଳିପଡ଼ିଥିଲେ। ଏବେ ସମସ୍ତଙ୍କର ପରିସ୍ଥିତି ଜଟିଳ ହୋଇଯାଉଛି। ଏହା ନିଶ୍ଚିତ ଭାବେ କୁହାଯାଇପାରେ ଯେ ପୃଥିବୀର ଗଣତାନ୍ତ୍ରିକ ଦେଶଗୁଡ଼ିକରେ ପୂର୍ବେ ଯାହା କେବେ ଦେଖାଯାଉ ନ ଥିଲା, ତାହା ଏବେ ଟ୍ରମ୍ପ କରି ଦେଖାଉଛନ୍ତି। ସାଧାରଣରେ ନିର୍ବାଚନ ଜିତିବା ପରେ ସବୁ ରାଜନୈତିକ ଦଳ ଓ ନେତୃବୃନ୍ଦ ସେମାନଙ୍କର ନୀତି ଓ ଭବିଷ୍ୟତର କାର୍ଯ୍ୟକଳାପ ନିର୍ଦ୍ଧାରଣ କରିଥାନ୍ତି। ଟ୍ରମ୍ପଙ୍କ ପଦକ୍ଷେପ ସମ୍ପୂର୍ଣ୍ଣ ଭିନ୍ନ ଦୃଷ୍ଟାନ୍ତ ସୃଷ୍ଟି କଲା। ରାଷ୍ଟ୍ରପତି ଭାବେ ଶପଥ ନେବାର ୭୨ ଘଣ୍ଟା ମଧ୍ୟରେ ପ୍ରାୟ ୪୭ ଏକ୍ଜିକ୍ୟୁଟିଭ୍ ନିର୍ଦ୍ଦେଶରେ ଚାରିବର୍ଷିଆ ଶାସନକୁ ଜନ୍ମ ଦେଇଥିଲେ ଟ୍ରମ୍ପ। ତନ୍ମଧ୍ୟରୁ ଅନେକ ଦେଶର ସାମଗ୍ରୀ ଉପରେ ଟାରିଫ୍ ବା ଟିକସ ଲଗାଇବାର ପଦକ୍ଷେପ ଟ୍ରମ୍ପଙ୍କ ପରିଚୟ ପାଲଟିଯାଇଛି। ନିଜର ନିଅଣ୍ଟିଆ ବାଣିଜ୍ୟ କାରବାରକୁ ଭରିବା ଲାଗି ଟ୍ରମ୍ପ ନୂଆ ଟାରିଫ୍ ଘୋଷଣା କରିବା ସହ ୨ ଏପ୍ରିଲକୁ ଲିବରେଶନ ଡେ' ବା ମୁକ୍ତି ଦିବସ ବୋଲି ଅଭିହିତ କରିଛନ୍ତି। କିନ୍ତୁ ଯେଉଁଭଳି ଭାବେ ତାହା କାର୍ଯ୍ୟକାରୀ ହେବାକୁ ଯାଉଛି, ତାହା ରିସେଶନ ଡେ' ବା ମାନ୍ଦାବସ୍ଥା ଦିବସ ଭାବେ ଇତିହାସରେ ରହିଯିବ ବୋଲି ବିଶ୍ୱର କେତେକ ଅର୍ଥନୀତିଜ୍ଞ ଅନୁମାନ କଲେଣି। ଭାରତ, କାନାଡ଼ା, ଚାଇନା ଉପରେ ଟ୍ରମ୍ପ ରେସିପ୍ରୋକାଲ ଟାରିଫ୍ ବା ପାଲଟା ଶୁଳ୍କ ବସାଇ ସାରିଥିବା ବେଳେ ୯ ଏପ୍ରିଲରେ ୫୭ ଦେଶ ଆହୁରି ଅଧିକ ପାଲଟା ଶୁଳ୍କର ସମ୍ମୁଖୀନ ହେବେ। ପ୍ରତିକ୍ରିୟା ସ୍ୱରୂପ କାନାଡ଼ା, ଚାଇନା ଭଳି ରାଷ୍ଟ୍ର ମଧ୍ୟ ଆମେରିକା ବିରୋଧରେ ସମାନ ଧରଣର ଅର୍ଥନୈତିକ ବ୍ୟବହାର ଦେଖାଇଲେଣି। ହେଲେ ଅଧିକାଂଶ ଭାରତୀୟ ଜାଣିନାହାନ୍ତି କେଉଁ ପ୍ରକାର ସାମଗ୍ରୀ ଆମେରିକାକୁ ଭାରତରୁ ରପ୍ତାନି ହୋଇଥାଏ। ସାଧାରଣତଃ ଖାଦ୍ୟ ପଦାର୍ଥ, ପୋଷାକ, ଔଷଧୀୟ ପଦାର୍ଥ, ହୀରା ଓ ମୁକ୍ତା ଭଳି ଦାମିକିଆ ଧାତୁ, ମୋଟର ଯନ୍ତ୍ରାଂଶ ଭାରତରୁ ଆମେରିକାକୁ ରପ୍ତାନି ହୋଇଥାଏ। ସେସବୁର ଉପଭୋକ୍ତା ମୁଖ୍ୟତଃ ପ୍ରବାସୀ ଭାରତୀୟ ହୋଇଥିବାରୁ ଆମ ଦେଶର ରପ୍ତାନି ସାମଗ୍ରୀ ଆମେରିକାର ଅର୍ଥନୀତି ଉପରେ ସେଭଳି କୌଣସି ଗୁରୁତ୍ୱ ରଖେନାହିଁ। ଅପରପକ୍ଷରେ ତାଇୱାନ ଭଳି କ୍ଷୁଦ୍ର ଦେଶରେ ପ୍ରସ୍ତୁତ ହେଉଥିବା ଚିପ୍ସର ଚାହିଦା ଆମେରିକା ବଜାରରେ ଅନେକ ଗୁରୁତ୍ୱ ରଖେ। ଏଭଳି ସ୍ଥଳେ ଭାରତ ଟ୍ରମ୍ପଙ୍କୁ ତୁଷ୍ଟ କରିବା ଲାଗି ଉପାୟ ଖୋଜୁଥିବା କୁହାଯାଉଛି। ବିଶେଷକରି ଭାରତୀୟ ଗଣମାଧ୍ୟମରେ ପ୍ରଚାର କରାଯାଉଛି ଯେ ଭାରତ ଓ ଆମେରିକା ସମ୍ପର୍କ ଭଲ ରହିଥିବାରୁ ଆଗକୁ ଟ୍ରମ୍ପ କୋହଳ ମନୋଭାବ ପ୍ରଦର୍ଶନ କରିପାରନ୍ତି। କିନ୍ତୁ ସମସ୍ତେ ଜାଣିଛନ୍ତି ଯେ ଟ୍ରମ୍ପ ଜଣେ ଏକଜିଦିଆ ମଣିଷ। ତାଙ୍କୁ ସହଜରେ ଝୁଙ୍କେଇ ହେବ ନାହିଁ ଏବଂ ବ୍ୟକ୍ତିଗତ ସମ୍ପର୍କ ତାଙ୍କ ସହିତ ସ୍ଥାପନ କରିବା ଏକପ୍ରକାର ଅସମ୍ଭବ। ଏହାର ପ୍ରମାଣ ମିଳିଥିଲା ଯେତେବେଳେ ଟ୍ରମ୍ପଙ୍କ ଶପଥଗ୍ରହଣ ଉତ୍ସବ ଲାଗି ଭାରତର କୌଣସି ମୁଖ୍ୟ ବ୍ୟକ୍ତିଙ୍କୁ ଡକାଯାଇ ନ ଥିଲା।

ଆମେରିକା ଯୋଗୁ ଭବିଷ୍ୟତରେ ବିଶ୍ୱ ମାନ୍ଦାବସ୍ଥା ସ୍ଥିତି ସୃଷ୍ଟି ହେଲେ ତାହାକୁ ପ୍ରତିହତ କରିବା ଲାଗି ଏବେଠୁ ଭାରତ ପ୍ରସ୍ତୁତ ହେବା ଦରକାର। ଇତିମଧ୍ୟରେ ଆମେରିକା ପ୍ରତି ଚାଇନା ତା'ର କଠୋର ମନୋଭାବ ପ୍ରଦର୍ଶନ କରି ପ୍ରାୟ ୩୪ ପ୍ରତିଶତ ପାଲଟା ଶୁଳ୍କ କଷି ଦେଲାଣି। ବିଶ୍ୱ ବଜାରକୁ ଦେଖିଲେ ଚାଇନାର ସାମଗ୍ରୀ ଛାଇ ହୋଇ ରହିଛି। କେଉଁ ଦେଶର ବଜାରକୁ କିଭଳି ଦ୍ରବ୍ୟ ଯୋଗାଇ ଲାଭ ଉଠାଇ ହେବ ତାହାର କୌଶଳ ଚାଇନାକୁ ଭଲ ଭାବେ ଜଣା। ସେଠାକାର ଘରେ ଘରେ ଲୋକେ ସାମଗ୍ରୀ ପ୍ରସ୍ତୁତ କରିବାକୁ ନିଜର ପ୍ରାରମ୍ଭିକ କର୍ତ୍ତବ୍ୟ ଭାବେ ଧରି ନେଇଛନ୍ତି। ହେଲେ ଭାରତରେ ସେହି ବାତାବରଣ ସୃଷ୍ଟି କରାଯାଇପାରୁ ନାହିଁ। ସ୍ୱାଧୀନତା ସମୟରେ ମହାତ୍ମା ଗାନ୍ଧୀ କୁଟୀର ଶିଳ୍ପ ଓ ଗ୍ରାମୋଦ୍ୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ତାହାକୁ ଭାରତ କୌଣସି ଭାବେ ଅନୁସରଣ କଲାନାହିଁ। ଅପରପକ୍ଷରେ ସାଂସ୍କୃତିକ ବିପ୍ଲବ ମାଧ୍ୟମରେ ଚାଇନାର ମାଓ ସେ-ତୁଙ୍ଗ୍ ତାହାକୁ ଅବିକଳ ନକଲ କରି ଆଜିର ଚାଇନା ଗଢ଼ିଥିବା ବେଳେ ଆମ ଦେଶରେ ଏବେ ମଧ୍ୟ ବୃହତ୍ ଶିଳ୍ପପତିମାନେ ଶାସକଙ୍କ କୋଳରେ ବସୁଛନ୍ତି। ସେଥିପାଇଁ ଫିତା କାଟିବା ଲାଗି ବ୍ୟବହୃତ କଇଁଚି, ପର୍ବପର୍ବାଣିରେ ବ୍ୟବହୃତ ଲିଚୁ ଲାଇଟ୍, ରାମଙ୍କ ମୂର୍ତ୍ତି ପାଇଁ ଚାଇନା ଉପରେ ନିର୍ଭର କରିବାକୁ ପଡୁଛି। ଭାରତର ନୀତି କେବଳ ବଡ଼ ଶିଳ୍ପପତିଙ୍କୁ ସୁହାଇଲା ଭଳି ହେଉଛି। ସାଧାରଣ ଲୋକଟିଏ ସହଜରେ ବ୍ୟବସାୟିକ ଦୁନିଆକୁ ପ୍ରବେଶ କରିପାରୁ ନାହିଁ। ଆମେରିକାରେ ମସ୍କଙ୍କ ଭଳି ବ୍ୟକ୍ତିଙ୍କୁ ସୁହାଇଲା ଭଳି ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ନେଉଥିବାରୁ ସେଠାରେ ଅରାଜକତା ସୃଷ୍ଟି ହେଲାଣି। ସେଥିରୁ ଶିକ୍ଷା ପାଇ ଭାରତ ଭାବିବା ଦରକାର ଯେ ଅର୍ଥନୈତିକ ବିକାଶ ଆଣିବାକୁ ହେଲେ ଯେଉଁ ବର୍ଗ ବ୍ୟବସାୟିକ ଦୁନିଆକୁ ପ୍ରବେଶ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ବଡ଼ ଶିଳ୍ପପତିଙ୍କ ତୁଳନାରେ ଅପେକ୍ଷାକୃତ ଅଧିକ ସୁବିଧା ଦିଆଯିବା ଦରକାର। ୨୦୧୬ ବିମୁଦ୍ରୀକରଣ ବେଳୁ ଭାରତରେ ଅନେକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ଓ ଛୋଟିଆ ବ୍ୟବସାୟୀଙ୍କ ଅନ୍ତ ଘଟି ଯାଇଛି। ସେଥିପାଇଁ ଆଜି ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଆଗକୁ ମାନ୍ଦାବସ୍ଥା ଆସିବା ଥୟ ଭାବି ଭାରତର ନେତୃତ୍ୱ ଏବେଠାରୁ ଆର୍ଥିକ ନୀତିରେ ପରିବର୍ତ୍ତନ ଆଣିବା ଦରକାର। ସ୍ଥିତି ଦେଖି ପଦକ୍ଷେପ ନେବା ହେଉଛି ସମୟର ଆହ୍ୱାନ। ଥରେ ଯଦି ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଲଗାମବିହୀନ ହୋଇଯାଏ, ତାହାକୁ ପୁନର୍ଜୀବିତ କରିବା କଷ୍ଟକର। ସାମାନ୍ୟ ଲାଭ ହେଲେ ଭାରତୀୟ ଅଧିକ କଷ୍ଟ କରିବାକୁ ଚାହିଁ ନ ଥାଆନ୍ତି। ଏଭଳି ମାନସିକତାରେ ବଞ୍ଚୁଥିବା ଜାତିକୁ ଟିଆଁଇ ଦେବା ଲାଗି ସେମାନଙ୍କ ମନରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବାତାବରଣ ସୃଷ୍ଟି କରାଯିବା ଦରକାର। ସରକାର ରାଜନୈତିକ ଫାଇଦାକୁ ଆଖିଆଗରେ ରଖି କାର୍ଯ୍ୟ କରୁଥିବା ବେଳେ ଦେଶର ଆର୍ଥିକ ଦିଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ହୋଇପଡ଼ିଲାଣି।

# ମାଟି, ବିହନ ଓ ପରିବେଶ



ଲୋକନାଥ ପଣ୍ଡା

ବର୍ତ୍ତମାନ ସାରା ଦେଶରେ କୃଷି ସମ୍ବନ୍ଧରେ ତିନୋଟି ବିଷୟରେ ଆଲୋଚନା କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ କଥା ହେଲା ମାଟି। ମାଟି ଦିନକୁ ଦିନ ଅଧିକ ପ୍ରଦୂଷିତ ହେବା ସହିତ ଏହାର ଗୁଣବତ୍ତା ନଷ୍ଟ ହେବାରେ ଲାଗିଛି। ସେହିଭଳି ବିହନକୁ ନେଇ ମଧ୍ୟ ସାରା ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଉଛି। ଦେଶୀ ବିହନଗୁଡ଼ିକ ତଥା ପରମ୍ପରାଗତ ବିହନ ଓ ପରିବେଶ ସହନଶୀଳ ବିହନ ଲୋପ ପାଇଯାଉଛି। ବିହନକୁ ନେଇ ବ୍ୟବସାୟ ହେବା ସହିତ ବିହନର ଅଧିକାର ଚାଷୀ ବଦଳରେ ବ୍ୟବସାୟୀଙ୍କ ନିକଟରେ ରହୁଛି ଏବଂ ଅନେକ ଆଞ୍ଚଳିକ ଅନୁକୂଳ ବିହନ ଲୋପ ପାଇବାରେ ଲାଗିଛି! କିଛି ମହତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ସ୍ଥାନୀୟ ବିହନକୁ ସଂରକ୍ଷଣ କରି ରଖିବା ପାଇଁ ପ୍ରୟାସ କରି ଚାଲିଛନ୍ତି, କିନ୍ତୁ ତାହା ଯଥେଷ୍ଟ ହୋଇପାରୁନାହିଁ। କାରଣ ସରକାର କି ସମାଜ ହେଉ କିମ୍ବା ବ୍ୟବସାୟୀ ହୁଅନ୍ତୁ ବା ବିଜ୍ଞାପନଦାତା ନିଜର ସ୍ୱାର୍ଥ ନିମନ୍ତେ ସମସ୍ତେ ହାଇବ୍ରିଡ ବିହନକୁ ଉତ୍ସାହିତ କରୁଛନ୍ତି ! ଅନ୍ୟ ଏକ ବିଶେଷ ଚିନ୍ତାର ବିଷୟ ହେଲା ପରିବେଶ ଅସନ୍ତୁଳିତ ହେବାରୁ ଏହାର ପ୍ରଭାବ ସାରା ବିଶ୍ୱରେ ପଡୁଛି।

ମିଳିତ ଜାତିସଂଘ ୨୦୧୯ରୁ ୨୦୨୮ ପର୍ଯ୍ୟନ୍ତ ଦଶନ୍ଧି ଧରି ଫ୍ୟାମିଲ ଫାର୍ମିଂକୁ ଗୁରୁତ୍ୱ ଦେଇଛି। ଏହି ପ୍ରେରଣାଯୁକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ସହିତ ଅନେକ ସାମାଜିକ ଅନୁଷ୍ଠାନ ମଧ୍ୟ ଫ୍ୟାମିଲି ଫାର୍ମିଂକୁ ଗୁରୁତ୍ୱ ଦେଉଛନ୍ତି। ଫ୍ୟାମିଲ ଫାର୍ମିଂର ମୂଳ ଲକ୍ଷ୍ୟ ହେଉଛି ଚିରସ୍ଥାୟୀ କୃଷି ଓ ପରିବେଶ ଅନୁକୂଳ ଚାଷକୁ ପ୍ରୋତ୍ସାହନ ଦେବା। ଏହା ଦ୍ୱାରା ଜଙ୍ଗଲ, ଗଛ, ଚାଷୀ ଓ ପରିବେଶ ବଞ୍ଚିବ। ଏହି କାର୍ଯ୍ୟକ୍ରମରେ ଯୁବ ବର୍ଗ, ମହିଳା ଚାଷୀଙ୍କୁ ମଧ୍ୟ ଅଧିକ ସାମିଲ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କଥା ଉଠୁଛି, ବର୍ତ୍ତମାନ ବିକାଶମୂଳକ କାର୍ଯ୍ୟକ୍ରମରେ ଓ ବୃହତ୍ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ତଥାକଥିତ ବିକାଶକୁ ଆଧାର କରି ବିଜ୍ଞାପନମୂଳକ ସମାଜରେ ଏଗୁଡ଼ିକ ସାଧାରଣ ଜନତାଙ୍କ ଦୃଷ୍ଟିକୋଣରେ ଗୌଣ ହୋଇଯାଉଛି!

ଗତ କିଛିବର୍ଷ ଧରି ମାଟିକୁ ସୁରକ୍ଷିତ ରଖିବା, ମାଟିକୁ ନେଇ ପରୀକ୍ଷା କରିବା, ମାଟିରେ କେଉଁ ସାର ଆବଶ୍ୟକ, କେଉଁ ମାଟିରେ କେଉଁ ଚାଷ ଭଲ ହୋଇପାରିବ, ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ମାଟିରେ ପ୍ରୟୋଗ ହେଉଥିବା ରାସାୟନିକ ବିପଦ ସୃଷ୍ଟି କରୁଛି। ଅନେକ ସମୟରେ ମାଟି ଲାଞ୍ଜୁଆ ହୋଇଯାଉଛି ବୋଲି କୃଷକମାନେ କୁହନ୍ତି। ନିକଟରେ ମୁଁ ରାୟଗଡ଼ା, କନ୍ଧମାଳ ଜିଲାର କୋଟଗଡ଼, ବିଷମକଟକ, ମୁନିଗୁଡ଼ା ଆଦି ଅଞ୍ଚଳରେ ଦେଖୁଥିଲି ସନ୍ଧ୍ୟା ହୋଇଗଲେ ଜଙ୍ଗଲ, ପାହାଡ଼ରେ ନିଆଁ। ପ୍ରକୃତରେ ଏହା କେତେ ସମସ୍ୟା ସୃଷ୍ଟି କରୁଛି। ଲୋକଙ୍କ ମଧ୍ୟରେ ସଚେତନତା



ନାହିଁ କିମ୍ବା କ୍ଷଣିକ ଲାଭ ନିମନ୍ତେ ବାଡ଼, ଜଙ୍ଗଲ, ପତ୍ର ପୋଡ଼ି ସଫା କରିବା ପାଇଁ ନିଆଁ ଲଗାଇ ଦେଉଛନ୍ତି। ଏ ସମ୍ପର୍କରେ ସ୍କୁଲ କିମ୍ବା ଗୋଷ୍ଠୀ ସ୍ତରରେ ସକାରାତ୍ମକ ଭାବରେ ଏହାକୁ ଆଲୋଚନା କରିବା ଉଚିତ। ବଣଜଙ୍ଗଲ ନିଆଁ କିପରି ପ୍ରଦୂଷଣ ବଢ଼ାଇବା ସହିତ ତାପ ବୃଦ୍ଧିକରୁଛି, ସେ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା କରାଯାଉ।

ନିକଟରେ ମାଟି, ବିହନ ଓ ପରିବେଶକୁ ସୁରକ୍ଷିତ ରଖିବା ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଗ୍ରଗାମୀ ତରଫରୁ ରାୟଗଡ଼ା ସହରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେଉଥିଲା। ଏହି ଦୁଇଦିନିଆ ଆଲୋଚନାଚକ୍ରରେ ମାଟିକୁ କିପରି ସୁରକ୍ଷିତ ରଖିବା, ସ୍ଥାୟୀ ଚାଷ ଜୀବିକା ନିମନ୍ତେ ପରିବେଶ ଅନୁକୂଳ ଚାଷ କରିବା, ବିହନ ସଂରକ୍ଷଣ କରିବା ଏବଂ ପରିବେଶକୁ ସନ୍ତୁଳିତ କରିବା, ବାଡ଼ିବଗିଚା କୃଷିକୁ ପ୍ରାଧାନ୍ୟ ଦେବା, ଯାହାକି ପରିବେଶ ଅନୁକୂଳ ହୋଇପାରିବ, ଏହିପରି ଜଳବାୟୁ ଉପଯୋଗୀ ନିରନ୍ତର ଜୀବିକା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବଡ଼କଥା ହେଲା, ଏହି ଆଲୋଚନାଚକ୍ରକୁ ଅନେକ କୃଷକ ଆସିଥିଲେ, ଯେଉଁମାନେ ଜଳବାୟୁ ଉପଯୋଗୀ କୃଷିକୁ ଆପଣାଇଛନ୍ତି, ନିଜର ଫ୍ୟାମିଲି ଫାର୍ମିଂ ମାଧ୍ୟମରେ ଜୀବିକାରେ ଉନ୍ନତି ଆଣିପାରିଛନ୍ତି। ଆୟ ବୃଦ୍ଧି ଦ୍ୱାରା ଜୀବିକାରେ ପରିବର୍ତ୍ତନ ଆସିବା ସହିତ ନିଜ ପିଲାଙ୍କ ପାଠପଢ଼ା ପ୍ରତି ଅଧିକ ଖର୍ଚ୍ଚ କରିପାରିଛନ୍ତି ଏବଂ ଏକ ସମ୍ମାନଜନକ ଜୀବିକା ଆପଣାଇଛନ୍ତି। ନିରନ୍ତର ସେମାନଙ୍କର ଆୟ ବୃଦ୍ଧି ହେବାରେ ଲାଗିଛି। ଏହି କାର୍ଯ୍ୟକ୍ରମରେ କିଛି ଚାଷୀ ନିଜର ଅନୁଭୂତିରୁ ପ୍ରକାଶ କରିଥିଲେ ଯେ ସେମାନେ ବିନା ହଳରେ ଚାଷ କରି ଜୀବିକା ଅର୍ଜନ କରିପାରିଛନ୍ତି। ମାଟିକୁ ସେମାନେ ଯତ୍ନ କରିଛନ୍ତି, କାରଣ ସେମାନେ ଅନୁଭବ କରିଛନ୍ତି ଯେ ମାଟି ହେଉଛି ମାଆ।

କିଛି ଯୁବ ବର୍ଗ ଆସିଥିଲେ, ଯେଉଁମାନେ ନିଜ ନିଜ ଗ୍ରାମରେ ଫ୍ୟାମିଲ ଫାର୍ମକୁ ଗୁରୁତ୍ୱ ଦେବା ସହିତ କୃଷି ବିଦ୍ୟାଳୟ ଭାବରେ ସନ୍ଧ୍ୟାରେ କେତେକ ଗାଁରେ ପ୍ରାକୃତିକ କୃଷି, ମାଟିକୁ ବିଷାକ୍ତ ସାରରୁ ଦୂରରେ ରଖିବା, ମାଟିର ସୁରକ୍ଷା, ପରିବେଶ ସୁରକ୍ଷା, ଫ୍ୟାମିଲି ଫାର୍ମ କିପରି ନିଜ ପରିବାରର ଆୟ ବୃଦ୍ଧି କରିବା ସହିତ ନିଜ ନିଜର ଗାଁ କିପରି ପରିବେଶ ଅନୁକୂଳ ଗାଁ ବା ଇକୋ-ଭିଲେଜ ହୋଇପାରିବ, ସେଥିନିମନ୍ତେ ପ୍ରୟାସ କରୁଛନ୍ତି। ସେମାନେ ନିଜର ଉନ୍ନତି କରିବା ସହିତ ନିଜ ଗାଁ, ଜିଲା, ରାଜ୍ୟ ତଥା ଦେଶର ପରିବେଶ ସନ୍ତୁଳିତ ରଖିବାରେ ଗୁଣ୍ଡୁଚିମୂଷା ସଦୃଶ ସାହାଯ୍ୟ କରୁଛନ୍ତି, ସେହି ଦୃଷ୍ଟିରୁ ସେମାନେ ବେଶ୍ ପ୍ରଶଂସାଯୋଗ୍ୟ।

ବର୍ତ୍ତମାନ ସବୁଠାରେ କଳକାରଖାନା ହେବ, ବିକାଶ ହେବ ଏହିଭଳି ଧାରଣା ଚାରିଆଡେ ପ୍ରସାର କରାଯାଉଛି। ଅନେକେ ଆଶା କରୁଛନ୍ତି, କଳକାରଖାନା, ଖଣିଖାଦାନ ହେଲେ ବିକାଶ ହେବ। କିନ୍ତୁ ଏହା ମଧ୍ୟ ହେଉଛି ଯେ ବର୍ତ୍ତମାନ ବିଦ୍ୟାଳୟରେ ପଢୁଥିବା ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ପରିବେଶରେ କ'ଣ ପରିବର୍ତ୍ତନ ହେଉଛି, ତାହାକୁ ଅନୁଭବ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପରିବେଶ ଅନୁକୂଳ କୃଷିକୁ ପ୍ରୋତ୍ସାହନ ଦେବା ହେଉଛି ସମସ୍ତଙ୍କ କର୍ତ୍ତବ୍ୟ। ଏହି ପରିସ୍ଥିତିରେ ସରକାର ଓ ନାଗରିକ ସମାଜ ଏହିଭଳି କିଛି କାର୍ଯ୍ୟ ହାତକୁ ନେବାକୁ ପଡ଼ିବ, ଯାହାକି ବିହନ ବଞ୍ଚିବ, ମାଟି ବଞ୍ଚିବ ଓ ପରିବେଶ ମଧ୍ୟ ବଞ୍ଚିବ! ଏଥିରେ ଗଣମାଧ୍ୟମକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ପଡ଼ିବ।

ବର୍ତ୍ତମାନ ସରକାରଙ୍କ ତରଫରୁ ବ୍ୟକ୍ତିଗତ ଭାବରେ କୃଷକର ଆୟବୃଦ୍ଧି ନିମନ୍ତେ ପରିବେଶଭିତ୍ତିକ କୃଷିକୁ ଆପଣାଇବା ସହିତ ତୃଣମୂଳ ସ୍ଥଳରେ ଛୋଟ ଚାଷୀଙ୍କୁ ସୁଯୋଗ ଦେବାକୁ ପଡ଼ିବ। ଏହା କେବଳ ସରକାରୀ ସ୍ତରରେ କାର୍ଯ୍ୟକାରୀ ହେବା ଭାରି କଷ୍ଟ। ସରକାର ଓ ବେସରକାରୀ ଅନୁଷ୍ଠାନ ମିଳିତ ଭାବରେ ଏହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଯଦି ପରିବାରର କିଛି ଚାଷ ଜମିଥାଏ କିମ୍ବା ଜଙ୍ଗଲ ଜମି ଥାଏ କିମ୍ବା ଅନ୍ୟ କାହାର ଜମିରେ ଚାଷ କରୁଥାଏ, ଏହି ଦୃଷ୍ଟିରୁ ସରକାର, ସାମାଜିକ ଅନୁଷ୍ଠାନର ମିଳିତ ସହାୟତାରେ ଗ୍ରାମୀଣ ଅଞ୍ଚଳରେ ତଥା ଆଦିବାସୀ ଅଞ୍ଚଳରେ ଆଦିବାସୀ ଯୁବକଟିଏ ଆତ୍ମନିର୍ଭରଶୀଳ ହୋଇ ବଞ୍ଚିପାରିବ ଓ ପରିବେଶ ସନ୍ତୁଳିତ ରଖିବାରେ ନିଜର ଭାଗିଦାରିତା ରହିପାରିବ। ଅନେକ ଚାଷୀ ଅଛନ୍ତି, ଯେଉଁମାନେ ପରିବେଶ ଅନୁକୂଳ ଚାଷ କରୁଛନ୍ତି, କିନ୍ତୁ ସେମାନେ ଲୋକଲୋଚନକୁ ଆସିପାରୁନାହାନ୍ତି କିମ୍ବା ତାହା ଗଣମାଧ୍ୟମରେ ପ୍ରସାରଣ ହେଉନାହିଁ କିମ୍ବା ସେମାନଙ୍କ ପାଇଁ କେହି କରୁନାହାନ୍ତି। ଏହି ଦୃଷ୍ଟିରୁ ପରିବେଶ ଅନୁକୂଳ ଚାଷୀ, ଫ୍ୟାମିଲି ଫାର୍ମ କରୁଥିବା ଚାଷୀଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର କାହାଣୀକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କରିବାକୁ ପଡ଼ିବ, ଯାହା ଦ୍ୱାରା କି ସଫଳ ଚାଷୀ ନିଜର ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହିତ ଅନ୍ୟ କୃଷକମାନଙ୍କୁ ପ୍ରେରଣା ଯୋଗାଇବାରେ ସାହାଯ୍ୟ କରିବ।

**୪ର୍ଥ ଗଳି, ହାତୀପଥର ରାସ୍ତା, ରାଣୀଗୁଡ଼ା**
**ମୋ: ୯୪୩୮୦୮୧୪୩୦**


# ନୀରବ ଚିତ୍କାର



ଡ. ଅନ୍ତର୍ଜିତା ନାୟକ

ଭାରତୀୟ ଦର୍ଶନ, ପୌରାଣିକ କଥା ଏବଂ ସଂସ୍କୃତିର ବିଶାଳ, ପ୍ରାଚୀନ ପରିଦୃଶ୍ୟରେ 'ନାରୀ' ଶବ୍ଦଟି ଶ୍ରଦ୍ଧା, ଶକ୍ତି, ଧୈର୍ଯ୍ୟ, ସହନଶୀଳତା, ସହାନୁଭୂତି ଏବଂ ସୌନ୍ଦର୍ଯ୍ୟର ପ୍ରତୀକ। ନାରୀ ହେଉଛି ପ୍ରାଣଦାୟିନୀ ଦେବୀଙ୍କ ପ୍ରତିମୂର୍ତ୍ତି। ଜ୍ଞାନର ଦେବୀ ସରସ୍ୱତୀଙ୍କଠାରୁ ଆରମ୍ଭ କରି ଧନର ଦେବୀ ଲକ୍ଷ୍ମୀଙ୍କ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିରେ ମହିଳାମାନେ ଜୀବନଦାନକାରୀ ଶକ୍ତିର ପ୍ରତୀକ । ଭାରତର ଇତିହାସ ଯେତେବେଳେ ରାଣୀ ଲକ୍ଷ୍ମୀବାଈ, ଆନି ବେଶାନ୍ତ, ସରୋଜିନୀ ନାଇଡୁ, କୁନ୍ତଳା କୁମାରୀ ସାବତ, ସତ୍ୟବତୀ ଦେବୀ, ରମାଦେବୀ ଚୌଧୁରୀଙ୍କ ଭଳି ମହୀୟସୀ ମହିଳାଙ୍କ ଅବଦାନ, ବଳିଦାନ ଓ ସାହସିକତାର ମୂକସାକ୍ଷୀ, ସେତେବେଳେ ଜଣେ ମହିଳାକୁ ଏକ ଭୟଙ୍କର ଓ କାଳ୍ପନିକ ରୂପର ଆଖ୍ୟା ଦେଇ ଡାହାଣୀ ବୋଲି ବିବେଚନା କରିବା, ତାକୁ ନିର୍ଯ୍ୟାତନା ଦେବା, ଅତ୍ୟାଚାର କରିବା, ନାରୀତ୍ୱ ଭଳି ଅଧିକାରକୁ ତା' ପାଖରୁ ଛଡ଼େଇ ନେବା, କେତେ ସମୀଚୀନ ? ଏହା ମହିଳାମାନଙ୍କ ପ୍ରତି ସାମାଜିକ ମନୋବୃତ୍ତି ବିଷୟରେ ଏକ ବଡ଼ ପ୍ରଶ୍ନ ନୁହେଁ କି?

ଭାରତର ନ୍ୟାଶନାଲ କ୍ରାଇମ୍ ରେକର୍ଡ୍ସ ବ୍ୟୁରୋ ଦର୍ଶାଇଛି ଯେ, ୨୦୦୦ରୁ ୨୦୧୬ ମସିହା ମଧ୍ୟରେ ସାରା ଦେଶରେ ୨,୫୦୦ରୁ ଅଧିକ, ମୁଖ୍ୟତଃ ମହିଳାଙ୍କର କଳା ଯାଦୁକରି ବା ଡାହାଣୀ ଅଭିଯୋଗରେ ହତ୍ୟା କରାଯାଇଥିଲା । ଏହି ପ୍ରଥା ଭାରତର ୧୨ଟି ରାଜ୍ୟ ଯଥା ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଅଧିକ ପ୍ରଚଳିତ। ବିଶେଷକରି ବିଧବା, ଏକୁଟିଆ ରହୁଥିବା ମହିଳା ବା ଅବିବାହିତା ମହିଳାଙ୍କୁ କଳା ଯାଦୁକରି ଅଭ୍ୟାସ କରୁଥିବା ଅଭିଯୋଗରେ ସେମାନଙ୍କ ଛବିକୁ କଳୁଷିତ କରାଯାଏ । ଏହି ଅଭିଯୋଗଗୁଡ଼ିକ ସାଧାରଣତଃ ଅନ୍ଧବିଶ୍ୱାସ, ଈର୍ଷା, ସମ୍ପତ୍ତି ବିବାଦ କିମ୍ବା ସ୍ୱାଧୀନ ମହିଳାମାନଙ୍କୁ ନିୟନ୍ତ୍ରଣ କରିବାର ଉଦ୍ଦେଶ୍ୟରୁ ଉତ୍ପନ୍ନ ହୋଇଥାଏ । ଡାହାଣୀ ଆଖ୍ୟା ଦେଇ ସେମାନଙ୍କୁ ନିଷ୍ଠୁର ନିର୍ଯ୍ୟାତନା ଦିଆଯାଇଥାଏ, ନ ହେଲେ ଗ୍ରାମରୁ ବାସନ୍ଦ ବା ବହିଷ୍କାର କରିଦିଆଯାଏ । ଚରମ ମାମଲାରେ ବହୁ ସମୟରେ ନାରୀମାନେ ଡାହାଣୀର ଆଖ୍ୟା ପାଇ ମୃତ୍ୟୁର ସମ୍ମୁଖୀନ ମଧ୍ୟ ହୋଇଥା'ନ୍ତି । ମହିଳାମାନଙ୍କୁ ଡାହାଣୀ ବୋଲି ଆଖ୍ୟା ଦେବା କେବଳ ଅନ୍ଧବିଶ୍ୱାସର ପ୍ରସଙ୍ଗ ନୁହେଁ, ବରଂ ମହିଳାଙ୍କ ପ୍ରତି ସମାଜର କୁସଂସ୍କାରକୁ ମଧ୍ୟ ପ୍ରତିଫଳିତ କରେ । ଯଦି ପିଲାଙ୍କୁ ଝାଡ଼ା-ବାନ୍ତି ହେଉଛି, ତେବେ ବୋଧହୁଏ ପିଶାଚୁଣୀର ନଜର ଲାଗିଯାଇଛି। ଯଦି ଲଗାତାର କମ୍ପ-ଜ୍ୱର ହେଉଛି ଓ ଜ୍ୱର ଛାଡୁନାହିଁ, ତେବେ ସେ ବ୍ୟକ୍ତିକୁ ଡାହାଣୀ ଲାଗିଛି। ଭଲ ଫସଲ ହେଉନାହିଁ, ସ୍ୱାମୀ-ସ୍ତ୍ରୀ ଭିତରେ ଭଲ ପଡୁନାହିଁ,ଜମି-ଜମା ବିବାଦ ମେଣ୍ଟୁନାହିଁ ଇତ୍ୟାଦି ଇତ୍ୟାଦି ପଛରେ ଡାହାଣୀ, ପିଶାଚୁଣୀ, ଚିରିଗୁଣୀମାନଙ୍କ ହାତ । ରାଜ୍ୟ ମହିଳା ଆୟୋଗ, ଓଡ଼ିଶା ଏବଂ ଏକ ବେସରକାରୀ ସଂଗଠନ ଆକ୍ସନଏଡ୍ ଆସୋସିଏଶନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୭% ୱିଚ୍ ବ୍ରାଣ୍ଡିଂ ମାମଲା ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସହିତ ଜଡ଼ିତ ଥିବାବେଳେ ୪୩.୫% ମାମଲା ବୟସ୍କ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ସହିତ ଜଡ଼ିତ। ମହିଳାମାନଙ୍କୁ ଡାହାଣୀ ବା ପିଶାଚୁଣୀର ଆଖ୍ୟା ଦିଆଯାଇ ସେମାନଙ୍କ ନଖ ବାହାର କରିଦିଆଯାଏ, ମଳ ଖାଇବାକୁ ବାଧ୍ୟ କରାଯାଏ, ଉଲଗ୍ନ ହୋଇ



ପରିକ୍ରମା କରିବାକୁ କୁହାଯାଏ ନ ହେଲେ ମାରି ମାରି ପ୍ରାଣରୁ ମାରି ଦିଆଯାଏ, ନ ହେଲେ ଜିଅନ୍ତା ଜାଳି ଦିଆଯାଏ । ମହିଳାମାନଙ୍କୁ ଡାହାଣୀ ଭାବରେ ଚିତ୍ରଣ କରିବା, ଦ୍ୱୈତବାଦର ଏକ ସ୍ପଷ୍ଟ ସ୍ମାରକୀ। କାରଣ ଗୋଟିଏ ପଟେ ଆମେ ନାରୀକୁ ନାରାୟଣୀ କହିଲା ବେଳେ ଅନ୍ୟ ପାଖରେ ସେଇ ନାରୀ ଯେତେବେଳେ ସମାଜର ଆକାରହୀନ ଢାଞ୍ଚା ସହ ଖାପ ନ ଖୁଆଇ, ସେଇ ଆକାରହୀନ ସମାଜକୁ ଏକ ସୁନ୍ଦର ଆକାର ଦେବାର ପ୍ରୟାସ କରେ, ସେତେବେଳେ ଡାହାଣୀ ବୋଲି ପରିଚୟ ପାଇ ନିନ୍ଦିତ ହୁଏ । ଡାହାଣୀର ଆଖ୍ୟା କେବଳ ମହିଳାମାନଙ୍କ ମର୍ଯ୍ୟାଦା ହାନି ନୁହେଁ, ବରଂ ସମାଜରୁ ସେମାନଙ୍କର ସମ୍ଭାବ୍ୟ ଅବଦାନ ଉପରେ ମଧ୍ୟ ଏକ କଟକଣା, ଯେଉଁଥିରେ ମହିଳାମାନଙ୍କୁ କୁପରମ୍ପରା, ଅନ୍ଧବିଶ୍ୱାସ ଏବଂ ଲିଙ୍ଗଗତ ବେଆଇନ ବନ୍ଧନରୁ ମୁକ୍ତ ହେବାକୁ ଅନୁମତି ଦିଏନାହିଁ। ଆଇନଗତ ସଂସ୍କାର ଏବଂ ସଚେତନତା ବୃଦ୍ଧି ସତ୍ତ୍ୱେ ମହିଳାମାନେ ପକ୍ଷପାତିତା ଏବଂ ବ୍ୟବସ୍ଥିତ ଅସମାନତାର ବୋଝ ସହ ସଂଘର୍ଷ ଜାରି ରଖିଛନ୍ତି। ଡାହାଣୀ ଅଭିଯୋଗରେ ହେଉ କିମ୍ବା ଭେଦଭାବର ସୂକ୍ଷ୍ମ ରୂପ ହେଉ, ମହିଳାମାନେ ସମାଜରେ ବିଦ୍ୟମାନ କୁପ୍ରଥାର ଫାଶରେ ବନ୍ଧା ।

ମହିଳାଙ୍କ ବିରୋଧରେ ଏହି ହିଂସାକୁ ସମାପ୍ତ କରିବାର ସବୁଠାରୁ ସ୍ପଷ୍ଟ ସମାଧାନ ହେଉଛି ଆଇନର ଆଶ୍ରୟ ନେବା । ହେଲେ ଭାରତରେ ୱିଚ୍ ବ୍ରାଣ୍ଡିଂ ବା ଡାହାଣୀର ଆଖ୍ୟା ଦେଇ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ପର୍କିତ ଆଇନ ଏତେ ଦୃଢ଼ ନୁହଁ ଯେ ଏହା ସମ୍ଭାବ୍ୟ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରିପାରିବ । ନାରୀମାନଙ୍କ ବିରୋଧରେ ଏହି ଅନ୍ୟାୟରେ ସଂଶ୍ଲିଷ୍ଟ ସାକ୍ଷୀମାନେ ଭୟରେ ପ୍ରାୟତଃ ସାକ୍ଷ୍ୟ ଦେବାକୁ ଆଗକୁ ଆସନ୍ତି ନାହିଁ। ଆଇନ କାର୍ଯ୍ୟକାରୀ କରିବା ଏବଂ ବିପଦରେ ଥିବା ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା ପୋଲିସ ଏବଂ ପ୍ରଶାସନର କାର୍ଯ୍ୟ ହୋଇଥିଲେ ମଧ୍ୟ ପୋଲିସ ସେତେବେଳେ ହସ୍ତକ୍ଷେପ କରେ, ଯଦି କୌଣସି ହତ୍ୟା ଜଡ଼ିତ ଥାଏ। ଅନ୍ୟଥା ଏକ ଆପୋସ ବୁଝାମଣା ପାଇଁ ପରାମର୍ଶ ଦେଇ ମାମଲାକୁ ଏଡ଼ାଇ ଦିଆଯାଏ । ୧୮୬୦ର ଭାରତୀୟ ଦଣ୍ଡ ସଂହିତା ତଥା ନିର୍ଦ୍ଦିଷ୍ଟ ରାଜ୍ୟ ଆଇନରେ ଡାହାଣୀ ଶିକାର ଏବଂ ସେଗୁଡ଼ିକର କାର୍ଯ୍ୟକାରିତାକୁ ଅପରାଧ ବୋଲି ଦର୍ଶାଇବାର ବ୍ୟବସ୍ଥା ରହିଛି, କିନ୍ତୁ ଏହାକୁ ଦେଶରୁ ନିଶ୍ଚିହ୍ନ ନ କରିବା ପର୍ଯ୍ୟନ୍ତ ସରକାର ଏବଂ ସମାଜ ଏହି ଅଭ୍ୟାସ ବିରୋଧରେ ନିରନ୍ତର ଅଭିଯାନ ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ । ଯେଉଁ ଜିଲାଗୁଡ଼ିକରେ ମହିଳାଙ୍କ ଉପରେ ଡାହାଣୀ ହେବାର ଅତ୍ୟାଚାର ଅଧିକ, ସେସବୁ ଜିଲା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଏହି କ୍ଷେତ୍ରରେ ସ୍ଥାନୀୟ ନେତା, ମହିଳା ଗୋଷ୍ଠୀ, ପଞ୍ଚାୟତିରାଜ ଅନୁଷ୍ଠାନ, ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟକର୍ମୀ ଏବଂ ଆଗଧାଡ଼ିର କର୍ମୀଙ୍କୁ ନିୟୋଜିତ କରି ଉଭୟ ଆଇନ ପ୍ରବର୍ତ୍ତନ ଏବଂ ସଚେତନତା ଅଭିଯାନ ସୁନିଶ୍ଚିତ କରାଯିବା ଆବଶ୍ୟକ। ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ତଥା ସେମାନଙ୍କ ପରିବାରର ଉପଯୁକ୍ତ ପୁନର୍ବାସ ଭଳି ଆଦର୍ଶ କାର୍ଯ୍ୟାନୁଷ୍ଠାନ ଉପରେ ବିଚାର କରାଯିବା ଉଚିତ, ଯଦ୍ୱାରା ବିଭିନ୍ନ ଅଂଶୀଦାରଙ୍କ ପାଇଁ ଉଦାହରଣ ସୃଷ୍ଟି କରାଯାଇପାରିବ। ୱିଚ୍-ହଣ୍ଟିଂ ଅଭ୍ୟାସକାରୀଙ୍କୁ ଅପରାଧୀକରଣ କରିବା ପାଇଁ ଆମକୁ ଏକ ଜାତୀୟ ଆଇନ ପ୍ରଣୟନ କରିବାକୁ ପଡ଼ିବ। ବର୍ତ୍ତମାନର ରାଜ୍ୟ ଆଇନ ଏବଂ ସନ୍ଦିଗ୍ଧମାନଙ୍କୁ ବିଚାର କରୁଥିବା ଭାରତୀୟ ଦଣ୍ଡ ସଂହିତା ମଧ୍ୟରେ ଉନ୍ନତ ସମନ୍ୱୟ ପାଇଁ କର୍ତ୍ତୃପକ୍ଷମାନେ ନିର୍ଦ୍ଦେଶାବଳୀ ବିକଶିତ କରିବା ଆବଶ୍ୟକ । କଳା ଯାଦୁକରି ବା ଡାହାଣୀ ଶିକାର ଅନ୍ତର୍ନିହିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ରାଜ୍ୟଗୁଡ଼ିକୁ ବିଭିନ୍ନ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ।

**ମୋ: ୬୩୭୦୯୦୫୯୪୭**

## ଏଇ ଭାରତରେ

ଗଛ ଗୋଟିଏ, କିନ୍ତୁ ଫଳ ୫୨ପ୍ରକାରର। ଏକଥା ଶୁଣି ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବ। କିନ୍ତୁ ଏଭଳି ଏକ ସଫଳତା ହାସଲ କରିଛନ୍ତି ବିହାର ଭାଗଲପୁରର ଅଶୋକ ଚୌଧୁରୀ। ସ୍ଥାନୀୟ ଅଞ୍ଚଳରେ ଥିବା ମଧୁବନ ନର୍ସରିରେ ସେ ଏଭଳି ଏକ ଆମ୍ବଗଛ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଏକ ସମୟରେ ୫୨ କିସମର ସ୍ୱାଦିଷ୍ଟ ଆମ୍ବ ଫଳିବା ସମ୍ଭବ ହୋଇପାରିବ। ଗୋଟିଏ ଗଛରେ ଏକ ସମୟରେ ବିଭିନ୍ନ ଭେରାଇଟିର ରଙ୍ଗିନ ଆମ୍ବଫଳ ଧରିବ। ତେଣୁ ଏହା ଦେଖିବାକୁ ଯେମିତି ଆକର୍ଷଣୀୟ ହୋଇପାରିବ ଖାଇବାକୁ ସେମିତି ସ୍ୱାଦିଷ୍ଟ ମଧ୍ୟ। ତେବେ ବିଭିନ୍ନ କିସମର ଆମ୍ବକୁ ନେଇ ମଧୁବନ ନର୍ସରିରେ ବହୁଦିନ ଧରି ରିସର୍ଚ୍ଚ ହେଉଛି। ଆଉ ଆମ୍ବଗଛକୁ ନେଇ ବିଭିନ୍ନ ପ୍ରକାର ରିସର୍ଚ୍ଚ କରିବା କ୍ଷେତ୍ରରେ ସଫଳତା ହାସଲ କରି ଅଶୋକ ମଧ୍ୟ ବିହାରର ମ୍ୟାଙ୍ଗୋ ମ୍ୟାନ୍ ପରିଚିତ ହୋଇଛନ୍ତି। ତେବେ ତାଙ୍କ କହିବା ଅନୁସାରେ ଲୋକଙ୍କୁ ଅଧିକ ଭେରାଇଟିର ଆମ୍ବ ଖାଇବା ପାଇଁ ଇଚ୍ଛା ଥିଲେ ଏହି କଲମି ଗଛ ଅଧିକ ଫଳପ୍ରଦ ହୋଇପାରିବ। ଯେଉଁମାନଙ୍କ ପାଖରେ ଗଛ ଲଗାଇବା ପାଇଁ ସ୍ଥାନ କମ୍ ଥିବ ସେମାନଙ୍କ ପାଇଁ ମଧ୍ୟ ଏହି ପ୍ରକାରର କଲମି ଗଛ ଅଧିକ ଉପଯୋଗୀ ହୋଇପାରିବ। ତେବେ ଏଭଳି ଗଛ ଲଗାଇବାକୁ ଚାହୁଁଥିଲେ ଏହାର ବିଶେଷ ଭାବରେ ଯତ୍ନ ନେବାକୁ ହେବ ବୋଲି ଜାଣିରଖିବା ଦରକାର।

## ୫୦ ବର୍ଷ ତଳର ଧରିତ୍ରୀ

୭ ଏପ୍ରିଲ ୧୯୭୬

- ସମ୍ବାଦପତ୍ରରେ ମାଦକ ଦ୍ରବ୍ୟର ପ୍ରଚାରକୁ କର୍ନାଟକ ସରକାର ନିଷେଧ କରିଛନ୍ତି।
- ଥାଇଲାଣ୍ଡରେ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ କୁକ୍ରିଟ ପ୍ରମୋଜ ପରାଜିତ।
- ୬୪ ବର୍ଷ ବୟସ୍କ ଜେମ୍ସ କାଲାଘାନ ବ୍ରିଟେନ୍‌ର ନୂତନ ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ।

## ଚିରନ୍ତନୀ

ସରଳ ମତି ସହଜ ଗତି
ଯା'ନ୍ତି ଚଳି ବାଳୀ
ନ ବୁଝି ଏ ନିଦାଘ ପଥେ
କି ରୂପରାଶି ଢାଳି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 1 | 3 | |
| | | | 4 | | | | | |
| | 3 | 8 | | | 5 | | | |
| 4 | | | | | 3 | | | |
| 5 | | | 1 | 9 | | | 4 | |
| | 6 | | | | | 7 | | |
| | 2 | | 6 | | | 4 | 8 | |
| | | | | 5 | | | | |
| 3 | | 4 | 8 | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 1 | 6 | 5 | 2 | 3 | 8 | 4 |
| 2 | 5 | 8 | 9 | 3 | 4 | 6 | 7 | 1 |
| 6 | 3 | 4 | 7 | 8 | 1 | 2 | 9 | 5 |
| 1 | 6 | 7 | 4 | 9 | 3 | 8 | 5 | 2 |
| 8 | 4 | 5 | 2 | 7 | 6 | 9 | 1 | 3 |
| 3 | 2 | 9 | 8 | 1 | 5 | 4 | 6 | 7 |
| 5 | 7 | 6 | 3 | 4 | 9 | 1 | 2 | 8 |
| 4 | 1 | 2 | 5 | 6 | 8 | 7 | 3 | 9 |
| 9 | 8 | 3 | 1 | 2 | 7 | 5 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ୍ତରମାନେ ଜନୌଷଧି ଲେଖନ୍ତୁ

ମହାଶୟ,

ପ୍ରଧାନମନ୍ତ୍ରୀ ଜନୌଷଧି ଦୋକାନରେ ଉପଲବ୍ଧ ଜନୌଷଧିର ଗୁଣବତ୍ତା ନାମୀଦାମୀ କମ୍ପାନୀର ଏଲୋପାଥିକ ଔଷଧ ସହ ସମାନ ଥିବାବେଳେ ଏଗୁଡ଼ିକ ଅତି ଶସ୍ତାରେ ମିଳୁଛି। ଅନେକଗୁଡ଼ିଏ ଜନୌଷଧି ୮୦ରୁ ୯୦ ପ୍ରତିଶତ କମ୍ ମୂଲ୍ୟରେ ମିଳୁଛି। ଏଥିପାଇଁ କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଜନୌଷଧିଗୁଡ଼ିକ ସାଧାରଣ ଲୋକଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ମାତ୍ର ସରକାରୀ ଓ ଘରୋଇ ଡାକ୍ତରଖାନାଗୁଡ଼ିକରେ କାର୍ଯ୍ୟରତ ଡାକ୍ତରମାନେ ଚିଠାରେ ଜନୌଷଧି ଔଷଧ ଲେଖୁନାହାନ୍ତି। ରୋଗୀମାନେ ଡାକ୍ତରମାନଙ୍କ ପରାମର୍ଶରେ ଔଷଧ ଖାଇବେ। କେନ୍ଦ୍ର ସରକାର କେବଳ ଜନୌଷଧି ସେବନ କରିବାକୁ ବଡ଼ ବଡ଼ ବିଜ୍ଞାପନ ଦେଇଦେଲେ ଯଥେଷ୍ଟ ହେବ ନାହିଁ। ଡାକ୍ତରମାନେ ଯେପରି ନିଶ୍ଚିତଭାବେ ରୋଗୀଙ୍କୁ ଜନୌଷଧି ସେବନ କରିବାକୁ ପରାମର୍ଶ ଦେବେ ସେଥିପ୍ରତି ଦୃଷ୍ଟି ଦେବା ଦରକାର।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭାଜପା @ ୪୬**

# ସବୁ ପ୍ରତିଶ୍ରୁତି ପୂରଣ କରିବୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୪(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମଥର ପାଇଁ ଭାଜପା ଏକାକୀ ସରକାର ଗଠନ କରିବାରେ ସକ୍ଷମ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ୪୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନିର୍ବାଚନ ସମୟରେ ସଂକଳ୍ପପତ୍ରରେ ଯାହାସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସରକାର ଗଠନର ମାତ୍ର ୧୦ମାସ ଅବଧି ମଧ୍ୟରେ ଅଧିକାଂଶ ପୂରଣ କରିପାରିଛି। ୨୦୩୬ରେ 'ବିକଶିତ ଓଡ଼ିଶା' ଗଠନ କରିବାକୁ ଭାଜପା ଲକ୍ଷ୍ୟ ରଖିଛି। ସମସ୍ତଙ୍କ ଅଖଣ୍ଡ ପରିଶ୍ରମ ବଳରେ ଏବଂ ସରକାର ଓ ଦଳର ସମନ୍ୱୟରେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବା। ଏଥିପାଇଁ ବ୍ୟକ୍ତିଗତ ସ୍ୱାର୍ଥରୁ ଉପରକୁ ଉଠି ସାମୂହିକ ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ପଣ୍ଡିତ ଦୀନ୍‌ଦୟାଲଜୀଙ୍କ ଅନ୍ତ୍ୟୋଦୟ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଧାରଣ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ପହଞ୍ଚାଇବାର ବଜ୍ର ଶପଥ ନେଇ ଗଢ଼ି ଉଠିଥିଲା ଭାରତୀୟ ଜନତା ପାର୍ଟି। ଲକ୍ଷ୍ୟ ଥିଲା, ସମାଜର ତଳସ୍ତରରେ ରହୁଥିବା ଲୋକଙ୍କ ପାଖରେ ବିକାଶ ପହଞ୍ଚାଇବା । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛି। ଆମର ଲକ୍ଷ୍ୟ ହେଉଛି ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ରେ ବିକଶିତ ଭାରତ ଗଠନ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ। ସେଥିପାଇଁ ଓଡ଼ିଶା ସରକାର ନିରନ୍ତର ଭାବେ କାର୍ଯ୍ୟ କରିଚାଲିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ ପତାକା ଉତ୍ତୋଳନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ଦଳୀୟ ନେତୃବୃନ୍ଦ।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ରାଷ୍ଟ୍ରବାଦୀ ବିଚାରକୁ ଆଧାର କରି ୧୯୮୦ରେ ଗଠନ ହୋଇଥିବା ଭାଜପା ତା'ର ୪୬ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ସେତେବେଳେ ଦେଶର ରାଜନୈତିକ ବିକଳ୍ପ ଭାବେ ଭାରତୀୟ ଜନସଂଘର ନୀତି, ଆଦର୍ଶ, ବିଚାରଧାରା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତ୍ୟାଗ, ତପସ୍ୟା ଓ ସାଧନାରୁ ଭାରତୀୟ ଜନତା ପାର୍ଟି ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷର ସଂଘର୍ଷ ପରେ ଭାଜପା ଏବେ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାବେ ଉଭା ହୋଇଛି। ୨୧ଟି ରାଜ୍ୟରେ ଦଳ ଏବେ ଶାସନ କ୍ଷମତାରେ ରହିଛି ବୋଲି ମନମୋହନ କହିଛନ୍ତି।

ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଭାଜପା ସରକାର ଚାଷୀ, ଶ୍ରମିକ, ମହିଳା, ଯୁବକ, ଗରିବ, ପଛୁଆବର୍ଗର ଲୋକଙ୍କ କାମ କରୁଛି। ବହୁ ସଂଘର୍ଷ ପରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ବିଚାରଧାରାରେ ଭାରତୀୟ ଜନତା ପାର୍ଟି ଗଠନ କରାଯାଇଥିଲା। ତୃଣମୂଳରୁ ଜାତୀୟସ୍ତର ପର୍ଯ୍ୟନ୍ତ ଦଳର ସବୁସ୍ତରରେ ଯେପରି ନିରପେକ୍ଷତା ବଜାୟ ରହିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭାଜପା ସବୁବେଳେ ସମାଜର ଶେଷ ପାହାଚରେ ଥିବା ବ୍ୟକ୍ତିର ବିକାଶ ପାଇଁ ଗୁରୁତ୍ୱ ଦେଇଛି ବୋଲି ତୋମାର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର, ସାଂସଦ ବଳଭଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସସ୍ମିତ, ପାଣ୍ଡିଆନଙ୍କ ଉପରେ ବର୍ଷିଲେ ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀ

କଟକ,୬।୪(ଶିଳ୍ପା ପ୍ରିୟଦର୍ଶିନୀ)

- ଏଭଳି କହିବା ପାଇଁ ସସ୍ମିତଙ୍କର କ'ଣ ଔକାତ୍ ଅଛି
- ପାଣ୍ଡିଆନ୍ ବିଜେଡି ପାଇଁ ବୋଝ



ପ୍ରଭାତ ତ୍ରିପାଠୀ

ୱକ୍‌ଫ ବିଲ୍‌ରେ ବିଜେଡି ଭୋଟିଂ ଓ ସସ୍ମିତ ପାତ୍ରଙ୍କ ଟୁଇଟ୍‌କୁ ନେଇ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବର୍ଷିଛନ୍ତି। କଟକ ହାଇକୋର୍ଟ ଛକ ନିକଟ ବାସଭବନରେ ରବିବାର ପ୍ରଭାତ ଗଣମାଧ୍ୟମକୁ କହିଛନ୍ତି, ସସ୍ମିତ ପାତ୍ର କାହା ଅନୁମତି ବିନା ଏଭଳି କହିପାରିବେ ନାହିଁ। ସସ୍ମିତଙ୍କର କ'ଣ ଔକାତ ଅଛି ଏଭଳି କହିବା ପାଇଁ, ଏପରି ବୟାନକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଏଥିସହ ସେ ଭି.କେ. ପାଣ୍ଡିଆନ୍‌ଙ୍କୁ ଟାର୍ଗେଟ୍ କରି କହିଛନ୍ତି, ପାଣ୍ଡିଆନ୍ ସନ୍ନ୍ୟାସ ନେବେ ବୋଲି କହୁଥିଲେ, ହେଲେ ଏବେ ବି ନବୀନ ନିବାସରେ ନିଷ୍ପତ୍ତି ନେଉଛନ୍ତି। ବିଜେଡି ପାଇଁ ପାଣ୍ଡିଆନ୍ ଏବେ ବୋଝ। ବିଜେଡି ବୁଡ଼ିବାରେ ପାଣ୍ଡିଆନ ହେଉଛନ୍ତି ପ୍ରମୁଖ କାରଣ। ତାଙ୍କର କାର୍ଯ୍ୟକଳାପ ପାଇଁ ନିର୍ବାଚନରେ ଫଳ ଭୋଗିଲୁ। ବ୍ୟକ୍ତିଗତ ସଚିବ ବୋଲି କହୁଥିଲେ, ହେଲେ ଦଳ ପାଇଁ କ'ଣ କରିଛନ୍ତି ପାଣ୍ଡିଆନ୍। ଦଳରେ ନେତାମାନେ ପାଣ୍ଡିଆନଙ୍କୁ ବିରୋଧ କରନ୍ତି ଏବଂ ମୁଷ୍ଟିମେୟ ସମର୍ଥନ କରନ୍ତି। ନବୀନଙ୍କ ବଦଳରେ ପାଣ୍ଡିଆନକୁ ଲୋକ ଗ୍ରହଣ କରିବେ ନାହିଁ ବୋଲି ଲୋକେ ଜଣାଇଦେଲେ। ସେହିପରି ସୁଜାତା କାର୍ତ୍ତିକେୟନଙ୍କ ଇସ୍ତଫା ଦେବା ଉପରେ ପ୍ରଭାତ କହିଛନ୍ତି, ୨ଜଣ ପୂର୍ବତନ ମନ୍ତ୍ରୀ ତାଙ୍କୁ ନେଇ ଏବେ ବିଳି ବିଳଉଛନ୍ତି। ବର୍ତ୍ତମାନ ଘଟଣା ପରେ ପାଣ୍ଡିଆନ୍‌ଙ୍କ ଆସିବା ବାଟ ବନ୍ଦ ହୋଇଗଲା। ନବୀନ ଏବେ ପାଣ୍ଡିଆନ୍‌ଙ୍କ କଥାରେ ଯାଉଥିବା ଧାରଣା ହେଉଛି। ନବୀନ ଆଗକୁ ଆସି ସବୁ ହ୍ୟାଣ୍ଡେଲ କଲେ ଠିକ୍ ହୋଇଯିବ ବୋଲି ତ୍ରିପାଠୀ କହିଛନ୍ତି।

## ଏମ୍.ଏ. ବେବି ସିପିଏମ୍ ସାଧାରଣ ସମ୍ପାଦକ

ମଦୁରାଇ,୬।୪

**ପଲିଟବ୍ୟୁରୋରୁ ପ୍ରକାଶ, ବ୍ରିନ୍ଦା କରାଟ ଓହରିଲେ**



ଏମ୍.ଏ. ବେବି

କେରଳର ବରିଷ୍ଠ ନେତା ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ଏମ୍.ଏ. ବେବିଙ୍କୁ ସିପିଆଇ(ଏମ୍)ର ଷଷ୍ଠ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଛି। ଇଏମ୍‌ଏସ୍ ନମ୍ବୁଦ୍ରିପଦଙ୍କ ପରେ ଦଳର ସାଧାରଣ ସମ୍ପାଦକ ହେବାରେ ବେବି କେରଳ ସିପିଏମ୍‌ର ଦ୍ୱିତୀୟ ନେତା। ମହାରାଷ୍ଟ୍ର ନେତା ଡି.ଏଲ୍. କରଦ ଦଳର ଏହି ଶୀର୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହିଁବାରୁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପଶ୍ଚିମବଙ୍ଗ ସମ୍ପାଦକ ମହମ୍ମଦ ସଲିମ୍ ସାଧାରଣ ସମ୍ପାଦକ ପଦବୀ ପାଇଁ ବେବିଙ୍କ ନାମ ପ୍ରସ୍ତାବ ରଖିଥିବାବେଳେ ଡ. ଅଶୋକ ଧାୱଲେ ତାଙ୍କୁ ସମର୍ଥନ ଜଣାଇଥିଲେ। କରଦ ମାତ୍ର ୩୧ ଭୋଟ ପାଇ ହାରିଯାଇଛନ୍ତି।

ପାର୍ଟି କଂଗ୍ରେସ ୮୪ ଜଣିଆ ସେଣ୍ଟ୍ରାଲ କମିଟି ନିର୍ବାଚିତ କରିଥିବାବେଳେ ଗୋଟିଏ ସଦସ୍ୟ ପଦ ଖାଲି ରହିଛି। ପଲିଟବ୍ୟୁରୋ ସଦସ୍ୟ ସଂଖ୍ୟା ବର୍ତ୍ତମାନ ୧୭ ରହିଥିବାବେଳେ ଏହାକୁ ୧୮କୁ ବଢ଼ାଇବା ପାଇଁ ୨୪ତମ ପାର୍ଟି କଂଗ୍ରେସରେ ନିଷ୍ପତ୍ତି ନିଆଯାଇଥିଲା। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ପଲିଟବ୍ୟୁରୋ ସଦସ୍ୟତାକୁ ପୁଣିଥରେ ବଢ଼ାଇଦିଆଯାଇଛି। ପ୍ରକାଶ କରାଟ, ବ୍ରିନ୍ଦା କରାଟ ବୟସାଧିକ୍ୟ କାରଣରୁ ପଲିଟବ୍ୟୁରୋରୁ ଓହରିଯାଇଥିବାବେଳେ ସେମାନଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବେ ରଖାଯାଇଛି।

## ନବୀନ ଏବେ ଗୃହବନ୍ଦୀ: ନରସିଂହ

ଭୁବନେଶ୍ୱର,୬।୪(ରବିନାରାୟଣ ଜେନା)

ରାଜ୍ୟ ସଭାରେ କେନ୍ଦ୍ରର ୱକ୍‌ଫ ବିଲ୍ ସପକ୍ଷରେ ବିଜେଡିର ସସ୍ମିତ ପାତ୍ର ଓ ଅନ୍ୟ କେତେଜଣ ସଦସ୍ୟ ଭୋଟ ଦେବା ପରେ ଦଳ ୨ ଭାଗ ହୋଇଯାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି। ତେବେ ବିଜେଡି ୨ ଫାଳ ନୁହେଁ, ଫାଳଫାଳ ହୋଇଯାଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କଟାକ୍ଷ କରିଛନ୍ତି। ପୂର୍ବତନ ବିଧାୟକ ନରସିଂହ କହିଛନ୍ତି, ତଥାକଥିତ ସନ୍ନ୍ୟାସୀ ପ୍ରଚ୍ଛଦରେ ରହି ସବୁ ରାଜନୀତିକୁ ନିୟନ୍ତ୍ରଣ କରୁଛନ୍ତି। ପୂରା ପ୍ରକରଣକୁ ଦେଖିଲେ ମନେ ହେଉଛି ନବୀନ ପଟ୍ଟନାୟକ ଏବେ ଗୃହବନ୍ଦୀ।

ଗତ ବିଧାନସଭା ଅଧିବେଶନର ଅଚଳାବସ୍ଥାକୁ ଦେଖି ନରସିଂହ ଆହୁରି କହିଛନ୍ତି, ବଜେଟ ଅଧିବେଶନ କାଳରେ ୨ ତାରିଖରେ ରାତିସାରା ବିତର୍କ କରି ଶାସକ ଓ ବିଜେଡି ଯେଉଁ ବିଲ୍ ପାରିତ କରିଛନ୍ତି ବୋଲି ବାହାସ୍ଫୋଟ ମାରୁଛନ୍ତି, ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ସଂପ୍ରତି ରୁଲ୍ସ ଅଫ୍ ବିଜ୍‌ନେସ୍ ଅନୁଯାୟୀ ବିଧାନସଭା ଗୃହ ପରିଚାଳନା ହେଉନାହିଁ। ସମ୍ବିଧାନ ହେଲା ସବୁଠୁ ଊର୍ଦ୍ଧ୍ୱରେ। ତାହାକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। ମାତ୍ର ରାଜ୍ୟରେ ଭାଜପା ସରକାର ଓ ବିଜେଡି ସମ୍ପୂର୍ଣ୍ଣ ଭାବେ ଏହାକୁ ଉଲ୍ଲଂଘନ କରି ଚାଲିଛନ୍ତି। ଗୃହର ବିଜ୍‌ନେସ୍ କିଭଳି ଚାଲିବ ତାହା ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି। ୨୦୦୫ର ସଂଶୋଧିତ ନିୟମ ଅନୁଯାୟୀ ଗୃହ ଅଧିବେଶନରେ ରାତି ୭ଟା ପର୍ଯ୍ୟନ୍ତ ଚାଲିପାରିବ। ଯଦି ସେଭଳି କିଛି ଅତି ଆବଶ୍ୟକ ବୋଲି ବାଚସ୍ପତି ମନେକରନ୍ତି, ତେବେ ଆଉ ୨ଘଣ୍ଟା ଅର୍ଥାତ୍ ରାତି ୯ଟା ପର୍ଯ୍ୟନ୍ତ ଅବଧି ବଢ଼ାଇଯାଇପାରେ। ହେଲେ ଏଥର ଗୃହର ନୀତି ନିୟମକୁ ଭାଜପା ସରକାର ଓ ବିଜେଡି ଅବମାନନା କରିଛନ୍ତି। ଉଭୟେ ମିଳିମିଶି ସମ୍ବିଧାନର ଅମର୍ଯ୍ୟାଦା କରିଛନ୍ତି। କାଳେ କଂଗ୍ରେସ ସଦସ୍ୟ ଗୃହରେ ପୁନର୍ବାର ମହିଳା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଅକଳରେ ପକାଇବେ ସେଥିପାଇଁ ୨ଦଳ ଏଭଳି ନାଟକ ରଚିଛନ୍ତି।

ନରସିଂହ ୱକ୍‌ଫ ବିଲ୍‌କୁ ନେଇ ଆହୁରି କହିଛନ୍ତି, ବିଜେଡିରୁ ଯେଉଁମାନେ ସନ୍ନ୍ୟାସ ନେଇଛନ୍ତି ବୋଲି କହୁଛନ୍ତି ବାସ୍ତବରେ କଥା ତାହା ନୁହେଁ, ସେମାନେ ରାଜ୍ୟବାସୀଙ୍କ ସହିତ ଛଳନା କରୁଛନ୍ତି। ଭାଜପା ସହିତ ତାଙ୍କର କ'ଣ ଡିଲ୍ ହେଲା ଯେ କଥା ପଲଟି ଗଲା। ସନ୍ନ୍ୟାସୀ ପ୍ରଚ୍ଛଦପଟ୍ଟରେ ରହି ବିଜେଡି ଚଳାଉଛନ୍ତି, ଏମିତି କି ନବୀନଙ୍କୁ ଗୃହବନ୍ଦୀ ଭଳି ରଖିଛନ୍ତି; ଯେଉଁଥିପାଇଁ ବିଜେଡିରେ ଏବେ ବିଭ୍ରାଟ ଦେଖାଦେଇଛି।

**ଅପରାଧ**

**ପୋଲିସ ଏନ୍‌କାଉଣ୍ଟର**

# ମୋଷ୍ଟ ୱାଣ୍ଟେଡ୍ କ୍ଷୀରୋଦ ଗୁରୁତର

ଅନୁଗୋଳ, ୬।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳରେ ଅପରାଧକୁ ରୋକିବା ପାଇଁ ପୋଲିସ ଏବେ ଆକ୍ସନ ମୋଡ୍‌କୁ ଆସିଛି। ଗୋଟିଏ ସପ୍ତାହରେ ଦୁଇଟି ଏନ୍‌କାଉଣ୍ଟର କରିଛି ଅନୁଗୋଳ ପୋଲିସ। ବହୁ ଅପରାଧ ସହ ଜଡ଼ିତ ରହି ପୋଲିସର ମୋଷ୍ଟ ୱାଣ୍ଟେଡ୍ ସାଜିଥିବା ତାଳଚେରର ସୁଶାନ୍ତ ନାୟକଙ୍କୁ ଗତ ୨ତାରିଖ ରାତିରେ ଏନ୍‌କାଉଣ୍ଟର କରିବାର ୩ ଦିନ ପରେ ତାଙ୍କ ଘନିଷ୍ଠ ସହଯୋଗୀ କ୍ଷୀରୋଦ ନାୟକଙ୍କୁ ପୋଲିସ ଶନିବାର ରାତିରେ ଏନ୍‌କାଉଣ୍ଟର କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ କ୍ଷୀରୋଦ ୩ ରାଉଣ୍ଡ ଗୁଳି ଚଳାଇଥିଲେ ମଧ୍ୟ ପୋଲିସ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।




ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ କ୍ଷୀରୋଦ।

ପୋଲିସ ସୂଚନା ଅନୁସାରେ, କ୍ଷୀରୋଦ ତାଳଚେରରୁ ଅନୁଗୋଳ ଆସୁଥିବା ଛେଣ୍ଡିପଦା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ଅନୁଗୋଳ ଟାଉନ ଥାନା ଅଧିକାରୀ ଧୀରେଶ ଦାସଙ୍କୁ ଜଣାଇବା ପରେ ଛେଣ୍ଡିପଦା ପୋଲିସ, ଅନୁଗୋଳ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ରାତି ପ୍ରାୟ ୨ଟା ୩୦ ମିନିଟ୍ ସମୟରେ କୁକୁଡ଼ାଙ୍ଗ ଗ୍ରାମଠାରେ କ୍ଷୀରୋଦ ନାୟକଙ୍କୁ ଧରିବା ପାଇଁ ଜଗି ରହିଥିଲେ। କ୍ଷୀରୋଦ ଏକ ପଲସର ବାଇକ୍ (ଓଡି ୩୩ ଏଏଚ୍ ୧୨୮୦) ଯୋଗେ ଆସୁଥିବା ଦେଖି ପୋଲିସ ତାଙ୍କୁ ଆତ୍ମସମର୍ପଣ କରିବାକୁ କହିବାରୁ ସେ ନିଜ ପାଖରେ ରଖିଥିବା ବନ୍ଧୁକରୁ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଟାଉନ ଥାନା ଅଧିକାରୀ ରକ୍ଷଣାତ୍ମକ ଭାବେ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ପୁନର୍ବାର ଆତ୍ମସମର୍ପଣ କରିବାକୁ କହିଥିଲେ। କିନ୍ତୁ କ୍ଷୀରୋଦ ଆଉ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ହନୁମାନ ବାଟିକା ଆମ୍ବ ବଗିଚା ଭିତରକୁ ଖସି ପଳାଇଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ଆଉ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା। ଗୁଳିଟି ସିଧା କ୍ଷୀରୋଦଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଫଳରେ ସେ ଗୁରୁତର ହୋଇ ବାଇକ୍‌ରୁ ପଡ଼ିଯାଇଥିଲେ। ପୋଲିସ କ୍ଷୀରୋଦଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। କ୍ଷୀରୋଦଙ୍କ ଘର ଛେଣ୍ଡିପଦା ଅଞ୍ଚଳ ଗୋଲାଗାଡ଼ିଆ ବୋଲି ଜଣାପଡ଼ିଛି। ତାଙ୍କ ନାମରେ ଅନୁଗୋଳ, ଦେବଗଡ଼, ଢେଙ୍କାନାଳ ଜିଲାରେ ଅନେକ ଲୁଟ୍, ରାହାଜାନି ଓ ଡକାୟତି ଭଳି ସଙ୍ଗିନ ଆପରାଧିକ ମାମଲା ରହିଛି, ଯାହାକୁ ନେଇ ବିଭିନ୍ନ ଥାନା ପକ୍ଷରୁ କ୍ଷୀରୋଦଙ୍କୁ ଧରିବା ଉଦ୍ୟମ ଜାରି ରହିଥିଲା ବୋଲି ଅନୁଗୋଳ ଏସ୍‌ପି ରାହୁଲ ଜୈନ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେହିପରି ତାଙ୍କ ସହଯୋଗୀ ସୁଶାନ୍ତଙ୍କ ନାମରେ ମଧ୍ୟ ୩ ଜିଲାର ଅଧିକାଂଶ ଥାନାରେ ୩୦ରୁ ଅଧିକ ମାମଲା ସହ ୭ରୁ ଅଧିକ ଜାମିନବିହୀନ ପରୱାନା ରହିଥିବା ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଡିଶିନାଲ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଅନିଲ ବେଉରିଆ ଓ ସ୍ପେଶାଲ ସ୍କ୍ୱାଡ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

### ତାଳଚେର ହାଟ ଗୁଳିକାଣ୍ଡରେ ସମ୍ପୃକ୍ତ

ତାଳଚେର ହାଟରେ ଗତ ଜାନୁଆରୀ ୨୨ରେ ସହଯୋଗୀ ସୁଶାନ୍ତ ନାୟକଙ୍କ ସହ ମିଶି କ୍ଷୀରୋଦ ଗୁଳିକାଣ୍ଡ କରି ଖସି ପଳାଇଥିଲେ। ସୁଶାନ୍ତ ନାୟକଙ୍କୁ ପୋଲିସ ପୂର୍ବରୁ ଏନ୍‌କାଉଣ୍ଟର କରିସାରିଛି।

### ୩ ଜିଲାରେ ଅପରାଧ

ଅଭିଯୋଗ ଅନୁଯାୟୀ, ଅନୁଗୋଳ, ଦେବଗଡ଼, ଢେଙ୍କାନାଳ ଜିଲାରେ କ୍ଷୀରୋଦ ଓ ସୁଶାନ୍ତ ଆପରାଧିକ ନେଟୱାର୍କ ବିସ୍ତାର କରିଥିଲେ। ସେମାନଙ୍କ ବିଭିନ୍ନ ଥାନାରେ ୩୦ରୁ ଅଧିକ ମାମଲା ରହିଛି। ସର୍ବାଧିକ ମାମଲା ଛେଣ୍ଡିପଦା ଥାନାରେ ରହିଛି। ଅକ୍ଟୋବର ୯ରେ ଦେବଗଡ଼ ଜିଲା ଖଇରପାଲି ଥାନା ଛକରୁ ଏକ ଗ୍ଲାମର ବାଇକ୍ ଚୋରି, ଏନ୍‌ଟିପିସି ଥାନା ତେଲିସିଂହା ଗ୍ରାମର ଜଣେ ଦୋକାନୀଠାରୁ କ୍ଷୀରୋଦ ଓ ତାଙ୍କ ଗ୍ୟାଙ୍ଗ ୨୫ ହଜାର ଟଙ୍କା ଲୁଟ୍, ସେପ୍ଟେମ୍ବର ୫ରେ ଖମାର ଥାନା କଣ୍ଡିଆପଶି ଗ୍ରାମ ନିକଟରେ ଏକ ବୋଲେରୋରେ ଯାଉଥିବା ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲୁଟ୍ କରିଥିଲେ। ସେପ୍ଟେମ୍ବର ୨ରେ ଏକଘରିଆ ବିକିସର ଛକରୁ ଗୋଟିଏ କାର୍‌ରୁ କ୍ଷୀରୋଦ ଓ ତାଙ୍କ ଗ୍ୟାଙ୍ଗ ୨ ଲକ୍ଷ ୩୩ ହଜାର ଟଙ୍କା ଲୁଟି ନେଇଥିଲେ।

### ୨୦୧୧ରୁ ଆପରାଧିକ ମାମଲାରେ ଜଡ଼ିତ

୨୦୧୧ରୁ କ୍ଷୀରୋଦ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ରହିଛନ୍ତି। ୨୦୧୬ରୁ ଆଜି ପର୍ଯ୍ୟନ୍ତ ଅପରାଧ କାର୍ଯ୍ୟରେ ଲିପ୍ତ ରହି ପୋଲିସକୁ ସବୁ ସମୟରେ ଚକ୍‌ମା ଦେଇ ଫେରାର ହୋଇଯାଉଥିଲେ। ପୋଲିସ କ୍ଷୀରୋଦଙ୍କୁ ଧରିବାରେ ବିଫଳ ହୋଇଥିଲା।

## ଏଡିଟେଡ୍ ନଗ୍ନଫଟୋ ଭାଇରାଲ କରି ଯୁବକ ଗିରଫ

କଟକ,୬।୪ (କାର୍ତ୍ତିକ ସାହୁ)

**ଏକତରଫା ପ୍ରେମରୁ ପ୍ରତିଶୋଧପରାୟଣ**



ବିଟୁ କୁମାର

କଲେଜ ଛାତ୍ରୀଙ୍କ ଏଡିଟେଡ୍ ନଗ୍ନଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ କରିବା ଘଟଣାରେ କଟକ ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ୪୨ ମୌଜା ଥାନା ଅଧୀନ ବ୍ରହ୍ମପୁର ଗ୍ରାମରେ ଭଡ଼ାରେ ରହୁଥିବା ବିହାର ମୁଙ୍ଗେର୍‌ର ବିଟୁ କୁମାର(୧୯)। ତାଙ୍କ ନିକଟରୁ ୩ଟି ମୋବାଇଲ୍ ଫୋନ୍ ଜବତ ହୋଇଛି। ସେ ବକ୍ରକବାଟୀ ରୋଡ୍‌ସ୍ଥିତ ଏକ ଇଣ୍ଟେରିଅର୍ ଡିଜାଇନ୍ ସଂସ୍ଥାରେ କାମ କରୁଥିବା ପୋଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, ସମ୍ପୃକ୍ତା ଛାତ୍ରୀଙ୍କ ପରିବାର ୪୨ ମୌଜା ଝିଙ୍କିରିଆ ଅଞ୍ଚଳରେ ଭଡ଼ାରେ ରହନ୍ତି। ତାଙ୍କ ପରିବାରର ଜଣେ ମହିଳାଙ୍କ ମୋବାଇଲ ଫୋନ୍‌କୁ ୨୦୨୪ ସେପ୍ଟେମ୍ବରରେ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ତାଙ୍କୁ ଦେହଜୀବୀ କହିବାରୁ ସେ ଆଶ୍ଚର୍ଯ୍ୟ ହୋଇଗଲେ। ପୁଣି ଲଗାତାର ବିଭିନ୍ନ ନମ୍ବରରୁ ତାଙ୍କ ମୋବାଇଲ୍‌କୁ ଏଭଳି କଲ୍ ଆସିଥିଲା। ଏ ସଂକ୍ରାନ୍ତରେ ମହିଳା ଜଣକ ତନାଘନା କରି ଫେସ୍‌ବୁକ୍‌ରେ କିସନା ଡନ୍ ଓ ପୂଜା ସିଂହ ନାମକ ଆଇଡିରେ ତାଙ୍କ ମୋବାଇଲ ନମ୍ବର ଲେଖାଯାଇଥିବା ଜାଣିବାକୁ ପାଇଥିଲେ। ସେହି ଆଇଡିରେ ସମ୍ପୃକ୍ତା କଲେଜ ଛାତ୍ରୀ ଅର୍ଥାତ୍ ତାଙ୍କ ଝିଆରୀଙ୍କ ଏଡିଟେଡ୍ ନଗ୍ନଫଟୋ ସହ ତାଙ୍କର ଓ ତାଙ୍କ ପରିବାରର ଅନ୍ୟ କିଛି ସଦସ୍ୟଙ୍କ ଫୋନ୍ ନମ୍ବର ଲେଖାଯାଇଥିବା ଅବଗତ ହୋଇଥିଲେ। ଏହି ନମ୍ବରରେ ଫୋନ୍ କରି ଦେହଜୀବୀଙ୍କୁ ଯୋଗାଯୋଗ କରିହେବ ବୋଲି ଲେଖାଯାଇଥିଲା। ଏନେଇ ମହିଳା ଜଣକ କଟକ ସାଇବର ଥାନାରେ ଏତଲା ଦେଇଥିଲେ। ପୋଲିସ ସେହି ଆଇଡିଗୁଡ଼ିକୁ ସଙ୍ଗେ ସଙ୍ଗେ ବ୍ଲକ୍ କରିଦେଲା। ମାତ୍ର କିଛିଦିନ ପରେ ପୁଣି ମାମୁନି ସାହା ନାମରେ ଏକ ନୂଆ ଆଇଡି ଖୋଲାଯାଇ ସେଥିରେ ସମାନ କଥା ଲେଖାଗଲା। ମହିଳା ଜଣକ ଏହା ଜାଣିବା ପରେ ପୁଣି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା। ଫେସ୍‌ବୁକ୍‌ରୁ ସମ୍ପୂର୍ଣ୍ଣ ତଥ୍ୟ ଆଣିବା ପରେ ଅଭିଯୁକ୍ତ ବିଟୁ ଏସବୁ କରୁଥିବା ଜଣାପଡ଼ିଥିଲା। ପୋଲିସ ତଦନ୍ତବେଳେ ବିଟୁ ସମ୍ପୃକ୍ତା ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିବା ଜଣାପଡ଼ିଥିଲା। ବିଟୁ ତାଙ୍କ ଭଉଣୀ ଓ ଭିଣୋଇଙ୍କ ସହ ୨ ବର୍ଷ ତଳେ ୪୨ମୌଜା ଅଞ୍ଚଳର ଏକ ଭଡ଼ାଘରେ ରହୁଥିଲେ। ସେହି ଘରର ତଳ ବଖରାରେ ଅଭିଯୋଗକାରିଣୀଙ୍କ ପରିବାର ମଧ୍ୟ ଭଡ଼ାରେ ରହୁଥିଲେ। ବିଟୁ ସେହି ସମୟରେ ସମ୍ପୃକ୍ତା କଲେଜ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲା। ସେ ବହୁବାର ପ୍ରେମ ନିବେଦନ କରି ବିଫଳ ହେବା ପରେ ପ୍ରତିଶୋଧପରାୟଣ ହୋଇ ପଡ଼ିଥିଲେ। ପରେ ଦୁଇ ପରିବାର ସେହି ଘର ଛାଡ଼ି ଅନ୍ୟତ୍ର ଭଡ଼ା ନେଇ ରହିଲେ। ମାତ୍ର ବିଟୁ ସେହି ଛାତ୍ରୀଙ୍କୁ ବଦନାମ କରିବାକୁ ଯୋଜନା କରିଥିଲେ। ଫଳରେ ସେ ରଖିଥିବା ଛାତ୍ରୀଙ୍କ କିଛି ଫଟୋକୁ ଅଶ୍ଳୀଳ ଭାବେ ଏଡିଟ୍ କରି ସେଥିରେ ତାଙ୍କ ପରିବାରର ନମ୍ବର ଲେଖି ସୋସିଆଲ୍ ମିଡିଆରେ ଫେକ୍ ଆଇଡି ଜରିଆରେ ଭାଇରାଲ୍ କରିଥିଲେ।

## ପୁଅର ଶାବଳ ମାଡ଼ରେ ବାପା ମୃତ, ମା' ଗୁରୁତର

ସମ୍ବଲପୁର,୬।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ତୁରିପଡ଼ା ଗ୍ରାମରେ ରବିବାର ପୁଅର ଶାବଳ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୟା ମଲ୍ଲିକ(୮୦)। ଗୁରୁତର ଆହତ ଉକିଆ ମଲ୍ଲିକ(୭୨)ଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ପୁଅ ବାଳକୃଷ୍ଣ ମଲ୍ଲିକ(୪୫)ଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁସାରେ ରବିବାର ଅପରାହ୍ନରେ କୌଣସି କଥାକୁ ନେଇ ଗୟା ଓ ବାଳକୃଷ୍ଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ବାଳକୃଷ୍ଣ ଏକ ଶାବଳରେ ବାପାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ସୁରକ୍ଷା ଦେବାକୁ ଆସିଥିବା ମା' ଉକିଆ ମଧ୍ୟ ଏଥିରୁ ବର୍ତ୍ତି ନ ଥିଲେ। ଆକ୍ରମଣରେ ଗୟା ଓ ଉକିଆ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ଗୟାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯୁଯୁମୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାଳକୃଷ୍ଣଙ୍କୁ ହେପାଜତକୁ ନେଇଛି।

## ରାମ ନବମୀ ଶୋଭାଯାତ୍ରାରେ ଯୁବକଙ୍କୁ ଛୁରାମାଡ଼

ସୋର,୬।୪(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ସହରରେ ରବିବାର ରାମ ନବମୀ ଉପଲକ୍ଷେ ଶୋଭାଯାତ୍ରା ଚାଲିଥିବା ବେଳେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଗୁରୁତର ଯୁବକ ଜଣକ ହେଲେ ଚିତ୍ତଳ ଗ୍ରାମର ସନ୍ତୋଷ କୁମାର ସାହୁ। ଅପରାହ୍ନରେ କୋର୍ଟ ଛକ ନିକଟରେ ସେ ଛିଡ଼ା ହୋଇଥିବା ବେଳେ ୫ଜଣ ଯୁବକ ୨ଟି ବାଇକ୍ ଓ ଗୋଟିଏ ସ୍କୁଟିରେ ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ହାତ, ମୁଣ୍ଡ ଓ ପିଠିରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ତଦନ୍ତ ଜାରି ରଖିଛି।



ଗୁରୁତର ସନ୍ତୋଷ କୁମାର ସାହୁ

## ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

ଦେବଗଡ଼,୬।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳର ଜଣେ ୪ ବର୍ଷିଆ ଶିଶୁକନ୍ୟାଙ୍କୁ ଜଣେ ନାବାଳକ(୧୭) ବଳାତ୍କାର କରିଛନ୍ତି। ଏ ନେଇ ପୀଡ଼ିତା ଶିଶୁକନ୍ୟାଙ୍କ ମା' ରିଆମାଳ ଥାନାରେ ଶନିବାର ରାତିରେ ଅଭିଯୋଗ କରିଛନ୍ତି। ଶନିବାର ପୂର୍ବାହ୍ନରେ ଘରବାହାରେ ଶିଶୁକନ୍ୟା ଖେଳୁଥିଲେ। ଏହି ସମୟରେ ମୋବାଇଲ ଦେଖାଇବା ବାହାନାରେ ଶିଶୁକନ୍ୟାଙ୍କୁ ନାବାଳକ ନିଜ ଘରକୁ ଟେକି ନେଇ ବଳାତ୍କାର କରିଥିଲେ। ଘରକୁ ଆସି ଶିଶୁକନ୍ୟା କାନ୍ଦିଥିଲେ। ମା' କ'ଣ ପାଇଁ କାନ୍ଦୁଛୁ ବୋଲି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ପୀଡ଼ିତାଙ୍କ ଗୁପ୍ତାଙ୍ଗରେ କ୍ଷତ ଓ ରକ୍ତସ୍ରାବ ଦେଖି ତାଙ୍କ ମା' ରାତିରେ ରିଆମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନାବାଳକଙ୍କୁ ପଚରାଉଚରା କରିଛି। ସୋମବାର ଉଭୟଙ୍କ ଡାକ୍ତରମାଇନା ହେବ ବୋଲି ପୋଲିସ ସୂଚନା ଦେଇଛି।

**ମାନସ ଦଳେଇ ହତ୍ୟା ଘଟଣାରେ ଜଣେ ଗିରଫ**

ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ଥାନା ଅଧୀନ ବିକାଶନଗର ଅଞ୍ଚଳର ରାକେଶ ଦଳେଇ ଓରଫ ମାନସଙ୍କ ହତ୍ୟା ଘଟଣାରେ ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉପରବସ୍ତିରର ଅଭିରାମ ବାଘସିଂ(ଅଭି)। ତାଙ୍କ ନିକଟରୁ ଏକ ଖଣ୍ଡା ଜବତ ହୋଇଛି। ତେବେ ଜାମିନ ନାମଞ୍ଜୁର ପରେ ଅଭିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।



ରାମ ନବମୀ ଅବସରରେ ରବିବାର ରାମସେନା ଜନସେବା ପକ୍ଷରୁ ଭିଏସ୍ଏସ୍ ନଗରରୁ ରାମ ମନ୍ଦିର ଅଭିମୁଖେ ଯାଉଥିବା ଶୋଭାଯାତ୍ରା।



ବିଶ୍ୱହିନ୍ଦୁ ପରିଷଦର ଆହ୍ୱାନକ୍ରମେ ବଜରଙ୍ଗ ଦଳ ପକ୍ଷରୁ ସହର ପରିକ୍ରମା କରୁଥିବା ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା।

# ‘ଜୟ ଶ୍ରୀରାମ’ ଧ୍ୱନିରେ କମ୍ପିଲା ରାଜଧାନୀ

ଭୁବନେଶ୍ୱର,୬।୪(ସୌମ୍ୟରଞ୍ଜନ ରାଉତ)

ରାଜଧାନୀ ଭୁବନେଶ୍ୱରରେ ଶ୍ରୀରାମ ନବମୀ ଉତ୍ସବ ମହା ଆଡମ୍ବରରେ ରବିବାର ପାଳିତ ହୋଇଯାଇଛି। ଏଥିପାଇଁ ସହରରେ ଥିବା ରାମ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ସକାଳୁ ରାତି ପର୍ଯ୍ୟନ୍ତ ପୂଜାର୍ଚ୍ଚନା, ଠାକୁର ଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ରହିଥିଲା। ବଜରଙ୍ଗ ଦଳ, ରାମ ସେନା ଆଦି ବିଭିନ୍ନ ହିନ୍ଦୁ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ‘ଜୟ ଶ୍ରୀରାମ’ ଧ୍ୱନିରେ ସାରା ରାଜଧାନୀ ପ୍ରକମ୍ପିତ ହୋଇଉଠିଥିଲା। ସେହିପରି ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବମୁଖରିତ ହୋଇପଡିଥିବାବେଳେ ସେମାଙ୍କ ମୁହଁରୁ ‘ଜୟ ଶ୍ରୀରାମ’ ଗୁଞ୍ଜରିତ ହେଉଥିଲା। ତେବେ ସହରର ସବୁଠୁ ବଡ଼ ୟୁନିଟ୍-୩ ରାମ ମନ୍ଦିରରେ ଠାକୁରଙ୍କ ପୂଜା ନୀତି ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଭୋରରୁ ରାତି ପହଡ଼ ପଡ଼ିବା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳା ସହ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ଦିବ୍ୟ ଦର୍ଶନ କରିଥିଲେ। ପ୍ରବଳ ଖରାତାତି ଓ ଗୁଳୁଗୁଳି ଭିତରେ ବହୁ ସମୟ ଧାଡିରେ ରହିଥିଲେ ମଧ ଠାକୁର ଦର୍ଶନ କରି ଅପାର ଶାନ୍ତି ଲାଭ କରିଥିଲେ। ମନ୍ଦିରରେ ରାମଚରିତ ମାନସ ପାଠ କରାଯିବା ସହ ଭଜନ, ଜଣାଣ, ରାମନାମ ଜପ ମନ୍ଦିର ପରିସରରେ ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ସେହିପରି ୟୁନିଟ୍-୧, ୟୁନିଟ୍-୮ ସମେତ ଅନ୍ୟ ସ୍ଥାନରେ ଥିବା ରାମ ମନ୍ଦିରଗୁଡ଼ିକରେ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରର ଆକର୍ଷଣୀୟ ସାଜସଜ୍ଜା ସହ ରାସ୍ତାସାରା ରାମ, ଲକ୍ଷ୍ମଣ ଓ ସୀତା ଚିତ୍ର ଥିବା ଗେରୁଆ ରଙ୍ଗର ପତାକା ଲୋକଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନ ଓ ପଣା ବଣ୍ଟନ କରାଯାଇଥିଲା। ୟୁନିଟ-୯ ଚିତ୍ରକୋଟ ଆଶ୍ରମ ଓ ଶ୍ରୀ ସୀତାରାମ ସାଂସ୍କୃତିକ ପରିଷଦ ୟୁନିଟ-୮ ପକ୍ଷରୁ ହନୁମାନ ମନ୍ଦିର ପରିସରରେ ଶ୍ରୀରାମ ନବମୀ ଅନୁଷ୍ଠିତ ହୋଇଥିଲା।



ୟୁନିଟ୍-୮ ସାଂସ୍କୃତିକ ପରିଷଦ ପକ୍ଷରୁ ପୂଜା ପାଉଥିବା ରାମ, ଲକ୍ଷ୍ମଣ ଓ ସୀତା।

## ସହର ପରିକ୍ରମା କଲା ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା

ବିଶ୍ୱ ହିନ୍ଦୁ ପରିଷଦର ଯୁବ ସଙ୍ଗଠନ ବଜରଙ୍ଗ ଦଳ ପକ୍ଷରୁ ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଦଶ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ହାତରେ ଗେରୁଆ ପତାକା ଧରି ହନୁମାନ ବେଶରେ ଜୟ ଶ୍ରୀରାମ ଧ୍ୱନିସହ ୟୁନିଟ୍-୩ ରାମ ମନ୍ଦିରଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀଙ୍କ ନେତୃତ୍ୱରେ ହୋଇଥିବା ଏହି ଶୋଭାଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ପ୍ରଦୀପ ମହାନ୍ତି, ଉପସଭାପତି ଶିବାଶିଷ ମହାପାତ୍ର, ଜିଲା ସମ୍ପାଦକ ଶୁଭ୍ରାଂଶୁ ଶତପଥୀ, ସହସମ୍ପାଦକ ଶୁଭେନ୍ଦୁ ରାଉତ, ବଜରଙ୍ଗ ଦଳ ଜିଲା ସଂଯୋଜକ ପ୍ରତ୍ୟୁଷ ରାଉତରାୟ, ସହସଂଯୋଜକ ଅଭିମନ୍ୟୁ ପାଇକରାୟ ପ୍ରମୁଖ ସାମିଲ ଥିଲେ। ସେହିପରି ରାମ ସେନା ପକ୍ଷରୁ ଭିଏସ୍ଏସ୍‌ନଗରରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ସହରର ବିଭିନ୍ନ ହିନ୍ଦୁ ସଙ୍ଗଠନ ପକ୍ଷରୁ ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ବଜାର, କଲୋନୀ ଓ ସାହିରେ ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା କରାଯାଇଥିଲା।



ୟୁନିଟ୍-୩ ରାମ ମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସସ୍ତ୍ରିକ ଠାକୁରଙ୍କୁ ଦର୍ଶନ କରୁଛନ୍ତି।

## ଶ୍ରୀରାମଙ୍କୁ ଦର୍ଶନ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ**

ପବିତ୍ର ଶ୍ରୀରାମ ନବମୀରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଓ ତାଙ୍କ ଧର୍ମପତ୍ନୀ ଜୟଶ୍ରୀ କମ୍ଭମପାଟି ୟୁନିଟ୍-୩ ରାମ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ସେମାନେ ପ୍ରଭୁ ଶ୍ରୀରାମଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରିୟଙ୍କା ମାରାଣ୍ଡି ମଧ ରାମ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଥିଲେ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ସତ୍ୟ, ଧର୍ମ, ନ୍ୟାୟ ଓ ଆଦର୍ଶକୁ ପାଥେୟ କରି ସମାଜର ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ସୁଖ, ଶାନ୍ତିରେ ପରିପୂର୍ଣ୍ଣ ହେଉ ବୋଲି ସେ ସୋସିଆଲ୍ ମିଡ଼ିଆ ପୋଷ୍ଟରେ ଉଲ୍ଲେଖ କରିଥିଲେ।



ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ ଓ ସୀତା ବେଶଧାରୀ ଶ୍ରଦ୍ଧାଳୁ।



ପବିତ୍ର ରାମ ନବମୀ ପାଇଁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ରାମ ନବମୀ ପାଇଁ ୟୁନିଟ୍-୧ ରାମ ମନ୍ଦିରରେ ଆଧାତ୍ମିକ କାର୍ଯ୍ୟକ୍ରମ।

# ସୈନିକ ସ୍କୁଲ ସ୍ଥାନାନ୍ତରଣ ପ୍ରସ୍ତାବକୁ ବିରୋଧ, ବଡ଼ ଆନ୍ଦୋଳନ ପାଇଁ ଏକାଠି

ଭୁବନେଶ୍ୱର,୬।୪(ସୁଚିସ୍ମିତା ସାହୁ)

ସୈନିକ ସ୍କୁଲ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ କରି ଅଞ୍ଚଳବାସୀଙ୍କ ସହ ସ୍କୁଲ ଅଭିଭାବକ ସଂଘ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ କର୍ମକର୍ତ୍ତା ଏକାଠି ହୋଇଛନ୍ତି। ଡମ୍ପିଂୟାର୍ଡ ସେଠାରୁ ତୁରନ୍ତ ହଟାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏନେଇ ସୈନିକ ସ୍କୁଲ ପୁରାତନ ଛାତ୍ର ସଂଘ, ଲକ୍ଷ୍ମୀ ବିହାର ଉନ୍ନୟନ କମିଟି, ଗାଡ଼କଣ ଗ୍ରାମବାସୀ, ସିଟିଜେନ ଫୋରମ, ଭିଏସ୍ଏସ ନଗର ଉନ୍ନୟନ କମିଟି ଓ ବୁଦ୍ଧିଜୀବୀଙ୍କୁ ନେଇ ରବିବାର ଏକ ବୈଠକ ସୈନିକ ସ୍କୁଲ ନିକଟରେ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁସାରେ, ସୈନିକ ସ୍କୁଲ କ୍ୟାମ୍ପସ ଦେଇ ଡମ୍ପିଂୟାର୍ଡକୁ ଯାଉଥିବା ଅଳିଆ ଗାଡ଼ି ପ୍ରବେଶକୁ ବନ୍ଦ କରାଯିବ। ସ୍କୁଲର ସମସ୍ତ ଫାଟକ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯିବ। ଏନେଇ ସୈନିକ ସ୍କୁଲ ଚତୁର୍ପାଶ୍ୱ ଅଞ୍ଚଳର ମୁରବି ଏବଂ ବୁଦ୍ଧିଜୀବୀଙ୍କୁ ଏଥିରେ ସାମିଲ କରାଯିବ। ସବୁ ଗଳି କନ୍ଦିରେ ବ୍ୟାନର, ପ୍ରଚାରପତ୍ର ବଣ୍ଟନ ସହ ପ୍ରଚାର ଗାଡ଼ି ବୁଲି ଲୋକଙ୍କୁ ଏନେଇ ଜାଗ୍ରତ କରିବ। ପ୍ରତି କଲୋନୀରେ ବୈଠକ ବସି ସମସ୍ତଙ୍କୁ ସଂଗଠିତ କରାଯିବ। ବୈଠକରେ ଭିକ୍ଷାକାରୀ ତ୍ରିପାଠୀ, ସିଦ୍ଧେଶ୍ୱର ନାୟକ, ଅଶୋକ ପାଇକରାୟ, ଆଶୁତୋଷ ମିଶ୍ର, ଅଶୋକ ବଳବନ୍ତରାୟ, ରଶ୍ମି ରଞ୍ଜନ ପରିଡା ଉପସ୍ଥିତ ଥିଲେ।



ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଇଟିପୁର ଗ୍ରାମପଞ୍ଚାୟତର ବିକିପୁରଠାରେ ପଥଚାରୀଙ୍କ ପାଇଁ ସମ୍ବନ୍ଧ ପରିବାର ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର।

# ଶୋଇଥିଲେ ଡ୍ରାଇଭର, ବସ୍ ଚଳାଉଥିଲେ ହେଲପର

**ବାଂଲାଦେଶୀ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା: ଜଣେ ମୃତ, ୧୪ ଆହତ**

- ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଚିକିତ୍ସା ପରେ ଆହତଙ୍କୁ ସ୍ୱତନ୍ତ୍ର ବସ୍‌ରେ ପୁରୀ ପଠାଗଲା

ଭୁବନେଶ୍ୱର,୬।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଉତ୍ତରା ଛକ ନିକଟ ସିଫା ପାଖରେ ଶନିବାର ବିଳମ୍ବିତ ରାତିରେ ବାଂଲାଦେଶ ତୀର୍ଥଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଡିଭାଇଡର୍‌ରେ ପିଟି ହୋଇ ରାସ୍ତା ତଳକୁ ଓଲଟି ପଡ଼ିବାରୁ ଜଣେ ମହିଳା ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ଜଣ ଆହତ ହୋଇଛନ୍ତି। ମୃତା ଜଣକ ହେଲେ ବାଂଲାଦେଶ ନୋଆଖାଲି ଅଞ୍ଚଳର ନୋନିବାଲା ନାଥ (୬୦)। ବସ୍ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବାବେଳେ ପିପିଲି ଥାନା ପୋଲିସ ମାମଲା (ନ.୨୦୩/୨୦୨୫) ରୁଜୁ କରି ତଦନ୍ତ କରୁଛି। ଦୁର୍ଘଟଣାର କାରଣ ଅନୁଧ୍ୟାନ କରି ସବିଶେଷ ରିପୋର୍ଟ ଦେବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବସ୍‌ରେ ୬୫ଜଣ ତୀର୍ଥଯାତ୍ରୀ ଥିବାବେଳେ ହେଲ୍‌ପର ଗାଡି ଚଳାଉଥିଲେ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ବାଂଲାଦେଶର ବନ୍ଦରବନ, ଫରିଦପୁର, ଗାଜିପୁର, ମଦାରିପୁର, ରଙ୍ଗମାଟି, ସାତଖିରା ଓ ନୋଆଖାଲି ଅଞ୍ଚଳରୁ ପ୍ରାୟ ୧୪୦ ଜଣ ତୀର୍ଥଯାତ୍ରୀ ମାର୍ଚ୍ଚ ତୃତୀୟ ସପ୍ତାହରେ ଦୁଇଟି ବସ୍‌ରେ ଭାରତ ଆସିଥିଲେ। ସେମାନେ ଅଯୋଧ୍ୟା ଓ ଦ୍ୱାରିକା ବୁଲି ସାରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀ ଯାଉଥିଲେ। ତେବେ ଏହି ଦୁଇ ତୀର୍ଥଯାତ୍ରୀ ବସ୍ ମଧ୍ୟରୁ ପଛରେ ଯାଉଥିବା ଦ୍ୱିତୀୟ ବସ୍‌ଟି ରାତି ପ୍ରାୟ ୨ଟା ୫ରୁ ୨ଟା୧୦ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡ୍ରାଇଭର ଶୋଇଥିବା ବେଳେ ହେଲପରଙ୍କୁ ଗାଡି ଡ୍ରାଇଭିଂ କରିବାକୁ ଦେଇଥିଲେ ବୋଲି ଜଣେ ତୀର୍ଥଯାତ୍ରୀ କହିଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ତୀର୍ଥଯାତ୍ରୀଙ୍କ ଟଙ୍କା ସମେତ ବହୁ ସାମଗ୍ରୀ ପାଣିରେ ଭିଜିଯାଇଥିଲା। ଏହି ଘଟଣାରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦୁଃଖ ପ୍ରକାଶ କରିବା ଦୁର୍ଘଟଣାଗ୍ରସ୍ତ ତୀର୍ଥଯାତ୍ରୀଙ୍କୁ ସମସ୍ତ ସହାୟତା ଯୋଗାଇ ଦେବା ସହ ରିପୋର୍ଟ ତଲବ କରିଥିଲେ। ପରେ ଭୁବନେଶ୍ୱର ଆର୍‌ଟିଓ-୧ ବିକାଶ ଚୌଧୁରୀ, ପୁରୀ ଏମ୍‌ଭିଆଇ ରାଜେଶ ମହାପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଦୁର୍ଘଟଣାସ୍ଥଳ ଓ ଡାକ୍ତରଖାନାରେ ଉପସ୍ଥିତ ରହି ଆବଶ୍ୟକ ସହାୟତା ଯୋଗାଇଦେଇଥିଲେ। ଚିକିତ୍ସା ପରେ ଡିସ୍‌ଚାର୍ଜ ହୋଇଥିବା ୧୨ଜଣ ତୀର୍ଥଯାତ୍ରୀଙ୍କୁ ଭୁବନେଶ୍ୱର ଆରଟିଓ-୧ଙ୍କ ଦ୍ୱାରା ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ପଠାଯାଇଛି। ସେହିପରି ଏମ୍‌ଭିଆଇ ଚିତ୍ତରଞ୍ଜନ ସାହୁ ଓ କନିଷ୍ଠ ଏମ୍‌ଭିଆଇ ଧର୍ମେନ୍ଦ୍ର ଦେହୁରୀ ଦୁର୍ଘଟଣାର କାରଣ ଅନୁଧ୍ୟାନ କରିଥିବା ବେଳେ ଅନ୍ୟ ଆହତ ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।



ଦୁର୍ଘଟଣାଗ୍ରସ୍ତ ବସ୍।

# ଦେବପୀଠ, ଐତିହ୍ୟ ସ୍ଥଳୀ ସଫେଇ କଲା ବିଏମ୍‌ସି

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାରକୁ ସଫେଇ ପାଇଁ ଉତ୍ସର୍ଗ କରାଯାଇଥିବାବେଳେ ସ୍ୱଚ୍ଛତା ଅଭିଯାନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସାମିଲ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସହରର ଲିଙ୍ଗରାଜ ମନ୍ଦିର ଅଞ୍ଚଳ ସମେତ ଦେବପୀଠ ଏବଂ ଐତିହ୍ୟ ସ୍ଥଳୀର ସଫେଇ କରାଯାଇଛି। ଏନେଇ ମେୟର ସୁଲୋଚନା ଦାସ କହିଛନ୍ତି, ସହରର ଦେବସ୍ଥଳୀ ଓ ଐତିହ୍ୟ ସ୍ଥାନର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏଥିରେ ଜନ ସହଯୋଗ ମଧ ମିଳିଛି। ଏହି ଉଦ୍ୟମ ଭୁବନେଶ୍ୱରକୁ ସ୍ୱଚ୍ଛତାର ଶୀର୍ଷରେ ପହଞ୍ଚାଇବ ବୋଲି ବିଶ୍ୱାସ ରହିଛି। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, କର୍ପୋରେଟର ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନ୍ ଅଧିକାରୀ ରାଜଲକ୍ଷ୍ମୀ ନାୟକ, ସହାୟକ କମିଶନର ଏନ୍. ଗଣେଶ ବାବୁଙ୍କ ସହ ସ୍ଥାନୀୟ କର୍ପୋରେଟର ଏବଂ ଟିମ ବିଏମ୍‌ସି ଏହି ସଫେଇ କାର୍ଯ୍ୟକ୍ରମର ସାମିଲ ହୋଇଥିଲେ।



ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ମେୟର ଓ ଅନ୍ୟମାନେ ସଫେଇ କରୁଛନ୍ତି।

**ପୂର୍ବ ଶତ୍ରୁତାରୁ ଆକ୍ରମଣ**

**ଟାଙ୍ଗୀ,(ରଘୁନାଥ ସାହୁ):** ପୂର୍ବ ଶତ୍ରୁତାକୁ ନେଇ ଜଣଙ୍କୁ ଆକ୍ରମଣ କରାଯାଇଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ମଙ୍ଗଳାଯୋଡ଼ି ପଞ୍ଚାୟତ ଭଜାଗଡ଼ ଗ୍ରାମର ହରମୋହନ ରାଉତରାୟ। ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମରେ ଥିବା ଏକ ଦୋକାନରେ ହରମୋହନ ଚା' ପିଉଥିବା ବେଳେ କେତେଜଣ ଦୁର୍ବୃତ୍ତ ପହଞ୍ଚି ହଠାତ୍ ତାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି।

# ରାମନବମୀ ପାଇଁ ଗାଁଠୁ ସହର ଉତ୍ସବମୁଖର

ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)



ଗାଁଠୁ ସହର ସବୁଠି ଆନନ୍ଦ ଉଲ୍ଲାସର ସହ ରବିବାର ପ୍ରଭୁ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳନ କରାଯାଇଛି। ରାମ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗଡ଼ଖୋର୍ଦ୍ଧାର ଶ୍ରୀରଘୁନାଥ, ଗୁରୁଜଙ୍ଗର ହନୁମାନ ମନ୍ଦିର, ଶ୍ରୀରାମନଗରର ଶ୍ରୀରାମ ମନ୍ଦିର, ଖୋର୍ଦ୍ଧା ସବ୍‌ଜେଲସ୍ଥିତ ହନୁମାନ ମନ୍ଦିର, ଜରିପୁଟସ୍ଥିତ ସଙ୍କଟମୋଚନ, ଦଳେଇପୁଟ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ନୀତି ହୋଇଥିଲା। ସବୁଠି ଚାଲିଥିଲା ହୋମଯଜ୍ଞ ଏବଂ ପାରାୟଣ ପାଠ। ଶ୍ରୀରାମ ନଗରସ୍ଥିତ ରାମମନ୍ଦିର ଉନ୍ନୟନ ପରିଷଦ ଓ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଶ୍ରୀରାମଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ କରାଯାଇଛି। ଶ୍ରୀରାମଙ୍କ ଜନ୍ମୋତ୍ସବ ଓ ଶୁଭାଧିବାସ ହୋଇଥିଲା। ଦିନତମାମ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ଜରିପୁଟ ସଙ୍କଟମୋଚନ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭୋରରୁ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇ ସକାଳ ୭ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଭୋଗଲାଗି ପରେ କିଛି ସମୟ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ଠାକୁରଙ୍କ ସନ୍ଧ୍ୟା ଆଳତି ଦର୍ଶନ ପରେ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ ରହିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା ବୋଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଦୟାନିଧି ରାଉତରାୟ କହିଛନ୍ତି। ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀରଘୁନାଥ ଦେବ ପରିଚାଳନା ସମିତି ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞ ଶ୍ରୀରାମ ନବମୀରେ ସମାପ୍ତ ହୋଇଛି। ଶ୍ରୀରଘୁନାଥଙ୍କ ମନ୍ଦିର ସ୍ୱତନ୍ତ୍ର ପୂଜାବିଧି ହୋଇଥିଲା। ଶ୍ରୀରାମଙ୍କ ଜନ୍ମୋତ୍ସବ ଆଡ଼ମ୍ବରରେ ପାଳିତ ହୋଇଥିଲା। ପୂର୍ଣ୍ଣାହୁତିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ।

**ବେଗୁନିଆ,(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକର ବିଭିନ୍ନ ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁମାନେ ଆରାଧନା କରିଥିଲେ। ପରମ୍ପରା ଓ ରୀତିନୀତି ଅନୁଯାୟୀ ନାମ ଯଜ୍ଞ, ସଂକୀର୍ତ୍ତନ ପରିବେଷଣ ଏବଂ ନାଟ୍ୟ ଉତ୍ସବ ହୋଇଥିଲା। ଗାଁ ପରିବେଶ ରାମଧୂନରେ ପ୍ରକମ୍ପିତ ହୋଇଥିଲା। ବେଗୁନିଆ, ହଜ, ବାଘମାରୀ, ସିକୋ, ଛାତ୍ରପଡା, ହିରାପୁର, ଶଗଡ଼ଭଙ୍ଗା, ପରିଛଳ, ଦେଉଳି ଆଦି ଗ୍ରାମରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା। ବେଗୁନିଆସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ହନୁମାନ ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସାଧାରଣ ସଭା ହେବା ସହ ବାଇକ୍ ଶୋଭାଯାତ୍ରା ହୋଇଥିଲା। ରବି ନାରାୟଣ ଦଳେଇଙ୍କ ନେତୃତ୍ୱରେ ବେଗୁନିଆର ସମସ୍ତ ସାହି ଏବଂ ବଜାର ପରିକ୍ରମା କରି ପୁରୁସାହି ସ୍ଥିତ ଗୋଶାଳାଠାରେ ଶୋଭାଯାତ୍ରା ଶେଷ ହୋଇଥିଲା।

**ଟାଙ୍ଗୀ,(ରଘୁନାଥ ସାହୁ):** ଟାଙ୍ଗୀ ଗ୍ରାମର ମଧ୍ୟଭାଗରେ ରହିଥିବା ଶ୍ରୀରଘୁନାଥ ଦେବଙ୍କ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଭୋରୁ ଦ୍ୱାର ଫିଟା ନୀତି ପରେ ମହାସ୍ନାନ ନୀତି ହୋଇଥିଲା। ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା ଦେବୀଙ୍କ ସହ ଭାଇ ଲକ୍ଷ୍ମଣ ଦେବଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ମଙ୍ଗଳ ଆଳତି, ବାଳ ଭୋଗ ନୀତି ହେବା ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିଥିଲେ। ଦିନତମାମ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ଟାଙ୍ଗୀ ବଡ଼ପାଇକ ସାହିଠାରେ ଥିବା ରଘୁନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ।

**ଯାଁଳା,(ବୁଲା ବାରିକ):** ମୁଣ୍ଡମୁହାଣ ଗ୍ରାମର ରଘୁନାଥ ମନ୍ଦିର ପରିସରରେ ପ୍ରଭୁ ଶ୍ରୀରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳୁ ରଘୁନାଥ ଦେବଙ୍କ ପୂଜାର୍ଚ୍ଚନା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ରଘୁନାଥ ଦେବଙ୍କ ଚଳନ୍ତି ପ୍ରତିମାକୁ ପାରମ୍ପରିକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ରାମ ନବମୀ ଅବସରରେ ରବିବାଠାରୁ ୧୫ ଦିନ ବ୍ୟାପୀ ରାମଲୀଳା ନଟକ ପରିବେଷଣ କରାଯିବ।

**ବାଣପୁର,(ଦିଲୀପ କୁମାର ସ୍ୱାଇଁ):** ବଡ଼ପଦର ରୋଡ୍‌ସ୍ଥିତ ଶ୍ରୀରାମ ବଜାରର ୨୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଶ୍ରୀରାମ ନବମୀ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାପତି ପ୍ରଦୋଷ ଦାସଙ୍କ ନେତୃତ୍ୱରେ ବଜାର କମିଟି ସଦସ୍ୟମାନେ ରଘୁନାଥ ଦେବ ମନ୍ଦିର ଯାଇ ପ୍ରଭୁଙ୍କ ଆଜ୍ଞାମାଳକୁ ଆବାହନ କରି ବ୍ରାହ୍ମଣୀ ଦେବୀ ଓ ପାଣ୍ଡବାଶୁଣୀ ଦେବୀଙ୍କୁ ଆମନ୍ତ୍ରଣ କରି ଆଣିଥିଲେ। ଏହା ପରେ ଆଜ୍ଞାମାଳ ସଂସ୍ଥାପନ ସହିତ ବଜାର ପୂଜାସ୍ଥଳ ସୁସଜ୍ଜିତ ମଣ୍ଡପରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ, ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ପୂଜାର୍ଚ୍ଚନା ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ରମେଶ ପଲାଇ, ଫକୁ ନାୟକ, ଶିଲୁ ମହାରଣା, ଭାଗୀରଥି ବରାଳ, ବିଶ୍ୱନାଥ ସାହୁ, ନଟ ସେଣ, ଚନ୍ଦନ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

**ବୋଲଗଡ଼,(ଦେବବ୍ରତ ହୋତା):** ବୋଲଗଡ଼ ସଦର ମହକୁମା ଗୋପବନ୍ଧୁ ବିହାରସ୍ଥିତ ମହାବୀର ହନୁମାନ ଓ ମାତା ବୈଷ୍ଣୋଦେବୀ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ଅବସରରେ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ସପ୍ତଦଶ ବାର୍ଷିକ ଜନ୍ମୋତ୍ସବ ଓ ମାତା ବୈଷ୍ଣୋଦେବୀ ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏନେଇ ଆୟୋଜିତ ଯଜ୍ଞ ଅନୁଷ୍ଠାନ ପାଇଁ ଶନିବାର ଅଧିବାସ,ଅଙ୍କୁରାରୋପଣ ଓ ବେଦୀ ମଣ୍ଡନ କାର୍ଯ୍ୟକ୍ରମ ହୋଇଥିଲା। ରବିବାର ପ୍ରାତଃରେ ଶ୍ରଦ୍ଧାଳୁମାନେ କଳସଯାତ୍ରାରେ ଯାଇ ପୂଜାର୍ଚ୍ଚନା ପରେ ଯଜ୍ଞବେଦୀ ନିକଟରେ ଘଟସ୍ଥାପନ କରିଥିଲେ। ପରେ ବ୍ରାହ୍ମଣ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଥରୁ ଗୁଣ୍ଡିଚା ମନ୍ଦିରକୁ ଗଲେ ଶ୍ରୀଜୀଉ



ଠାକୁରଙ୍କୁ ଗୁଣ୍ଡିଚା ମନ୍ଦିରକୁ ନିଆଯାଉଛି।

ନିରାକାରପୁର,୬।୪(ମାନସ ଚନ୍ଦ୍ର ପଟ୍ଟନାୟକ)

**ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତର ବିଜେ ଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଚାଲୁରହିଛି। ଶନିବାର ଅଶୋକାଷ୍ଟମୀରେ କପିଳେଶ୍ୱର ଦେବ, ମାତା ପାର୍ବତୀ ଏବଂ ଲେଣ୍ଡୋ ପଞ୍ଚାୟତ ଆରେଡି ଗ୍ରାମରୁ ନିମନ୍ତ୍ରିତ ହୋଇ ରଥଯାତ୍ରାରେ ସାମିଲ ହୋଇଥିବା ବଡ଼ଭାଇ ଗ୍ରାମେଶ୍ୱର ଦେବ, ମାତା ଗ୍ରାମେଶ୍ୱରୀ ଦେବୀ ରଥାରୂଢ଼ ହୋଇ ବିଲ ଗହିର ମଧ୍ୟରେ ଆସି ପଣା କିଆରି(ବେଦବାଡି)ରେ ପହଞ୍ଚି ରଥ ଉପରେ ବିଶ୍ରାମ ନେଇଥିଲେ। ତେବେ ରବିବାର ରାତି ୮ଟାରେ ଶ୍ରୀଜୀଉମାନଙ୍କୁ ଘଣ୍ଟ, ଘଣ୍ଟି, ତୁରି ମାଧ୍ୟମରେ ଏକ ପଟୁଆରରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଛି। ସେଠାରେ ରହି ଆସନ୍ତା ବୁଧବାର ଦ୍ୱାଦଶୀରେ ବହୁଡ଼ାଯାତ୍ରା ହୋଇ ସ୍ୱ ମନ୍ଦିରକୁ ଫେରିବେ।

## କପିଳେଶ୍ୱର ଦେବଙ୍କୁ ଦର୍ଶନ କଲେ ବାଚସ୍ପତି



ନିରାକାରପୁର,୬।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ବାଚସ୍ପତି ସୁରମା ପାଢ଼ୀ ରବିବାର ସନ୍ଧ୍ୟାରେ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦର୍ଶନ କରିଛନ୍ତି। ଏଥିସହ ବିଜୟା ରଥରେ ଆସୀନ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଏହା ପରେ ତାଙ୍କୁ ରଥଯାତ୍ରା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାଚସ୍ପତି ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ହେଉଥିବା ଏହି ମହୋତ୍ସବରେ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

## ମା' ଆଙ୍କୁଲେଇଶ୍ୱରୀଙ୍କ ଅଶୋକାଷ୍ଟମୀ ଯାତ୍ରା

ବାଣପୁର,୬।୪(ଦିଲୀପ କୁମାର ସ୍ୱାଇଁ)

ଗମ୍ଭାରୀମୁଣ୍ଡା ବଜାରସ୍ଥିତ ମା' ଆଙ୍କୁଲେଇଶ୍ୱରୀଙ୍କ ଅଶୋକାଷ୍ଟମୀ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇ ଦୁଇଦିନ ଧରି ଚାଲିଥିଲା। ସ୍ଥାନାଧିପତି ଆଙ୍କୁଲେଇଶ୍ୱରୀଙ୍କ ନିମନ୍ତ୍ରଣକ୍ରମେ ଗାଦିଶ୍ୱର ଦେବ, ପତିତପାବନ, ମା'ବ୍ରାହ୍ମଣୀ ଦେବୀଙ୍କୁ ସାଙ୍ଗରେ ଧରି ପଡ଼ିଆରେ ଆସନ ଗ୍ରହଣ କରିଥିଲେ। ଗମ୍ଭାରୀମୁଣ୍ଡା ଗ୍ରାମରୁ ବାହାରି ଗମ୍ଭାରୀମୁଣ୍ଡା ବଜାର ଶେଷ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିବା ବେଳେ ଘୋଡ଼ାନାଚ, ବାଘ ନାଚ, ସଂକୀର୍ତ୍ତନରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶନିବାର ଭକ୍ତଙ୍କ ଭିଡ଼ ଲାଗି ରହିଥିବା ବେଳେ ରାତିରେ ଯୁବ କଳାକାରଙ୍କୁ ନେଇ ମାଷ୍ଟର ରବୀନ ଦାସଙ୍କ ନିର୍ଦ୍ଦେଶିତ ନାଟକ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ପରିବେଷଣ ହୋଇଥିଲା। ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଏକାଦଶ କୋଠି ପାଟ ଦଣ୍ଡମିଳନ

ନିରାକାରପୁର,୬।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଡମଣଭୂମି ଖେଳପଡ଼ିଆରେ ଶ୍ରୀକୃଣ୍ଡେଶ୍ୱର ଦେବ, ମା' କମନା ଦେବୀଙ୍କ ଏକାଦଶ କୋଠିପାଟ ଦଣ୍ଡମିଳନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କୃଣ୍ଡେଶ୍ୱର ଦେବ ଥାନପତି ଭାବେ ଯୋଗଦେଇଥିବାବେଳେ ଭୂଷଣ୍ଡପୁରର ଐଶାନେଶ୍ୱର ଦେବ, ବାଲିସାହିର ବାଲୁଙ୍କେଶ୍ୱର ଦେବ, ହାଟବରଡିର ବାଲୁଙ୍କେଶ୍ୱର ଦେବ, ମାନସିଂହପୁରର ଚଣ୍ଡିହର ଦେବ, ଜାଗୁଲେଇ ପଦରର ଗ୍ରାମେଶ୍ୱର ଦେବ, କଳାପଦରର ଗ୍ରାମେଶ୍ୱର ଦେବ, ବଡ଼ପଦର ଗ୍ରାମର ନୀଳକଣ୍ଠେଶ୍ୱର ଦେବ ପ୍ରମୁଖ ଡମଣଭୂମି କାମନା ମନ୍ଦିରରେ ଏକ୍ରତିତ ହୋଇ ପଟୁଆରରେ ଆସି ସ୍ଥାନୀୟ ଖେଳପଡ଼ିଆରେ ଏକାଠି ହୋଇଥିଲେ।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର



ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧାରେ ବିଶାଳ ବାଇକ୍ ଶୋଭାଯାତ୍ରା**

ପ୍ରଭୁ ଶ୍ରୀରାମଙ୍କ ଜୟନ୍ତୀ ଅବସରରେ ଶ୍ରୀରାମ ନବମୀ ସମନ୍ୱୟ ସମିତି ଆନୁକୂଲ୍ୟରେ ହିନ୍ଦୁ ଜାଗରଣ ମଞ୍ଚ ସଂଯୋଜନାରେ ଖୋର୍ଦ୍ଧାରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଙ୍କ ଜୟଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଖୋର୍ଦ୍ଧା ସହର। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରୁ କର୍ମକର୍ତ୍ତାମାନେ ବାଇକ୍ ଶୋଭାଯାତ୍ରାରେ ବାହାରି ଗୁରୁଜଙ୍ଗ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ଜରିପୁଟସ୍ଥିତ ଶ୍ରୀସଙ୍କଟମୋଚନ ହନୁମାନ ମନ୍ଦିର ଅଭିମୁଖେ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ଆଗରେ ଏକ ସୁସଜ୍ଜିତ ରଥରେ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ଦେବୀ ସୀତା ଏବଂ ଶ୍ରୀହନୁମାନ ବେଶଧାରୀ ବିଜେ କରିଥିଲେ। ପଛରେ ଖୋଲା ଜିପ୍‌ରେ ଶ୍ରୀରାମଙ୍କ ବିରାଟ ଫଟୋଚିତ୍ର, ଭଗବା ଧ୍ୱଜା ରହିଥିବା ବେଳେ ୧ କି.ମି. ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା ଲମ୍ବିଥିଲା। ସବୁ ବାଇକ୍‌ରେ ଲାଗିଥିଲା ଶ୍ରୀରାମଙ୍କ ଭଗବା ଧ୍ୱଜା। ହାତ ଓ ମୁଣ୍ଡରେ ରହିଥିଲା ଶ୍ରୀରାମଙ୍କ ପଟି। ଏହି ଶୋଭାଯାତ୍ରା ଗୁରୁଜଙ୍ଗ ମୁଖ୍ୟ ରାସ୍ତା, ଡାକ୍ତର୍ସ ଲେନ, ଟ୍ରାଫିକ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆ ବସ୍‌ଷ୍ଟାଣ୍ଡ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ୧୬ ନମ୍ବର ଜାତୀୟ ରାଜପଥକୁ ଉଠିଥିଲା। ସେଠାରୁ ଶୋଭାଯାତ୍ରାରେ ତୋଟାପଡ଼ା ଦେଇ ଜରିପୁଟସ୍ଥିତ ସଙ୍କଟମୋଚନ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ହୋମଯଜ୍ଞ କରାଯାଇଥିଲା। ସହରରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏହି ଶୋଭାଯାତ୍ରାରେ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଯୁବକ, ୧ ହଜାରରୁ ଉର୍ଦ୍ଧ୍ୱ ବାଇକ୍, କାର, ଖୋଲାଜିପ୍‌ରେ ଶ୍ରୀରାମଙ୍କ ଫଟୋଚିତ୍ର, ଭଗବା ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରୀରାମ ନବମୀ ସମନ୍ୱୟ ସମତି ପକ୍ଷରୁ କୁହାଯାଇଛି। ସମନ୍ୱୟ ସମିତିର ସଞ୍ଚାଳକ ତଥା ହିନ୍ଦୁ ଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ଆଶିଷ ବିଭୁରେନ୍ଦ୍ର କୁହନ୍ତି, ଶ୍ରୀରାମ ହେଉଛନ୍ତି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ରବିନ୍ଦୁ। ସନାତନ ଧର୍ମ ଭାରତର ଅସ୍ମିତା। ପ୍ରତ୍ୟେକ ହିନ୍ଦୁଙ୍କ ଆତ୍ମାରେ ବିରାଜିତ କରିଛନ୍ତି ପ୍ରଭୁ ଶ୍ରୀରାମ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ତ୍ୟାଗ, ଆଦର୍ଶ ଲୋକଙ୍କ ନିକଟରେ ପହଞ୍ଚାଇବା ଶୋଭାଯାତ୍ରାର ଉଦ୍ଦେଶ୍ୟ। ହିନ୍ଦୁ ଜାଗରଣ ମଞ୍ଚ ଜିଲା ସଂଯୋଜକ ତୁଷାରକାନ୍ତ ବେହେରା କୁହନ୍ତି, ଉତ୍କଳୀୟ ସଂସ୍କୃତି, ପରମ୍ପରା ବିଶ୍ୱରେ ଅନନ୍ୟ। ଓଡ଼ିଶାର ରେଣୁ ରେଣୁରେ ରହିଛି ସଂସ୍କୃତି, ପରମ୍ପରା। ଲୋକଙ୍କ ମନରେ ହିନ୍ଦୁତ୍ୱ ଭାବ ଜାଗରଣ, ଅଯୋଧ୍ୟାରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ବିଚାରଧାରା ରହିଛି। ଶ୍ରୀରାମ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଏହି ଶୋଭାଯାତ୍ରାରେ ଆର୍‌ଏସ୍‌ଏସ୍ ଓ ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।

## ଭାଜପାର ପ୍ରତିଷ୍ଠା ଦିବସ ସମାରୋହ

ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ଭାରତୀୟ ଜନତା ପାର୍ଟି (ଭାଜପା)ର ୪୬ତମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ, ମୁଖ୍ୟବକ୍ତା ରାଜ୍ୟ ଭାଜପା ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ରାମନବମୀ ଅବସରରେ ଓଡ଼ିଶାକୁ ରାମରାଜ୍ୟ କରିବା ସହ ଆଗାମୀ ୨୫ବର୍ଷ ଓଡ଼ିଶାରେ ଭାଜପା ଶାସନ କରିବା ପାଇଁ ସଂକଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ପ୍ରକାଶ ରଣବିଜୁଳି, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ରଶ୍ମି ମହାପାତ୍ର, ଅଜୟ ମିଶ୍ର, ଡାକ୍ତର ବେହେରା, ରଶ୍ମିମୟୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦଣ୍ଡ ଭଗତାଙ୍କ ପରଲୋକ

ଟାଙ୍ଗୀ,୬।୪(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଗ୍ରାମର ବଡ଼କୋଠିରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। କୋଠିରେ ଦଣ୍ଡ ଭଗତାମାନେ ପୂଜାପାଠ କରି ଗମ୍ଭୀରାକୁ ଯିବା ବେଳେ ଜଣେ ଦଣ୍ଡ ଭଗତା ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଟାଙ୍ଗୀ ଗ୍ରାମ ପଣସପୁର ସାହିର କାଳୁ ପାଣି(୪୭)। ତେବେ କାଳୁଙ୍କ ଅକାଳ ବିୟୋଗ ଯୋଗୁ ବଡ଼କୋଠିରେ ଧାର୍ମିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ବିଳମ୍ବିତ ରାତିରେ ତାଙ୍କର ଅନ୍ତିମ ସଂସ୍କାର ପରେ ବଡ଼କୋଠିରେ ରବିବାର ଭୋରୁ ମାଘସ୍ନାନ, ହୋମ ଆଦି ନୀତି ହେବା ପରେ ଗମ୍ଭୀରାକୁ କାଳିଶି ବିଜେ କରିଥିଲେ।

## ଶ୍ରୀରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା



ଶ୍ରୀରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)

ଶ୍ରୀରାମ ନବମୀ ଅବସରରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଖୋର୍ଦ୍ଧା ପ୍ରଖଣ୍ଡ ପକ୍ଷରୁ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟ ଶ୍ରୀରାମକୃଷ୍ଣ ଗୋଶାଳା ସମ୍ମୁଖରେ ପ୍ରଭୁ ଶ୍ରୀରାମଲାଲାଙ୍କ ଏକ ଭବ୍ୟ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ରବିବାର ପୂର୍ବାହ୍ନରେ ଭିଏଚ୍‌ପି, ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଶ୍ରୀରାମଲାଲାଙ୍କ ମୂର୍ତ୍ତିକୁ ଏକ ସଜ୍ଜିତ ରଥରେ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ଗୋଶାଳା ନିକଟରେ ପହଞ୍ଚି ରାମଲାଲାଙ୍କୁ ସ୍ଥାପନା କରିଥିଲେ। ପରେ ବୈଦିକ ରୀତିରେ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ପରେ ପ୍ରଭୁ ଶ୍ରୀରାମଙ୍କ ସ୍ତୁତି ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ସନ୍ଧ୍ୟାରେ ଆଳତି କରାଯାଇଥିଲା। ଭକ୍ତମାନେ ଶ୍ରୀରାମଲାଲାଙ୍କ ବିଗ୍ରହରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଭିଏଚ୍‌ପିର ଜିଲା ସହ ସମ୍ପାଦକ ଗୋପବନ୍ଧୁ ସାହୁ, ପ୍ରଖଣ୍ଡ ଉପସଭାପତି ସୁଦର୍ଶନ ରଥ, ଜିଲା କାର୍ଯ୍ୟକର୍ତ୍ତା ଅଭିମନ୍ୟୁ ଘଗୁଆଳ, ସନ୍ତୋଷ ଶ୍ରୀଚନ୍ଦନ, ବଜରଙ୍ଗ ଦଳ ଜିଲା ସଂଯୋଜକ ଉଦିତ ନାରାୟଣ ପ୍ରହରାଜ, ସହ ସଂଯୋଜକ ଏସ୍. ଏନ୍. ଦିବ୍ୟପ୍ରକାଶ, ରାଧାମୋହନ ସାହୁ, ସତ୍ୟଜିତ ବେହେରା, ସତ୍ୟନାରାୟଣ ସାହୁ, ପ୍ରଭାତ ରାଉତରାୟଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାନସ ଦଳେଇ ହତ୍ୟା ଘଟଣାରେ ଜଣେ ଗିରଫ

ଜଟଣୀ,୬।୪(ରବୀନ୍ଦ୍ରନାଥ ମହାକୁଡ଼)

**ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ**

ଜଟଣୀ ଥାନା ଅଧୀନ ବିକାଶନଗର ଅଞ୍ଚଳର ରାକେଶ ଦଳେଇ ଓରଫ ମାନସଙ୍କ ହତ୍ୟା ଘଟଣାରେ ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉପରବସ୍ତରର ଅଭିରାମ ବାଘସିଂ(ଅଭି)। ତାଙ୍କ ନିକଟରୁ ଏକ ଖଣ୍ଡା ଜବତ ହୋଇଛି। ତେବେ ଜାମିନ ନାମଞ୍ଜୁର ପରେ ଅଭିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

ସୂଚନାଥାଉ କି, ମାନସଙ୍କ ସହ ଜଟଣୀ ଅଞ୍ଚଳର ଏକ ଗୋଷ୍ଠୀର ପୂର୍ବ ଶତ୍ରୁତା ରହିଥିଲା। ଅନେକ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେଉଥିଲେ। ପ୍ରତିପକ୍ଷ ଗୋଷ୍ଠୀ ମାନସଙ୍କୁ ବାରମ୍ବାର ଧମକ ଦେଉଥିଲା। ଗତ ଗୁରୁବାର ଉକ୍ତ ଗୋଷ୍ଠୀର ସଦସ୍ୟଙ୍କ ସହ ମାନସଙ୍କର ଫୋନରେ ବଚସା ହୋଇଥିଲା। ଏହି ସମୟରେ ସେମାନେ ମାନସଙ୍କୁ ଷଣ୍ଢପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟକୁ ଆସିବାକୁ କହିଥିଲେ। ରାତି ୧୨ଟା ୩୦ ପରେ ମାନସ କାରରେ ସେଠାକୁ ଯାଇଥିଲେ। ସେଠାରେ ଉକ୍ତ ଗୋଷ୍ଠୀର ଏକାଧିକ ବ୍ୟକ୍ତି ପୂର୍ବରୁ ଉପସ୍ଥିତ ଥିଲେ। ସେଠାରେ କୌଣସି କାରଣକୁ ନେଇ ମାନସଙ୍କର ଉକ୍ତ ଗୋଷ୍ଠୀଙ୍କ ସହ ଝଗଡ଼ା ହୋଇଥିଲା। ମାନସ ଏକୁଟିଆ ଥିବାରୁ ଭୟଭୀତ ହୋଇଯାଇଥିଲେ। ତେଣୁ ମାନସ ତୁରନ୍ତ ତାଙ୍କ ଶାଳକଙ୍କୁ ଫୋନ୍ କରି ସେଠାକୁ ଡକାଇଥିଲେ। ଏହାପରେ ମାନସଙ୍କ ଶାଳକ ମଧ୍ୟ ଏକ ସ୍କୁଟିରେ ସେଠାକୁ ଯାଇଥିଲେ। ସେତେବେଳକୁ ଦୁର୍ବୃତ୍ତମାନେ ମାନସଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଦେଖି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଯୁକ୍ତମାନେ ମାନସଙ୍କ ଶରୀରର ବିଭିନ୍ନ ଅଙ୍ଗକୁ ଧାରୁଆ ଅସ୍ତ୍ରରେ ହାଣି ଚାଲିଥିଲେ। ଏଥିରେ ଭୟଭୀତ ହୋଇ ମାନସଙ୍କ ଶାଳକ ଘଟଣାସ୍ଥଳରୁ ପଳାଇଆସି କିଛି ସମୟ ପରେ ପୋଲିସ ଟିମ୍ ସହ ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବାବେଳେ ପୋଲିସ ମାନସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍‌ସରେ ଭର୍ତ୍ତି କରିଥିଲା। ସେଠାରେ ମାନସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୫୦/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

## ୯ରୁ ବେଗୁନିଆ ମହାପାଟଦେଇ କାଳିକା ଦେବୀ ମହୋତ୍ସବ

ବେଗୁନିଆ,୬।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାପାଟଦେଇ କାଳିକା ଦେବୀ ମହୋତ୍ସବ – ୨୦୨୫ ଆସନ୍ତା ୯ତାରିଖରୁ ଆରମ୍ଭ ହେବ। ଏନେଇ ଆୟୋଜକ କମିଟି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ସଦର ମହକୁମାସ୍ଥିତ ମା' ଦୁର୍ଗାଦେବୀଙ୍କ ପଡିଆ ସଜେଇ ହେଲାଣି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବ ପଡିଆ ପରିସରରେ ଦେବ ନୀତି ଦେଖିବାକୁ ମିଳିବ। ମହାଦେବଙ୍କ ୧୦୮ ଶିବଲିଙ୍ଗ ରୂପରେ ପ୍ରଦର୍ଶିତ ବେଶ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ। ମୀନା ବଜାର ବ୍ୟବସ୍ଥା କରାଯାଇଥିବା ବେଳେ ଦୈନିକ ସନ୍ଧ୍ୟାରେ ପରମ୍ପରାଭିତ୍ତିକ ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ। ଅନ୍ୟପକ୍ଷରେ ଦଣ୍ଡନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିବ। ପିଠିପାଟ, ଖଣ୍ଡାପାଟ, କରପାଟ, ଝାମୁଯାତ୍ରା ଆଦି କାର୍ଯ୍ୟକ୍ରମରେ ପଡିଆ ଦୁଲୁକିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

## କଳିଙ୍ଗ ସ୍ପୋର୍ଟିଂ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ବୋଲଗଡ଼,୬।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ୧୩ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନାରାୟଣୀପଡ଼ା ସ୍କୁଲ ପଡ଼ିଆରେ ଚାଲିଥିବା ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ରବିବାର କୁହୁଡ଼ିର ମହାବୀର ସ୍ପୋର୍ଟିଂକୁ ୨-୦ ଗୋଲରେ ହରାଇ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସୁଶାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ସରେ ଶରତ ଚନ୍ଦ୍ର ଛୋଟରାୟ ଓ ଚିତ୍ତରଞ୍ଜନ ପରିଡ଼ା ସହଯୋଗ କରିଥିଲେ। ଚତୁର୍ଥ ରେଫରି ଭାବେ ବୈକୁଣ୍ଠ ମହାପାତ୍ର ଏବଂ ମ୍ୟାଚ୍ କମିଶନର ଭାବେ ଏମ୍.ଏସ୍. ବେଗ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୭ ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ତୋଫାନ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ କମିଟି ସଭାପତି ପୁରସ୍ତମ ବେହେରା, ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ସାହୁ, କଡ଼ବ ସରପଞ୍ଚ ନଳିନୀ ବଡ଼ଜେନା, ବାଙ୍କୋଇ ସରପଞ୍ଚଙ୍କ ପ୍ରତିନିଧି ଭାସ୍କର ରାଉତରାୟ, କଡ଼ବ ସମିତିସଭ୍ୟାଙ୍କ ପ୍ରତିନିଧି ଏସ୍. କେ. ଆଜାଦ, ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା, ପୂର୍ବତନ ସରପଞ୍ଚ ବ୍ରଜରାଜ ରାଉତ, ପୂର୍ବତନ ସମିତିସଭ୍ୟ ଶିଶିର ଆଚାର୍ଯ୍ୟ, ସରପଞ୍ଚ ପ୍ରଦୀପ ବାରିକ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଲକ୍ଷ୍ମୀଧର ମହାପାତ୍ର ଓ ମନୋରଞ୍ଜନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମନ୍ଦିରରେ ଭକ୍ତଙ୍କ ଗହଳି**

ବଳଙ୍ଗା,(କେଦାରେଶ୍ୱର ନନ୍ଦ): ବଳଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ପବିତ୍ର ରାମନବମୀ ପାଳିତ ହୋଇ ଯାଇଛି। ଗଡ଼ପଦନପୁର, ବିଲୁଆଗୋରଡି, ବଳଙ୍ଗା ଓ ବ୍ରାହ୍ମଣଚାନ୍ଦପୁରସ୍ଥିତ ମହାବୀର ମନ୍ଦିରରେ ରାମନବମୀ ପାଳନ ଅବସରରେ ଭକ୍ତଙ୍କ ଗହଳି ଲାଗିରହିଥିଲା। ବ୍ରାହ୍ମଣଚାନ୍ଦପୁରସ୍ଥିତ ମହାବୀର ମନ୍ଦିରରେ ଉଚ୍ଛୁପୁର ସରପଞ୍ଚଙ୍କ ପକ୍ଷରୁ ଭକ୍ତଙ୍କ ଲାଗି ପଣା ବ୍ୟବସ୍ଥା କରାଯାଇଥିଲା। ସରପଞ୍ଚଙ୍କ ସମେତ ପଞ୍ଚାୟତ ଭାଜପା ସଭାପତି ଜୟଦେବ ପାତ୍ର, ସୁରେଶ ମହାନ୍ତି, ରାଜକୁମାର ଦାଶ, ମାନସ ରଞ୍ଜନ ଦାଶ, ସନ୍ତୋଷ ବରାଳ ପ୍ରମୁଖ ଯୋଗଦେଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



| | |
|---|---|
| ୬।୪।୨୦୨୫ | |
| | ୫,୯୯,୫୨୯ ଟଙ୍କା |
| ସୁନା | ୫୦୦ ମିଲିଗ୍ରାମ୍ |
| ରୁପା | ୨୮.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ମଣିରାମ ମଠରେ ଠାକୁର ଖାଇଲେ ୫୬ ପ୍ରକାର ବ୍ୟଞ୍ଜନ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ମରିଚିକୋଟ ଛକ ପାର୍ଶ୍ୱସ୍ଥ ପ୍ରସିଦ୍ଧ ମଣିରାମ ମଠରେ ରବିବାର ଶ୍ରୀରାମ ନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମଠର ମୁଖ୍ୟ ପୂଜିତ ବିଗ୍ରହଙ୍କୁ ୫୬ ପ୍ରକାର ବ୍ୟଞ୍ଜନ ଭୋଗ ଲାଗିକରାଯାଇଥିଲା। ପରେ ଶତାଧିକ ସାଧୁ ସନ୍ୟାସୀ ଓ ଭକ୍ତ ମଠ ପ୍ରାଙ୍ଗଣରେ ପ୍ରସାଦ ସେବନ କରିଥିଲେ। ଏହି ମଠରେ ମୁଖ୍ୟ ପୂଜିତ ବିଗ୍ରହ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ସମେତ ହନୁମାନ, ଗୋପାଳଜୀ, ଲଡୁଆ ଗୋପାଳ, ନାରାୟଣ, ଲକ୍ଷ୍ମୀ, ରାଧାକୃଷ୍ଣ ଓ ଶାଳଗ୍ରାମ ରହିଛନ୍ତି। ଦୈନନ୍ଦିନ ନୀତି ଅନୁଯାୟୀ ରବିବାର ସକାଳେ ଆଳତି, ମଧ୍ୟାହ୍ନରେ ରାଜଭୋଗ (ଅନ୍ନ ଭୋଗ), ଅପରାହ୍ନରେ ସନ୍ଧ୍ୟା ଆଳତି, ରାତ୍ରରେ ଅନ୍ନ ଭୋଗ କରାଯାଇଥିଲା। ମଠର ମହନ୍ତ ମଣିରାମ ଦାସ ଓ ଶିଷ୍ୟ ଅଭିରାମ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

### ଐତିହ୍ୟସ୍ଥଳ, ଦେବସ୍ଥାନରେ ସ୍ୱଚ୍ଛତା ଅଭିଯାନ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନ ଅବସରରେ ଷଷ୍ଠ ଦିନରେ ରବିବାର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହ୍ୟସ୍ଥଳ ଓ ଦେବସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶ୍ରୀମନ୍ଦିର ପରିକ୍ରମା ମାର୍ଗକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ପରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ସାଧନା ଓ ସମାଧି ପୀଠ ସାତଲହଡ଼ି ମଠରେ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଏଥିରେ ହାପିନେସ୍ ଫାଉଣ୍ଡେସନର ସଦସ୍ୟମାନେ ସାମିଲ ହୋଇଥିଲେ।

### ଖବରଦାତାଙ୍କୁ ଆକ୍ରମଣ ଘଟଣା: ପୁରୀ ସାମ୍ବାଦିକ ସଂଘର ନିନ୍ଦା

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ପୁରୀର ଜଣେ ମହିଳା ଖବରଦାତାଙ୍କ ସମେତ ୫ କର୍ତ୍ତବ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ [illegible] ଆକ୍ରମଣ କରିବା ଘଟଣାକୁ ପୁରୀ ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ସଂଘର ସଭାପତି ଜଗନ୍ନାଥ ବସ୍ତିଆ ଦାବି କରିଛନ୍ତି। ନଚେତ୍ ସମସ୍ତ ସରକାରୀ କାର୍ଯ୍ୟକ୍ରମ ବର୍ଜନ କରିବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ସହ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାକୁ ବସ୍ତିଆ ଦାବି କରିଛନ୍ତି। ସେହିପରି ବିଭିନ୍ନ ସଂଘ ଏବଂ ଅନୁଷ୍ଠାନ ସମେତ ବୁଦ୍ଧିଜୀବୀମାନେ ମଧ୍ୟ ଆକ୍ରମଣ ଘଟଣାକୁ ନିନ୍ଦା କରିଛନ୍ତି।

### ଧୂମାଳ ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ

ଯୋଗେଶ୍ୱରପୁର,୬।୪(ରଶ୍ମିରଞ୍ଜନ ସାହୁ)

ଧୂମାଳ ନରସିଂହପୁର ହାଟ ଚର୍ଚ୍ଚିକା ଠାକୁରାଣୀଙ୍କ ପୀଠରେ ରବିବାର ସଫେଇ କାର୍ଯ୍ୟ ସରପଞ୍ଚ ମୋନାଲିସା ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ଶାସନ ଓ ପଞ୍ଚାୟତରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିର ଚତୁର୍ପାର୍ଶ୍ୱରେ ଆବର୍ଜନା ସଫେଇ କରାଯାଇଥିଲା। ଉକ୍ତ କାର୍ଯ୍ୟରେ ନାଏବ ସରପଞ୍ଚ ଅଶୋକ କୁମାର ସାହୁ, ଯୁବନେତା ଅଭିମନ୍ୟୁ ସିଂହ, ପଞ୍ଚାୟତ ସଭାପତି ଦିଲ୍ଲୀପ କୁମାର ରାଉ, ବିଭିନ୍ନ ମହିଳା ସଙ୍ଗଠନର ସଦସ୍ୟା ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।

# ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ

■ ବୀରବାଦ୍ୟ, ପାରମ୍ପରିକ ନୃତ୍ୟରେ କମ୍ପିଲା ସହର

■ ବେଶଧାରୀ ମନ ମୋହିଲେ, ଶ୍ରୀରାମ ଜନ୍ମନୀତି ସମ୍ପନ୍ନ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)



ଶ୍ରୀରାମ ଜନ୍ମ ନୀତି ପାଇଁ କାଳିକାଦେବୀ ସାହିରୁ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ସହ ଋଷ୍ୟଶୃଙ୍ଗ ଋଷି ଶ୍ରୀମନ୍ଦିରକୁ ଯାଉଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



ପର୍ଶୁରାମ ବେଶଧାରୀ।

ପବିତ୍ର ରାମନବମୀ ରବିବାରଠାରୁ ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଛି। ଏଥିପାଇଁ ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇଉଠିଛି। ଶ୍ରୀମନ୍ଦିର ରୀତିନୀତି ସହ ସମ୍ପୃକ୍ତ ଏହି ସାହିଯାତରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଶ୍ରୀରାମ ଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ ନୀତିକାନ୍ତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ନୀତି ସହ ଅଙ୍ଗାଙ୍ଗୀ ଭାବେ ସାହିଯାତ ଜଡ଼ିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନାରେ ଏକ ଅଙ୍ଗ ଭାବେ ଶ୍ରୀରାମଲୀଳାକୁ ବିବେଚନା କରାଯାଏ। ଶ୍ରୀମନ୍ଦିରରେ ଏହି ଲୀଳା ପାଳନ ହେବା ସହ ଶ୍ରୀକ୍ଷେତ୍ରର ଆଠ ସାହିରେ ଯାତ ଅନୁଷ୍ଠିତ ହୋଇଥାଏ। ସାହିଯାତରେ ସମରକଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରା ଦେଖିବାକୁ ମିଳିଥାଏ। ପୁରୀର ଆଠ ସାହି ଆଖଡ଼ା ପକ୍ଷରୁ ଏହି ଯାତ ଅନୁଷ୍ଠିତ ହୋଇଥାଏ। ଯାତରେ ରାମଜନ୍ମ, ଯଜ୍ଞରକ୍ଷା, ସୀତା ବିବାହ, ପର୍ଶୁରାମଙ୍କ କଳାହରଣ, ଶ୍ରୀରାମଙ୍କ ବନବାସ, ଲଙ୍କାପୋଡ଼ି, ସେତୁବନ୍ଧ ପ୍ରତିଷ୍ଠା, ରାବଣ ବଧ ଏବଂ ରାମାଭିଷେକ ଲୀଳା ହୋଇଥାଏ।

ସାହିଯାତର ପ୍ରଥମ ଦିବସରେ ରବିବାର କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ଋଷ୍ୟଶୃଙ୍ଗ ଆଦି ବେଶଧାରୀମାନେ ସାହିରୁ ବାହାରି ପ୍ରଥମେ ମା’ ଦକ୍ଷିଣକାଳୀଙ୍କୁ ଦର୍ଶନ କରିବା ସହ ଆଜ୍ଞାମାଳ ପ୍ରାପ୍ତ ହୋଇଥିଲେ। ପରେ ସେମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀରାମ ଜନ୍ମ ନୀତିରେ ସାମିଲ ହୋଇଥିଲେ। ସେଠାରୁ ଚରୁଅନ୍ନ ଆଣି ମା’ଦକ୍ଷିଣକାଳୀଙ୍କୁ ଅର୍ପଣ କରାଯିବା ପରେ ବେଶଧାରୀମାନେ ବନ୍ଧୁସାହି, ମାଟିମଣ୍ଡପ ସାହି ପରିକ୍ରମା କରିଥିଲେ। ଏଥିସହ ନାଗା, ମେଢ଼ର ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ନାଗା, ନବଶିରା ସହିତ ବିଭିନ୍ନ ମେଢ଼ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବୀରବାଦ୍ୟରେ କମ୍ପିଥିଲା ଶ୍ରୀକ୍ଷେତ୍ର। ବିଭିନ୍ନ ଠାଣିରେ ମଜ୍ଜିଯାଇଥିଲେ ସାହି ଭେଣ୍ଢିଆ। ବୀରଦର୍ପ ଚାଲି, କଥାକୁହା ଆଖି ଓ ମନମତାଣିଆ ବେଶରେ ସମସ୍ତେ ବିଭୋର ହୋଇଥିବାବେଳେ ମଲ୍ଲୀଫୁଲ ମାଳର ବାସ୍ନାରେ ମହକିଛି ଶ୍ରୀକ୍ଷେତ୍ର। ସାହିକୁ ରଙ୍ଗିନ ଆଲୋକରେ ସୁସଜ୍ଜିତ କରାଯାଇଥିଲା। ଆଠସାହି ଆଖଡ଼ାର ମୁରବିମାନେ ସାହିଯାତରେ ସାମିଲ ହୋଇଥିଲେ। ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଓ ସାତସାହି ମୁରବି ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁରୀବାସୀ ସାହିଯାତ ଉପଭୋଗ କରିଥିଲେ।

## ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତଥା ରାମନବମୀ ରବିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହୋଇଛି। ରାମନବମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିଅନୁଷ୍ଠିତ ହୋଇଥିଲା। ଭୋରରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ସକାଳଧୂପ ସହ ବିଭିନ୍ନ ନୀତି ବଢ଼ି ଯାତ୍ରାଙ୍ଗୀ ମହାସ୍ନାନ କରାଯାଇଥିଲା। ଏହାପରେ ଘଣ୍ଟଛତା ସର୍ବାଙ୍ଗ ସମ୍ପନ୍ନ ସହ ମହାପ୍ରଭୁଙ୍କୁ ଛ’ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ଧୋ ପଖାଳ ହୋଇଥିଲା। ଏହାପରେ ଶ୍ରୀରାମ ଜନ୍ମ ନୀତି ଆରମ୍ଭ ହୋଇଥିଲା। ଜନ୍ମ ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟବିଜୟ ଦ୍ୱାର ବନ୍ଦ ରହିଥିଲା। ଶୁଦ୍ଧସୁଆର ଭଣ୍ଡାର ଘର ଆଗରେ ପୋଛା ମାରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ବନ୍ଦାପନା କରାଯାଇ ବରୁଣ ପୂଜା କରାଯାଇଥିଲା। ଦକ୍ଷିଣ ଘର ଭୋଗ ଶେଷ ହେବା ପରେ ଶ୍ରୀରାମଚନ୍ଦ୍ର ପ୍ରତିମାଙ୍କୁ ମହାଜନ ସେବକ ରତ୍ନସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡିପ୍ରସାଦ ଲାଗି କରିବା ପରେ ପ୍ରସାଦ ଓଲାଗି ହୋଇ ରାମଚନ୍ଦ୍ରଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ମହାଜନ ସେବକମାନେ ରାମଚନ୍ଦ୍ରଙ୍କ ପ୍ରତିମାଙ୍କୁ ଉକ୍ତ ଜନ୍ମମଣ୍ଡଳ ଉପରେ ବିଜେ କରାଇ ଥିଲେ। ମହାଜନ ସେବାୟତଙ୍କ ମଧ୍ୟରୁ ଜଣେ ଦଶରଥ ଓ ଜଣେ କୌଶଲ୍ୟା ଭାବେ ଖଣ୍ଟୁଆ ଘୋଡ଼ାଇ ହୋଇ ଜନ୍ମବିଧି ନୀତି ସମ୍ପନ୍ନ କରିଥିଲେ। ପରେ କର୍ପୂର ଆଳତି ବନ୍ଦାପନା ନୀତି ସମ୍ପାଦନ କରାଯାଇଥିଲା। ମହାସୁଆର ସେବକ ଠାକୁରଙ୍କୁ ଗଣ୍ଡୁଷ ମସଲା ଓ କ୍ଷୀର ମଣୋହି କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ଜନ୍ମବିଧି, ଶୀତଳ ଭୋଗ ମଣୋହି ନୀତି କରିଥିଲେ। ମହାସୁଆର ସେବାୟତ ଜୟବିଜୟ ଦ୍ୱାର ନିକଟରେ ଠାକୁରଙ୍କୁ ଚରୁଭାତ ମଣୋହୀ କରିବା ପରେ ଠାକୁର ଦକ୍ଷିଣଘରକୁ ବାହୁଡ଼ାବିଜେ କରିଥିଲେ। ଏହା ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

# ରାମନାମରେ କମ୍ପିଲା ଗାଁ ଦାଣ୍ଡ

**୨୦ରୁ ଊର୍ଦ୍ଧ୍ୱ ଗାଁରେ ବୁଲିଲା ଶୋଭାଯାତ୍ରା**

ଗୋପ,୬।୪(ଭାରତୀ ଭୂଷଣ ଉପାଧ୍ୟାୟ)



ରାମନବମୀ ଅବସରରେ ବାହାରିଥିବା ଶୋଭାଯାତ୍ରା ।

ଗୋପ ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ପବିତ୍ର ରାମନବମୀ ପାଳନ କରାଯାଇଥିବାବେଳେ ଗୋପରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଏଥିରେ ସହସ୍ରାଧିକ ଯୁବକ ସାମିଲ୍ ହୋଇଥିଲେ। ରାମନାମରେ ଗାଁଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଏହି ଶୋଭାଯାତ୍ରା ୨୦ରୁ ଊର୍ଦ୍ଧ୍ୱ ଗାଁ ବୁଲିବା ପରେ ଗୋପ ପାଠାଗାର ନିକଟସ୍ଥ ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲା। ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ବସନ୍ତ କୁମାର ସେନାପତି, ଶୁଭେନ୍ଦୁ ପୃଷ୍ଟି ଓ ଅନିଲ୍ କୁମାର ପରମାଣିକଙ୍କ ନେତୃତ୍ୱରେ ଶୋଭାଯାତ୍ରା ଗୋପ ନିକଟସ୍ଥ ବାୟାକୁଦା ନାରାୟଣୀ ମନ୍ଦିରରୁ ବାହାରି ଗୋପ, କୁସୁପୁର, ଜିରିକେଣା, ଖଡିଶ ଗାଁ ସହିତ ଆଉ କେତେକ ଗାଁ ପରିକ୍ରମା କରିଥିଲା। ଶତାଧିକ ଯୁବକ ହନୁମାନଙ୍କ ପତାକା ଧରି ଜୟଶ୍ରୀରାମ ଧ୍ୱନି ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ବୁଦ୍ଧରାୟ ମାଝୀ, ଜହୁର୍ ଖାଁଙ୍କ ସହିତ ଅନ୍ୟ ପୋଲିସ ଅଫିସର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଗୋପ ପାଠାଗାର ହନୁମାନ ମନ୍ଦିର ନିକଟରେ ହିନ୍ଦୁଧର୍ମର ସୁରକ୍ଷା ସଂକ୍ରାନ୍ତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦମ୍ପତିଙ୍କୁ ହତ୍ୟା ଧମକ, ୨ ଗିରଫ

ନିମାପଡ଼ା,୬।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରଚିଲୋ ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ର କରି ଦମ୍ପତିଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଗ୍ରାମର କ୍ଷୀରୋଦ ପ୍ରଧାନ, ସମ୍ବିତ ପ୍ରଧାନ। ପରେ ୪୧ ନୋଟିସ ଦେଇ ଜାମିନରେ ଥାନାରୁ ଛାଡ଼ି ଦେଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଗତ ୪ ତାରିଖ ରାତିରେ କ୍ଷୀରୋଦ, ସମ୍ବିତ ଗ୍ରାମର ମାନସ ପଣ୍ଡା ଓ ତାଙ୍କ ସ୍ତ୍ରୀଙ୍କୁ ଗାଳି ଦେଇ ଖଣ୍ଡା ଓ ଲୁହା ରଡ଼ ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏପରିକି ତାଙ୍କ ଘରେ ପେଟ୍ରୋଲ ପକାଇ ନିଆଁ ଲଗାଇ ପୋଡ଼ି ଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ମାନସ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଉକ୍ତ ୨ ଜଣଙ୍କ ବିରୋଧରେ ୯୬/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ରାଜା ବେଶରେ ଦର୍ଶନ ଦେଲେ ଶ୍ରୀରାମ

**ଶ୍ରଦ୍ଧାଳୁଙ୍କ ସମାବେଶ, ସାଂସ୍କୃତିକ ସମାରୋହ**

ସାକ୍ଷୀଗୋପାଳ,୬।୪ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ସାକ୍ଷୀଗୋପାଳ ଶ୍ରୀରାମ ମନ୍ଦିରରେ ରବିବାର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ଅବକାଶ, ନୂତନ ବସ୍ତ୍ର ପରିଧାନ, ତୁଳସୀ, ଫୁଲମାଳ ଲାଗି ପରେ ବାଳଭୋଗ, ଖେଚୁଡ଼ି ଭୋଗ କରାଯାଇଥିଲା। ମନ୍ଦିର ପୁରୋହିତ ଗୋପୀନାଥ ଦାଶ, ପୂଜକ ସୁରେନ୍ଦ୍ର କୁମାର ପାଢ଼ୀ ମଧ୍ୟାହ୍ନରେ ଜନ୍ମବିଧି, ଯଜ୍ଞରେ ସମାପନ କରିଥିଲେ। ପରେ ସାହାଣ ମେଲା ହୋଇ ଭକ୍ତ ଦର୍ଶନ କରିଥିଲେ। ରାଜାଙ୍କ ବେଶରେ ଶ୍ରୀରାମ ଦର୍ଶନ ଦେଇଥିଲେ। ଶ୍ରୀରାମ ଜନ୍ମ ମହୋତ୍ସବ କମିଟି ପକ୍ଷରୁ ସନ୍ଧ୍ୟାରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ସାଂସ୍କୃତିକ ସମାରୋହ ହୋଇଥିଲା।

ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ରାମଚନ୍ଦ୍ର ନନ୍ଦ ଓ ଜିତେନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଜନ୍ମ ମହୋତ୍ସବ କମିଟି ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରାରେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ମାତା ସୀତା ଓ ଭକ୍ତ ହନୁମାନ ଏକ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ବଜାର ପରିକ୍ରମା କରି ସାକ୍ଷୀଗୋପାଳ ମନ୍ଦିର ନିକଟରେ ପହଞ୍ଚିଥିଲା। ମଞ୍ଚରେ ଆଳତି ଓ ଶ୍ରୀରାମ ବନ୍ଦନା ସହିତ କଳାକାରମାନେ ଭଜନ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ଓମ୍ ପ୍ରକାଶ ମିଶ୍ର, କମିଟି ସଭାପତି ସତ୍ୟବାଦୀ ଦାସ ସମ୍ପାଦକ ବାଳକୃଷ୍ଣ ମହାପାତ୍ର ଯୋଗଦେଇଥିଲେ। ଆଲୋକ ଖୁଣ୍ଟିଆ ଓ ସୁଶ୍ରୀ ତପସ୍ୱିନୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ଦେବୀ ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା ହୋମ ଅନୁଷ୍ଠିତ ହୋଇଥିଲା। ସକାଳେ ଭଗବତ ଗୀତା ଓ ବେଦ ପରିଷଦ ପକ୍ଷରୁ ବେଦ, ଗୀତା ଓ ହରିରାମ କୀର୍ତ୍ତନ ସୁଶାନ୍ତ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ବେଦ, ଗୀତା ପାଠ କରିଥିଲେ।

# ସାଇନିଳୟର ବାର୍ଷିକୋତ୍ସବ, ପୁରସ୍କାର ବିତରଣ ସମାରୋହ

ନିମାପଡ଼ା,୬।୪(ବିଚିତ୍ରାନନ୍ଦ ସାହୁ)



ଅତିଥିମାନେ ମୁଖପତ୍ର ‘ଶ୍ରୀ ସାଇ ଅମୃତ’ ଉନ୍ମୋଚନ କରୁଛନ୍ତି।

ନିମାପଡ଼ା ବଡ଼ ବଜାରସ୍ଥିତ ସାଇନିଳୟ ପକ୍ଷରୁ ଚୈତ୍ରମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ରବିବାର ଦ୍ୱାଦଶ ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ସମାରୋହ, ସାଂସ୍କୃତିକ ଧମାକା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସାଇ ନିଳୟ ସଭାପତି ବ୍ରହ୍ମାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ କବି, ସାହିତ୍ୟିକ ଡ. ରବିନାରାୟଣ ସେନାପତି, ଅବସରପ୍ରାପ୍ତ ପ୍ରଶାସନ ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଫେସର ଡ. ଅନିତା ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସାଇ ନିଳୟ ସମ୍ପାଦକ ଅଭୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଇ ନିଳୟର ବାର୍ଷିକ ମୁଖପତ୍ର ‘ଶ୍ରୀ ସାଇ ଅମୃତ’ ଲୋକାର୍ପିତ ହୋଇଥିଲା। ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଚିତ୍ରାଙ୍କନ ପ୍ରତିଯୋଗିତାର ୪୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶ୍ରୀସାଇ ମନ୍ଦିର ପୂଜକ ଶ୍ୟାମସୁନ୍ଦର କରଙ୍କ ସମେତ ୪ ଜଣ ପ୍ରତିଭା ଓ ଶିଶୁ ଶିଳ୍ପୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶ୍ରୀ ସାଇନାଥଙ୍କ ଏକ ବିଶାଳ ଚଭାଡ଼ି ଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଶହ ଶହ ସଂଖ୍ୟାରେ ସାଇ ଭକ୍ତ ସାମିଲ ହୋଇଥିଲେ। ପ୍ରତିଷ୍ଠିତ କଳାକାର, ନୃତ୍ୟଶିଳ୍ପୀଙ୍କ ପରିବେଶିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଦର୍ଶକ ବିମୋହିତ ହୋଇଥିଲେ। ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ଧୁମ୍‌ଧାମ୍‌ରେ ପାଳନ ହେଲା ରାମନବମୀ

କାକଟପୁର/ଅସ୍ତରଙ୍ଗ,୬।୪ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ପବିତ୍ର ରାମ ନବମୀ ଅବସରରେ ଜୟ ଶ୍ରୀରାମ, ଭଜମନ ରାମ ନାମ ଧ୍ୱନିରେ କମ୍ପିଲା ମଠ, ମନ୍ଦିର ଓ ସାରା ଅସ୍ତରଙ୍ଗ, କାକଟପୁର ଅଞ୍ଚଳ। ଅଞ୍ଚଳର ରାମ ମନ୍ଦିରରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ପବିତ୍ର ଶ୍ରୀରାମ ନବମୀରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କୁ ଥରେ ଆଖି ପୂରେଇ ଦେଖିବାକୁ ମନ୍ଦିରରେ ଭିଡ଼ ଜମିଥିଲା। ଅସ୍ତରଙ୍ଗ ବ୍ଲକର ରଘୁନାଥପୁର, ରଘୁନାଥଜୀଉ ମଠ ସହ ହରିଣହୁଲା ରାମ ନବମୀ ପୂଜା ପାଇଁ ବେଶ ଚଳଚଞ୍ଚଳ ହୋଇଥିଲା। ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟୀ ପ୍ରାତଃ ୫ଟା ୩୦ରେ ମଙ୍ଗଳ ଆଳତି ପରେ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଥିଲେ। ଅସ୍ତରଙ୍ଗ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ହୀରାଦେଇପୁରସ୍ଥିତ ରଘୁନାଥଜୀଉ ମଠ ନିକଟରୁ ଏକ ବିଶାଳ ବାଇକ୍ ଶାଭାଯାତ୍ରା ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରି କାକଟପୁର ଅଭିମୁଖେ ଆସିଥିଲା। ପରେ ବିଶ୍ୱାମିତ୍ର ଆଶ୍ରମରୁ ଶତାଧିକ ରାମଭକ୍ତଙ୍କ ଦ୍ୱାରା ବିଶାଳ ବାଇକ୍ ରାଲି କାକଟପୁର ବଜାର ପରିକ୍ରମା କରିଥିଲା। ଅସ୍ତରଙ୍ଗ ନିକଟସ୍ଥ ହରିଣହୁଲା (ଅଣଚମ୍ପା) ନିକଟରେ ଶ୍ରୀରାମ ନବମୀ ପୂଜା ଅବସରରେ ଫୁଲ ଓ ରଙ୍ଗିନ୍ ଆଲୋକରେ ସଜେଇ ହୋଇଥିଲା। ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ।

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଗୋପ,୬।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଖେଳ ଓ ଖେଳାଳି ଗୋଟିଏ ଟଙ୍କାର ୨ଟି ପାର୍ଶ୍ୱ। ଖେଳ ଆମମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ ସମ୍ପର୍କ ସୁଦୃଢ଼ କରିବାରେ ଏକ ବଡ଼ ଭୂମିକା ନେଇଥାଏ। ମା’ ଭବାନୀ ଭଲିବଲ କ୍ଲବ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଗୋପ ବାଳିକା ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ ଯୋଗଦେଇ ଏହା କହିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଞ୍ଚଳର ଯୁବନେତା ମନଦିପ ପାଇକରାୟ, ବରିଷ୍ଠ ଖେଳାଳି କୃଷ୍ଣଚନ୍ଦ୍ର ପୃଷ୍ଟି ଯୋଗଦେଇ ଖେଳ ଦ୍ୱାରା ଆମମାନଙ୍କ ପରିଚୟ ସୃଷ୍ଟି ହେବା ସହ ଏକ ସୁନ୍ଦର ବାର୍ତ୍ତା ଦ୍ୱାରା ଏକତା ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବଛା ବଛା ଟିମ୍ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ପରେ ଖେଳ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ କ୍ଲବର ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

# ଶ୍ରୀରାମ ବେଶରେ ସଜ୍ଜିତ ହେଲେ ଛାତ୍ରୀଛାତ୍ର

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ରୂପେ ପ୍ରବଚକ ତଥା ଅଲାରନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଦଳାଇ ଯୋଗଦେଇ ପ୍ରଭୁ ରାମଚନ୍ଦ୍ରଙ୍କ ଜୀବନର ସମରସତ୍ତା ପରିପୂର୍ଣ୍ଣ ଗୁଣବତା, ମହନୀୟତା, ପିତୃଭକ୍ତି, ପ୍ରଜାବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ବିକାଶ ସମିତିର ପୁରୀ ବିଭାଗ ନିରୀକ୍ଷକ ନୃସିଂହ ଚରଣ ମିଶ୍ର, ବିଦ୍ୟାଳୟ ପରିଚାଳନା ସଭାପତି ଡ. ଅଭିମନ୍ୟୁ ଭୂୟାଁ, ସମ୍ପାଦକ ଅରବିନ୍ଦ ଶତପଥୀ, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା, ସଦସ୍ୟା ସନ୍ତୋଷିନୀ ନାୟକ ଏବଂ ପ୍ରଧାନାଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବେଶରେ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ସଂକୀର୍ତ୍ତନମଣ୍ଡଳୀ ସହିତ ପ୍ରଭାତ ଫେରି କରାଯିବା ସହିତ ବେଶଧାରୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମନବମୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରବଚକ ସୁଶାନ୍ତ କୁମାର ନାୟକ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ଉପସ୍ଥିତ ରହି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ହରଚଣ୍ଡି ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ଜନ୍ମ ଉତ୍ସବ ପାଳିତ ହୋଇଛି। ଅତିଥି ଭାବେ ଭଗବତୀ ସଂସ୍କୃତ ମହାବିଦ୍ୟାଳୟର ପ୍ରଧ୍ୟାପକ ରବିନାରାୟଣ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ହୋମ, ଯଜ୍ଞ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ରୀରାମଙ୍କ ବେଶରେ ସଜ୍ଜିତ ହୋଇଥିଲେ। ହନୁମାନ ଚାଳିଶା ଓ ଶ୍ରୀରାମଚରିତ୍ର ମାନସ ପାଠ କରାଯାଇଥିଲା।

**ଫଟୋରେ ଖବର**





ଘୋଡ଼ାବଜାର ସରସ୍ୱତୀ ଶିଶୁମନ୍ଦିରରେ ରାମନବମୀ ପାଳନ ଅବସରରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶଧାରୀଙ୍କୁ ବନ୍ଦାପନା କରାଯାଉଛି । ମଧୁବନ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ରାମ ଜନ୍ମୋତ୍ସବ ଅବସରରେ ଅତିଥିଙ୍କ ସହ ବେଶଧାରୀ ପିଲାମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ରାମନବମୀରେ ବାଇକ୍ ଶୋଭାଯାତ୍ରା

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ରାମନବମୀ ଅବସରରେ ପାହାଳ ଥାନା ଅନ୍ତର୍ଗତ ନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ନିଆଳି ଅଭିମୁଖେ ଯାତ୍ରା କରିଥିଲା। ବିଶ୍ୱ ହିନ୍ଦୁ ପରିଷଦର କଟକ ଜିଲା ସଭାପତି ମାନସ ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବହୁ ସଂଖ୍ୟକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଜୟ ଶ୍ରୀରାମ ନାରା ଦେଇଥିଲେ। ବଡ଼ଝରିଲୋ ଓ ରାୟପୁର ସମେତ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରାକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ୱାଧୀନଚେତା ମହାନ୍ତି, ରାଜକୁମାର ସ୍ୱାଇଁ, ମନମୋହନ ପାତ୍ର ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।


ରାମନବମୀ ଅବସରରେ କଟକ ଚହଟାସ୍ଥିତ ଶ୍ରୀରାମନିଗମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।


କଟକ ଚୌଧୁରୀବଜାର ମାରୁତି ମଣ୍ଡପ ନିକଟରୁ ଶ୍ରୀରାମ ମହୋତ୍ସବ କମିଟି ବିଶ୍ୱହିନ୍ଦୁ ପରିଷଦ କଟକ ଓ ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା।

# ରାମ, ଲକ୍ଷ୍ମଣଙ୍କ ଜନ୍ମ ନାରାୟଣ ବେଶ

ତିଗିରିଆ,୬।୪(ଜାଫର ଖାଁ)

ତିଗିରିଆ ବ୍ଲକ୍‌ର ପ୍ରସିଦ୍ଧ ରାମଲୀଳା ପୀଠ ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ରାମନବମୀ ଉତ୍ସବ ରବିବାର ଆରମ୍ଭ ହୋଇଛି। ପୂର୍ବାହ୍ନରେ ପୀଠ ପରମ୍ପରା ଅନୁଯାୟୀ ଗ୍ରାମର ସମସ୍ତ ଦେବାଦେବୀଙ୍କ ପୀଠରେ ଧ୍ୱଜା ପ୍ରତିଷ୍ଠା ପରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ୩୬୦ରୁ ଉର୍ଦ୍ଧ୍ୱ ପୀଠ ନିକଟସ୍ଥ ଖଳି ନଦୀ ବାଲିତୁଠରୁ କଳସ ଆଣି ପୀଠରେ ସ୍ଥାପନ କରିଥିଲେ। ଏହାପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯଜ୍ଞ କାର୍ଯ୍ୟରେ କର୍ତ୍ତା ରୂପେ ବୈକୁଣ୍ଠ ବିହାରୀ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ। ଆଚାର୍ଯ୍ୟ ସନ୍ତୋଷ କୁମାର ଶତପଥୀ ଏବଂ ସେବାୟତ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ

### ଗଦାଧରପୁରରେ ରାମନବମୀ

ସମସ୍ତ ବୈଦିକ କର୍ମକାଣ୍ଡ ଏବଂ ପୂଜାବିଦ୍ଧି ଅନୁଷ୍ଠିତ ହୋଇଯାଇଛି। ରବିବାର ପ୍ରଥମ ଦିନରେ ଶ୍ରୀରାମ, ଲକ୍ଷ୍ମଣ, ମାତା ଜାନକୀ ଏବଂ ହନୁମାନଙ୍କ ଜନ୍ମ ନାରାୟଣ ବେଶ ଅନୁଷ୍ଠିତ ହୋଇଥିଲା। ବହୁ ହଜାର ଶ୍ରଦ୍ଧାଳୁ ଏହି ବେଶ ଦର୍ଶନ କରିବାସହ ସନ୍ଧ୍ୟା ଆଳତି ଅର୍ପଣ କରିଥିଲେ । ଗ୍ରାମ ପରିଚାଳନା କମିଟି ସଭାପତି ଧନେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁଦାମ ଚରଣ ରାଉତ, ପ୍ରଦୀପ କୁମାର ସ୍ୱାଇଁ, ଧୀରେନ୍ଦ୍ର ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ରମେଶ ସ୍ୱାଇଁ ପ୍ରମୁଖ ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ମାଟି ତଳୁ ୩ ଫୁଟର ରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ପିତ୍ତଳ ମୂର୍ତ୍ତି ଠାବ

ବାଙ୍କୀ,୬।୪(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ରତାଗଡ ଗ୍ରାମରେ ଶନିବାର ଶ୍ରୀରାମ ନବମୀ ଅବସରରେ ମାଟିତଳୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଏକ ପିତ୍ତଳ ମୂର୍ତ୍ତି ଠାବ କରାଯାଇଛି। କିଛିଦିନ ପୂର୍ବେ ରାମନବମୀ ଉପଲକ୍ଷେ ଗ୍ରାମବାସୀ ଏକତ୍ରିତ ହୋଇ ରାମନବମୀ ପୀଠ ସଫେଇ କରଥିଲେ। ସେଠାରେ ଥିବା ଏକ ମହୁମାଛି ବସାକୁ ପୋଡ଼ି ଉକ୍ତ ସ୍ଥାନ ସଫା କରିଦେଇଥିଲେ। ଶୁକ୍ରବାର ରାତିରେ ଏହି ଗ୍ରାମର ବଳରାମ ରାଉତଙ୍କ ସ୍ୱପ୍ନାଦେଶ ହୋଇଥିଲା। ଏନେଇ ସେ ଶନିବାର ସକାଳୁ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାପରେ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ମାଟି ଖୋଳା ଆରମ୍ଭ କରିଥିଲେ। ପ୍ରାୟ ୩ ଫୁଟ ମାଟି ଖୋଳିବା ପରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ପିତଳ ମୂର୍ତ୍ତି ଉଦ୍ଧାର ହୋଇଥିଲା। ଏହାପରେ ଠାକୁରଙ୍କ ରୀତି ନୀତି ଅନୁଯାୟୀ ଶ୍ରୀରାମ ନବମୀ ଅବସରରେ ପୀଠରେ ପୂଜାର୍ଚ୍ଚନା କରି ଅଭିଷେକ କରାଯାଇଥିଲା।

### ଭାଜପା ପ୍ରତିଷ୍ଠା ଦିବସ

ଚୌଦ୍ୱାର,୬।୪(ଆଶୁତୋଷ ଦାସ)

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ଭାଜପାର ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ମଣ୍ଡଳ ସଭାନେତ୍ରୀ ମମତା ବେହେରାଙ୍କ ଅଧ୍ୟକ୍ଷତାରେ ଗାନ୍ଧୀଛକ ମାର୍କେଟ କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ କୁମାର ସାହୁ, ପ୍ରକାଶ ଚନ୍ଦ୍ର ବଡ଼ଜେନା, ଚିନ୍ମୟ ବେହେରା, ସନ୍ତୋଷ ବେହେରା, ସଚ୍ଚିକାନ୍ତ ନାୟକ, ସ୍ମୃତିରଞ୍ଜନ ସାହୁ ପ୍ରମୁଖ ଦଳର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ତନ୍ମୟ ସାହୁ, କୃତିରାଣୀ ସାହୁ, ପ୍ରକାଶ ସାହୁ, ଗୌତମ ସାହୁ, କ୍ଷୀରୋଦ ନାୟକ, ପ୍ରଶାନ୍ତ ବିଶ୍ୱାଳ, ସୁମିତ୍ରା ମହାନ୍ତି, ଦୀପକ ସ୍ୱାଇଁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ରଘୁନାଥଜୀଉ ପୀଠରେ ଶ୍ରୀରାମଙ୍କ ଜନ୍ମୋତ୍ସବ

ନିଶ୍ଚିନ୍ତକୋଇଲି,୬।୪(ଅଶୋକ କୁମାର ମହାପାତ୍ର)

- ଲକ୍ଷାଧିକ ଭକ୍ତଙ୍କ ସମାଗମ
- ମାନସିକ ବାଣ ଫୁଟାଇବାକୁ ଅନୁମତି ନ ମିଳିବାରୁ ଅସନ୍ତୋଷ

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଲ୍ଲିପୁର ଅସୁରେଶ୍ୱରସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟାରେ ମହାପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦେଖିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରିଥିଲେ।

ପାରମ୍ପରିକ ରୀତିନୀତି ଅନୁଯାୟୀ ରବିବାର ପ୍ରାତଃରୁ ଠାକୁରଙ୍କୁ ସ୍ନାନ, ବିଭିନ୍ନ ନୀତିକାନ୍ତି, ମାଜଣା ପୂଜାର୍ଚ୍ଚନା ସହ ନୈବେଦ୍ୟ ଅର୍ପଣ କରାଯାଇଥିଲା। ପୂଜା କାର୍ଯ୍ୟରେ ମନ୍ଦିର ମୁଖ୍ୟ ପୂଜକ


ଅସୁରେଶ୍ୱରସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ଜନ୍ମୋତ୍ସବ।

ମନମୋହନ ପତି, ପ୍ରଦୀପ୍ତ ଶତପଥୀ, ପ୍ରତାପ କୁମାର ଶତପଥୀଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ସ୍ୱୀକୃତିପ୍ରାପ୍ତ ପୂଜକମାନେ ନିୟୋଜିତ ହୋଇଥିଲେ। ମନ୍ଦିର ପରିଚାଳନା ମ୍ୟାନେଜିଂ ଟ୍ରଷ୍ଟି ତଥା ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରକାଶ ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ଏହି ପ୍ରସିଦ୍ଧ ପୀଠରେ ଭକ୍ତମାନେ ମାନସିକ ବାଣ ଫୁଟାଇବା ନିମନ୍ତେ ଆସିଥିଲେ। ପୋଲିସ ତରଫରୁ ଏହି ମାନସିକ ବାଣ ଫୁଟାଯିବା ଉପରେ ଅଙ୍କୁଶ ଲଗାଯାଇଥିଲା। ପୋଲିସ ଏପରି କାର୍ଯ୍ୟକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ପରେ ବାଧ ହୋଇ ପୋଲିସ ଶେଷରେ ମାନସିକ ବାଣ ଫୁଟାଇବାକୁ ଅନୁମତି ଦେଇଥିଲା। ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ଶୋଭନ କର, କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଦୀପ୍ତ କୁମାର ଦାସ, ଭାଜପା ଯୁବନେତା ସୁମନ୍ତ କୁମାର ଘଡେଇ, କେଣ୍ଟାଲୋ ସରପଞ୍ଚ ଅନଦା ପ୍ରସାଦ ନାୟକ ପ୍ରମୁଖ ଏହି ଯାତ୍ରାରେ ସାମିଲ ହୋଇ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରିବା ସହ ସାନିଧ ଲାଭ କରିଥିଲେ।

# ଜଳଛତ୍ର ଉଦ୍‌ଘାଟିତ


ଜଳଛତ୍ର କେନ୍ଦ୍ରରେ ପଣା ବଣ୍ଟନ କରାଯାଉଛି।

ଫୁଲନଖରା,୬।୪(ସତ୍ୟରଞ୍ଜନ ଦାସମହାପାତ୍ର)

ରାମନବମୀ ଅବସରରେ କଟକ ସଦର ଥାନା ଅନ୍ତର୍ଗତ ନଗରୀସ୍ଥିତ ସାରଥି ଆଶ୍ରମ ନିକଟରେ ଜଳଛତ୍ର କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅମୂଲ୍ୟ କୁମାର ଓଝା, କିଶୋର କୁମାର ପାତ୍ର, ଆଦିକନ୍ଦ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରିୟତମା ଦିଦି, ସୁଲୋଚନା ଦିଦି, ମାମି ଦିଦି, ମଦନ ଭାଇ, ବଣ୍ଟି ଭାଇ, ରମେଶ ଭାଇ, ନିଲୁ ଭାଇ, ଲକ୍ଷ୍ମୀଧର ଭାଇଙ୍କ ସମେତ ଅନ୍ୟମାନେ ପଥଚାରୀଙ୍କୁ ପଣା ବଣ୍ଟନ କରିଥିଲେ। ଆସନ୍ତା ୧ ମାସ ପର୍ଯ୍ୟନ୍ତ ଏହି କେନ୍ଦ୍ରରେ ଜଳ ବିତରଣ କରାଯିବ ବୋଲି ସାରଥି ଆଶ୍ରମ ପକ୍ଷରୁ ସୂଚନା ମିଳିଛି।

# କ୍ରିକେଟ୍: ମହୁରା ଫାଇଟର୍‌ର ଚାମ୍ପିୟନ


କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ସହ ଅନ୍ୟମାନେ।

କଟକ ସଦର,୬।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ମଉଗଜପୁର ଖେଳପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମଉଗଜପୁର ଲାୟନକୁ ହରାଇ ମହୁରା ଫାଇଟର୍ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆୟଉପୁର ସରପଞ୍ଚ ରାକେଶ ବେହେରା, ସମିତି ସଭ୍ୟା ବବିତା ବେହେରା, ପୂର୍ବତନ ସରପଞ୍ଚ ଅକ୍ଷୟ ପରିଡ଼ା ଯୋଗଦେଇ ରନର ଅପ୍ ଟିମ୍ ଓ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀରାମଲୀଳା ଆରମ୍ଭ

ଆଠଗଡ, ୬।୪(ସତ୍ୟପ୍ରସାଦ ରଥ)

ଶ୍ରୀରାମ ନବମୀରେ ଆଠଗଡ ସହରସ୍ଥିତ ଗଡ଼ଜାତର ଠାକୁର ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ସୁଶାନ୍ତ କୁମାର ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ସକାଳୁ ଦ୍ୱାର ଫିଠାପରେ ଶ୍ରୀଜୀଉଙ୍କ ନୀତିକାନ୍ତି ସମାପନ ହୋଇଥିଲା। ପରେ ଶ୍ରୀ ରଘୁନାଥଜୀଉ ରାମଲୀଳା ସଂଘ ଆନୁକୂଲ୍ୟରେ ମନ୍ଦିର ଆଲୋକୀକରଣ, ଭକ୍ତମାନଙ୍କୁ ପଣା ବଣ୍ଟନ ଓ ମଧ୍ୟାହ୍ନରେ ମିଷ୍ଟାନ୍ନ ଭୋଗ ଲାଗି କରାଯାଇଥିଲା। ରାତିରୁ ଶ୍ରୀରାମଲୀଳା ଆରମ୍ଭ ହେବ। ସେହିପରି ଆଠଗଡ ସହରର ଅଟ୍ଟାଳିଜଗନ୍ନାଥ ମନ୍ଦିର, କନ୍ଦୋଲସ୍ଥିତ କୁମ୍ଭାର ସାହି, ଗୋପାଳ ସାହି, ବୀରକିଶୋରପୁର ଓ କଙ୍ଗଡା ସାହି ସମେତ ବିଭିନ୍ନ ଗ୍ରାମ ଯଥା ରାଧାଗୋବିନ୍ଦପୁର, ରାଧାପତିପୁର, ସମସରପୁର, ବାସୁଦେବପୁର, ଷୋଳଘରିଆ, ଲକ୍ଷ୍ମୀନାରାୟଣପୁର ଆଦି ସ୍ଥାନରେ ୯ ଦିନ ବ୍ୟାପୀ ରାମଲୀଳା ଅନୁଷ୍ଠିତ ହେବ। ଏ ଅବସରରେ ବ୍ରତଧାରୀମାନେ ଗୃହରୁ ବାହାରୀ ଆସି ବ୍ରତଧାରଣ କରିବା ସହ ହବିଷାନ୍ନ ଖାଇ ରାମଲୀଳାରେ ଆଂଶ ଗ୍ରହଣ କରିଥାନ୍ତି। ଏହି ସମୟରେ ଗ୍ରାମଗୁଡ଼ିକରେ ଆମିଷ ବନ୍ଦ ହୋଇଯାଏ।

# ବୃଦ୍ଧାଙ୍କ ବେକରୁ କଢ଼ାଗଲା ଟ୍ୟୁମର

କଟକ,୬।୪(ଶିଳ୍ପା ପ୍ରିୟଦର୍ଶିନୀ)

### ନର୍ସିଂହୋମ୍‌ରେ ବିରଳ ଅସ୍ତ୍ରୋପଚାର ସଫଳ

କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଗତ ବୁଧବାର ବିରଳ ଅସ୍ତ୍ରୋପଚାର ମାଧ୍ୟମରେ ଜଣେ ରୋଗୀଙ୍କ ବେକରୁ ୩ କେଜି ଓଜନର ଟ୍ୟୁମ୍‌ର କଢ଼ାଯାଇଛି। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବାରୁ ତାଙ୍କୁ ସୋମବାର ଡିସ୍‌ଚାର୍ଜ କରାଯିବ ବୋଲି ଜଣାପଡିଛି। ସୂଚନା ମୁତାବକ, ପଶ୍ଚିମ ମେଦିନୀପୁର ଅନ୍ତର୍ଗତ ଡେବରା ଗ୍ରାମର କମଳା ମାଝୀ(୬୫) ଥାଇରଏଡ୍ ରୋଗରେ ୪ବର୍ଷ ହେବ ପୀଡ଼ିତ ଥିଲେ। ଏଥିଯୋଗୁ ତାଙ୍କ ବେକ ଫୁଲିବା ସହ ଟ୍ୟୁମର ହୋଇଥିଲା। ପରେ ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେ ପ୍ରଥମେ ନିଜ ଅଞ୍ଚଳରେ ଡାକ୍ତର ଦେଖାଇ ଔଷଧ ଖାଇଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ନ ଥିଲା। ପରେ ସେ କଟକ ବକ୍ସିବଜାରଠାରେ ଥିବା ଉକ୍ତ ନର୍ସିଂହୋମ୍‌ରେ ଡାକ୍ତର ଦେଖାଇଥିଲେ। ସେଠାରେ ପରୀକ୍ଷା ନିରୀକ୍ଷା ପରେ ବୁଧବାର କମଳାଙ୍କ ବେକରେ ଅସ୍ତ୍ରୋପଚାର କରାଯାଇ ପ୍ରାୟ ୩ କିଲୋ ଓଜନର ଟ୍ୟୁମର କଢ଼ାଯାଇଥିଲା। ଡା. ଶୁକମଲ ଦାସଙ୍କ ନେତୃତ୍ୱରେ ଡା. ସମୀର ପଟ୍ଟନାୟକ ଓ ଡା. ଅରୁନିମା ପଟ୍ଟନାୟକଙ୍କୁ



ନେଇ ୨ଜଣିଆ ଡାକ୍ତରୀ ଟିମ୍ ୬ ଘଣ୍ଟା କାଳ କମଳାଙ୍କ ଅସ୍ତ୍ରୋପଚାର କରିଥିଲେ। ଏସମ୍ପର୍କରେ ଡା. ଶୁକମଲ ଦାସ କହିଛନ୍ତି, ଅସ୍ତ୍ରୋପଚାର ପରେ ଏବେ ରୋଗୀ ୯୦ ପ୍ରତିଶତ ସୁସ୍ଥ ଥିବାବେଳେ ତିନି ସପ୍ତାହ ପରେ ସ୍କାନିଂ କରାଯାଇ ତାଙ୍କୁ ରେଡ଼ିଓ ଆୟୋଡିନ୍ ଥେରାପି ଦିଆଯିବ। ଫଳରେ ସେ ଏହି ରୋଗରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇପାରିବେ।

# ମାତାପିତାଙ୍କ ଆଶୀର୍ବାଦ ଜୀବନକୁ ସାର୍ଥକ କରିଥାଏ


ଇଚ୍ଛାବତୀ ରଥଙ୍କ ଜନ୍ମ ଉତ୍ସବ ପାଳନ ଅବସରରେ ଫଟୋଚିତ୍ର ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

କଟକ,୬।୪(କାର୍ତ୍ତିକ ସାହୁ)

### ଇଚ୍ଛାବତୀ ରଥଙ୍କ ଜନ୍ମ ଉତ୍ସବ

ଅଶୋକାଷ୍ଟମୀ ସନ୍ଧ୍ୟାରେ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୯୬ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଡ୍ରିମ୍‌ସ ପରିବାର ପକ୍ଷରୁ ଇଚ୍ଛାବତୀ ଛାତ୍ରୀ ନିବାସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଡ୍ରିମ୍‌ସ ଓ ରଥ ପରିବାରର ସଦସ୍ୟ, ବିଶ୍ୱବିଦ୍ୟାଳୟର ପଦାଧିକାରୀ, ଅଧ୍ୟାପିକା, ଅଧ୍ୟାପକ, ଅନ୍ତେବାସୀ ଛାତ୍ରୀ ଓ କର୍ମଚାରୀ ଇଚ୍ଛାବତୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ ଯୋଗଦେଇ ଇଚ୍ଛାବତୀଙ୍କ ସ୍ମୃତିଚାରଣ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ନାତି ସୁଧାଂଶୁ ଭୂଷଣ କର ଓ ଶିବ ପ୍ରସାଦ ରଥ ପ୍ରମୁଖ ଇଚ୍ଛାବତୀଙ୍କୁ ଜଣେ ଆଦର୍ଶ ଗୃହିଣୀ, ଧର୍ମପରାୟଣା, ଦୟାବତୀ ଓ ସ୍ନେହୀ ମଣିଷ ଭାବରେ ବର୍ଣ୍ଣନା କରିଥିଲେ। ମାତାପିତାଙ୍କ ଆଶୀର୍ବାଦ ଜୀବନକୁ ସାର୍ଥକ କରିଥାଏ ବୋଲି ସେମାନେ କହିଥିଲେ। ଅଧ୍ୟାପିକା ସାଗରିକା ନାୟକ, ରାଜଲକ୍ଷ୍ମୀ ମିଶ୍ର, ପ୍ରଦୀପ୍ତ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ସଂଯୋଜନା କରିଥିଲେ।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ଚିରସ୍ମରଣୀୟ

ସାଲେପୁର,୬।୪(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ହରିଚନ୍ଦନ ବ୍ୟାରେଜ ପଡିଆରେ ୫ ଦିନ ବ୍ୟାପି ଚାଲିଥିବା ସାଲେପୁର ମହୋତ୍ସବ ଓ ଉତ୍କଳ ଦିବସ ସମାରୋହ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସାଲେପୁର ମଧୁସ୍ମୃତି ପରିଷଦ ସଭାପତି ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ କହିଛନ୍ତି, ମଧୁବାବୁ ହେଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ହୋଇରହିବ। ଏବେ ସାଲେପୁର ମହୋତ୍ସବ ମିନି ବାଲିଯାତ୍ରାରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ଏଥିରେ ମୁଖ୍ୟବକ୍ତା ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଗୋଲଖ


ସାଲେପୁର ମହୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ସରିଲା ସାଲେପୁର ମହୋତ୍ସବ, ଉତ୍କଳ ଦିବସ ସମାରୋହ

ପରିଡ଼ା, ମଧୁସ୍ମୃତି ପରିଷଦ ସମ୍ପାଦକ ତଥା ଆମ୍ରା ସଭାପତି ଦିଲ୍ଲୀପ ଦାଶ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସହ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନାଚ ଓ ଗୀତ ପରିବେଷଣ କରାଯାଇଥିଲା। ବିଶେଷକରି କୋଲକାତା ଡ୍ୟାନ୍ସ ଗ୍ରୁପ, ସାଲେପୁରସ୍ଥିତ କଳାରୁଦ୍ର ଏକାଡେମୀ କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରିଥିଲା। କଳାକାରମାନେ ରାମ, ଲକ୍ଷଣ, ହନୁମାନ ଓ ରାବଣ ଆଦି ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହା ଦେଖିବାକୁ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କ ଭିଡ ଜମିଥିଲା। କାର୍ଯ୍ୟକ୍ରମରେ ମଧୁସ୍ମୃତି ପରିଷଦର ସଦସ୍ୟ ତଥା ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ଅନନ୍ତ ପ୍ରଧାନ, ତୃପ୍ତିରେଖା ପରିଡା, ରାଜଶ୍ରୀ ଜେନା, ଜ୍ୟୋତିରେଖା ନାୟକ, ରାକେଶ ପଣ୍ଡା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ସମିତି ସଭ୍ୟା ଗୌତମୀ ମଲ୍ଲିକ, ସରପଞ୍ଚ ଜ୍ଞାନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ସୂର୍ଯ୍ୟାସ୍ତ ପରେ ବି ଟଣାହେଲା ରଥ
# ରାମେଶ୍ୱର ମନ୍ଦିରରେ ଶ୍ରୀଲିଙ୍ଗରାଜ



ପୁରୁଣା ଭୁବନେଶ୍ୱର,୬।୪(ସୁବାସ ଚନ୍ଦ୍ର ପ୍ରଧାନ)

ବଡ଼େଇବାଙ୍କ ଛକ ପୂର୍ବରୁ ଶନିବାର ଅଟକି ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ରବିବାର ଅପରାହ୍ନରେ ଟଣାଯାଇଥିଲା। ଖରା ଓ ଗୁଳୁଗୁଳିରେ ପୋଲିସ କର୍ମଚାରୀଙ୍କ ସହ ଭକ୍ତମାନେ ରଥକୁ ଟାଣି ଟାଣି ନେଇଥିଲେ। ତେବେ ଅସୁର କିଆରି ନିକଟରେ ସୂର୍ଯ୍ୟାସ୍ତ ହୋଇଯାଇଥିଲା। ଫଳରେ କାଳିଶି ତଥା ରଥର ଡାହୁକ ରଥ ଟାଣିବାକୁ ଆଉ ନିର୍ଦ୍ଦେଶ ଦେଇ ନ ଥିଲେ। ତେବେ ରୁକୁଣା ରଥଯାତ୍ରାରେ ୫ଦିନରେ ବାହୁଡ଼ା ପଡୁଥିବାରୁ ମନ୍ଦିର ପ୍ରଶାସନ ରଥକୁ ରାମେଶ୍ୱର ମନ୍ଦିରରେ ଆଜି ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଫଳରେ ଲାଇଟ୍ ଲଗାଯାଇ ରଥ ଟଣାହେବା ସହ ରାମେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ଅନ୍ୟପଟେ ସୂର୍ଯ୍ୟାସ୍ତ ପରେ ରଥ ଟଣାଯିବାରୁ କେତେଜଣ ପରମ୍ପରାରେ ବ୍ୟତିକ୍ରମ ହୋଇଛି ବୋଲି କହିବା ସହ ମନ୍ଦିର ପ୍ରଶାସନକୁ ଏଥିପାଇଁ ଦାୟୀ କରିଛନ୍ତି।

ଭୋଗମଣ୍ଡପ ସରିବା ପରେ ରଥ ଉପରେ ସକାଳ ଧୂପ କରାଯାଇଥିଲା। ସକାଳ ଧୂପରେ ଯେଉଁ ମୁଆଁ ଭୋଗ ହୋଇଥିଲା, ସେହି ମୁଆଁକୁ ରଥ ଚକତଳେ ଦିଆ ସରିବା ପରେ ରଥଟଣା ଆରମ୍ଭ କରାଯାଇଥିଲା। ରଥ ଅସୁର କିଆରିରେ ପହଞ୍ଚିବା ପରେ ସେଠାରେ ରଥ ଉପରେ ଦ୍ୱିପ୍ରହର ଧୂପ କରାଯାଇଥିଲା। ଦ୍ୱିପ୍ରହର ଧୂପ ପରେ ପୁଣି ରଥଟଣା ଆରମ୍ଭ ହୋଇଥିଲା। ଅସୁର କିଆରିଠାରେ ରାତି ହୋଇଯାଇଥିବା ବେଳେ ଲାଇଟ୍ ଲଗାଯାଇ ରଥଟଣା ହୋଇଥିଲା। ରାତି ୭ଟା ୨୫ରେ ରଥ ରାମେଶ୍ୱର ମନ୍ଦିର ଆଗରେ ପହଞ୍ଚିଥିଲା। ପରେ ପହଣ୍ଡି ବିଜେ ହୋଇଥିଲା। ରାମେଶ୍ୱରଙ୍କ ନିକଟରେ ଭେଟ ଆଳତି କରାଯାଇଥିଲା। ଭେଟ ଆଳତି ସରିବା ପରେ ଠାକୁରମାନେ ସିଂହାସନରେ ଆସୀନ ହୋଇଥିଲେ। ଏହା ପରେ ଅନ୍ୟାନ୍ୟ ନୀତି କରାଯାଇଥିଲା।

# ୫ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)

ପାଠକ, ଲେଖକ ଓ ପ୍ରକାଶକଙ୍କ ମଧ୍ୟରେ ତ୍ରିକୋଣୀୟ ସମ୍ପର୍କ ଥାଏ। ସେହି ଦୃଷ୍ଟିରୁ ପୁସ୍ତକ ପ୍ରସାର ଓ ପାଠକ ବୃଦ୍ଧିରେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ରବିବାର ବୁଦ୍ଧ ମନ୍ଦିରରେ ଶାନ୍ତିସେନା ପ୍ରକାଶନୀ ପକ୍ଷରୁ ଆୟୋଜିତ 'ପୁସ୍ତକ ପର୍ବ'ରେ ଅତିଥିମାନେ ଏହା କହିବା ସହ ୫ଟି ପୁସ୍ତକର ଲୋକାର୍ପଣ କରିଥିଲେ। ଏହି ପୁସ୍ତକଗୁଡ଼ିକ ହେଲା ବିଶ୍ୱନାଥ ନାୟକଙ୍କ କବିତା ବହି 'ଅଳପ ଆଳାପ', ଅପରାଜିତା ପ୍ରିୟଦର୍ଶିନୀ ମହାନ୍ତିଙ୍କ ଗଳ୍ପ ବହି 'ଶୂନ୍ୟଗର୍ଭା', କିଶୋର ମହାନ୍ତିଙ୍କ ପ୍ରବନ୍ଧ ଫିଚର ବହି 'କଥା ବିବିଧ' ବାସନ୍ତୀ ମହାନ୍ତିଙ୍କ ଉପନ୍ୟାସ 'ରାଜଜେମା' ଓ ମଧୁସ୍ମିତା ରଥଙ୍କ ଶିଶୁ ସାହିତ୍ୟ ପୁସ୍ତକ 'ଆସ ଗଣିତ ପାଠ ପଢିବା'। କବି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଦାଶ ବେନହୁର, କଥାକାର ସଦାନନ୍ଦ ତ୍ରିପାଠୀ, କବି ରକ୍ଷକ ନାୟକ, ପ୍ରଫେସର ସୁବାସ ଚନ୍ଦ୍ର ଦାଶ ଓ ପ୍ରଫେସର ଅନନ୍ତ କିଶୋର ଜେନା ବକ୍ତବ୍ୟ ରଖି ପୁସ୍ତକଗୁଡ଼ିକର ଆଦୃତି କାମନା କରିଥିଲେ। ଶାନ୍ତିସେନା ପବ୍ଲିକେସନର ନିର୍ଦ୍ଦେଶକ ରଜତ ରଶ୍ମି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ କବି କ୍ଷଣପ୍ରଭା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଯୋଗଗୁରୁ ରାମଦେବଙ୍କ ୩୧ତମ ସନ୍ନ୍ୟାସ ଦିବସ



ହରିଦ୍ୱାରରେ ଆୟୋଜିତ ଶୋଭାଯାତ୍ରାରେ ଯୋଗଗୁରୁ ରାମଦେବଙ୍କ ସହ ସାଧୁସନ୍ଥମାନେ।

ଭୁବନେଶ୍ୱର,୬।୪ (ଅନୁରାଧା ମହାରଣା)

ହରିଦ୍ୱାର ପତଞ୍ଜଳି ୱେଲ୍‌ନେଶ୍ ଫେଜ୍-୨ସ୍ଥିତ ଯୋଗଭବନ ସଭାକକ୍ଷରେ ଯୋଗଗୁରୁ ରାମଦେବଙ୍କ ୩୧ତମ ସନ୍ନ୍ୟାସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୈଦିକ କାର୍ଯ୍ୟକ୍ରମ, ନବରାତ୍ରି ଯଜ୍ଞ ଓ କନ୍ୟା ପୂଜନ ଆଦି ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଆଚାର୍ଯ୍ୟ ବାଲକୃଷ୍ଣ ଯୋଗଗୁରୁ ରାମଦେବଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାବା ରାମଦେବ କହିଲେ, ମୁଁ ୩୦ ବର୍ଷର ସନ୍ନ୍ୟାସୀ ଜୀବନ ଯାପନ କରିସାରିଥିବାବେଳେ ୩୧ତମ ବର୍ଷରେ ପାଦଦେଇ ଖୁସି ଅଛି। ସନ୍ନ୍ୟାସୀଙ୍କ ଗୋଟିଏ ଧର୍ମ ରହିଛି। ଯୋଗଧର୍ମ, ରାଷ୍ଟ୍ରଧର୍ମ, ସେବାଧର୍ମ ଏବଂ ଯୁଗଧର୍ମ ନିର୍ବାହ କରି ରାଷ୍ଟ୍ରକୁ ସ୍ୱାସ୍ଥ୍ୟ ସହ ସମୃଦ୍ଧି ଓ ସଂସ୍କାର ଦେବା। ଏହି ଅବସରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ବହୁ ସାଧୁସନ୍ଥଙ୍କ ସମେତ ଯୋଗ ମନ୍ଦିର ରାମମୂଳକ ଦରବାରର ଯୋଗ ଆଚାର୍ଯ୍ୟ ସ୍ୱାମୀ ଲାଲ ଜୀ ମଧ୍ୟ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ପବିତ୍ର ଗଙ୍ଗାତଟରେ ପହଞ୍ଚିବା ପରେ ୬ଜଣ ବିଦ୍ୱାନ ଏବଂ ଜଣେ ବିଦୂଷୀ ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ଦୀକ୍ଷା ଗ୍ରହଣ କରିଥିଲେ। ଶନିବାର ରାତିରେ ଆୟୋଜିତ କନ୍ୟାପୂଜନ କାର୍ଯ୍ୟକ୍ରମରେ କନ୍ୟାମାନଙ୍କର ପାଦଧୋଇ ଭୋଜନ କରାଇଥିଲେ।

# ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଦାବି

ଭୁବନେଶ୍ୱର,୬।୪(ବନ୍ଦନା ସେଠୀ)

## ୧୧ରେ ଛେନାପୋଡ଼ ଦିବସ

ଆସନ୍ତା ୧୧ ତାରିଖରେ ଚତୁର୍ଥ ଛେନାପୋଡ଼ ଦିବସ ପାଳିତ ହେବ। ଏହି ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି ରବିବାର ସୂଚନା ଭବନ ନିକଟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଛେନାପୋଡ଼କୁ ଜିଆଇ ମାନ୍ୟତା, ଛେନାପୋଡ଼ କାରିଗରଙ୍କ ଲାଗି ସ୍ୱତନ୍ତ୍ର କ୍ଲଷ୍ଟର ନିର୍ମାଣ ସହ ଏହାର ପ୍ରସ୍ତୁତି ଓ ସଂରକ୍ଷଣ ଲାଗି ଅଧିକ ଗବେଷଣା ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷରେ ସୂଚନା ଭବନ ପରିସରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଚଢ଼େୟା ନାଚ, ଘୁଡୁକି ଓ ସଂକୀର୍ତ୍ତନ ଭଳି ନୟାଗଡ଼ ଜିଲାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିସହ ଜଣେ ଛେନାପୋଡ଼ କାରିଗରଙ୍କୁ ସମ୍ମାନିତ କରାଯିବ ବୋଲି ମଞ୍ଚ ଆବାହକ ତଥା ଲେଖକ ଶୁଭ୍ରାଂଶୁ ପଣ୍ଡା ଓ ସହଆବାହକ ସୁବ୍ରତ କୁମାର ନାୟକ କହିଛନ୍ତି।

୨୦୨୨ରୁ ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ୍ ଓ ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଛେନାପୋଡ଼ ଦିବସ ପାଳିତ ହୋଇଆସୁଛି। ଛେନାପୋଡ଼ର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ସ୍ମୃତି ରକ୍ଷା, ଦଶପଲ୍ଲା ଓ ନୟାଗଡ଼ରେ ଛେନାପୋଡ଼ କ୍ଲଷ୍ଟର ନିର୍ମାଣକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଦାବି କରାଯାଇ ଆସୁଛି। ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଆବେଦନ କରାଯାଇଥିବାବେଳେ ଏହାକୁ ତ୍ୱରାନ୍ୱିତ କରାଇବାକୁ ମଞ୍ଚ ସଦସ୍ୟ ସତ୍ୟେନ୍ଦୁ ଶେଖର ମିଶ୍ର, ଉମାକାନ୍ତ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଡିଭାଇଡର ଡେଇଁ ଯୁବକଙ୍କ ଉପରେ ମାଡ଼ିଗଲା କାର୍

ତ୍ରିଶୂଳିଆ,୬।୪(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ଫୁଲପୋଖରୀ ଛକରେ ଏକ କାର୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ କୁସିନ୍ଦା ଗ୍ରାମର କବି ବେହେରା(୫୫)। ବାରଙ୍ଗ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଗାଡ଼ିକୁ ଜବତ କରିଛି। କବି ରବିବାର ରାତି ୮ଟା ସମୟରେ କାର୍ଯ୍ୟ ସାରି ଫୁଲପୋଖରୀ ଛକରେ ଲୁନା ଧରି ଠିଆ ହୋଇଥିଲେ। ସେହି ସମୟରେ ଏକ କାର୍ (ଓଡି ୦୨ ବିଏମ୍ ୪୩୭୯) କଟକ ଦୋଳମୁଣ୍ଡାଇରୁ ପଟିଆ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ରାସ୍ତାର ବିପରୀତ ଦିଗରେ ଥିବା କବିଙ୍କୁ ଧକ୍କା ଦେଇଥିଲା। ଫଳରେ କବି ଆହତ ଥିବାବେଳେ ତାଙ୍କୁ ଲୋକେ ଡାକ୍ତରଖାନା ପଠାଇଥିଲେ। ଏଥିସହ କାର୍ ଚାଳକଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ।

# ଶ୍ରୀମନ୍ଦିର ସମ୍ମୁଖରେ ଖବରଦାତାଙ୍କୁ ସେବାୟତଙ୍କ ଆକ୍ରମଣ

- ମାଡ଼ ମାରି ଫୋନ, କ୍ୟାମେରା ଛଡ଼ାଇନେଲେ
- କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଧାରଣା

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)



ରାମନବମୀ ଅବସରରେ ରବିବାର ଶ୍ରୀମନ୍ଦିର ସମ୍ମୁଖରେ ଜଣେ କର୍ତ୍ତବ୍ୟରତ ମହିଳା ଖବରଦାତା ଲିନୁ ପଟ୍ଟନାୟକ ଓ କ୍ୟାମେରା ମ୍ୟାନ୍ ଶିବ କିଶୋର ପଲେଇଙ୍କ ସମେତ ଅନ୍ୟ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ହୋଇଛି। ପ୍ରାୟ ୨୦ଜଣ ସେବାୟତ ଓ ଧୂଳିଆ ସେମାନଙ୍କଠାରୁ କ୍ୟାମେରା, ମୋବାଇଲ୍ ଫୋନ୍ ଛଡାଇ ନେବା ସହ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣ ଘଟଣାକୁ ପୁରୀ ସାମ୍ବାଦିକ ସଂଘ ସମେତ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗଣମାଧ୍ୟମ ପ୍ରତିନିଧିମାନେ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ। ଅପରପକ୍ଷରେ ସେବାୟତ ଓ ଧୂଳିଆଙ୍କ ପକ୍ଷରୁ ମଧ୍ୟ ଏକ ପାଲଟା ଏତଲା ଦିଆଯାଇଛି। ଏନେଇ ଏସ୍‌ପି ବିନିତ ଅଗ୍ରୱାଲ କହିଛନ୍ତି, ଏହା ଏକ ଦୁଃଖଦ ଘଟଣା। ଅଭିଯୋଗ ଆଧାରରେ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀ, ନିୟୋଜିତ ଥିବା ପୋଲିସ, ଜେଟିପି, ଆକ୍ରମଣର ଶିକାର ହୋଇଥିବା ଖବରଦାତା, ସମ୍ପୃକ୍ତ ସେବାୟତଙ୍କ ବୟାନ ରେକର୍ଡ କରାଯିବା ସହ ସିସିଟିଭି ଯାଞ୍ଚ ହେବ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନା ଅନୁଯାୟୀ, ସିଂହଦ୍ୱାରଠାରେ ଟଙ୍କା ନେଇ ଭକ୍ତଙ୍କୁ ଶ୍ରୀମନ୍ଦିରକୁ ଛଡ଼ାଯାଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପ୍ରଶାସନ ପକ୍ଷରୁ ସେଠାରେ ସିସିଟିଭି ଲଗାଯାଇଛି। ଏ ନେଇ ସେବାୟତ ଓ ଧୂଳିଆଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ରାମ ନବମୀ ପାଳନ ସଂକ୍ରାନ୍ତ ଖବର ସଂଗ୍ରହ କରିବାକୁ ଲିନୁ ଓ ଶିବ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଯାଇଥିଲେ। ଏହି ସମୟରେ କେତେଜଣ ସେବାୟତ ଓ ଧୂଳିଆ ଉଭୟଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାକୁ ଅନ୍ୟ ଖବରଦାତା ବିରୋଧ କରିବାରୁ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ।

# ସେଲ୍‌ଫି କର୍ଣ୍ଣର ଧରିତ୍ରୀ

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଭାଶ



@ ଶେଖରଚନ୍ଦ୍ର



@ ଅଶୋକ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଦେବାଳୟ, ଐତିହ୍ୟ ସ୍ଥଳୀ ସ୍ୱଚ୍ଛ ରଖିବାକୁ ଆହ୍ୱାନ

ଭୁବନେଶ୍ୱର,୬।୪(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାରେ ପ୍ରଥମଥର ପାଇଁ ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳିତ ହେଉଛି। ରବିବାର ଷଷ୍ଠ ଦିବସରେ ରାଜ୍ୟର ବିଭିନ୍ନ ଦେବାଳୟ, ଐତିହ୍ୟ ସ୍ଥଳୀ ଏବଂ ପର୍ଯ୍ୟଟନ କ୍ଷେତ୍ର ଆଦିକୁ ସ୍ୱଚ୍ଛ ରଖିବା ସହ ସ୍ୱଚ୍ଛ-ସୁନ୍ଦର ବାତାବରଣ ପାଇଁ ପ୍ରୋତ୍ସାହିତ କରିବାକୁ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ବ୍ଲକରେ ରହିଥିବା ପର୍ଯ୍ୟଟନ ସ୍ଥଳୀ, ଦେବାଳୟ, ଗ୍ରାମ ଦେବଦେବୀଙ୍କ ମନ୍ଦିର ପରିସର ଓ ସଂଲଗ୍ନ ପୁଷ୍କରିଣୀ ଏବଂ ଐତିହ୍ୟ ସ୍ଥଳୀଗୁଡ଼ିକୁ ସାମିଲ କରାଯାଇଛି। ଏଥିରେ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ, ପୌରପାଳିକା, ପୌରପରିଷଦର ସଦସ୍ୟ, ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନ, ଯୁବଗୋଷ୍ଠୀ, ସ୍ଥାନୀୟ ଜନସାଧାରଣ ଏବଂ ଜନ ପ୍ରତିନିଧିମାନେ ସାମିଲ ହୋଇ ଦେବାଳୟ ପରିସର, ଐତିହ୍ୟସ୍ଥଳୀ ଓ ଏହାର ଆଖପାଖ ଅଞ୍ଚଳ ଏବଂ ସଂଲଗ୍ନ ଜଳାଶୟଗୁଡ଼ିକର ସଫେଇ କାର୍ଯ୍ୟ କରିବା ସହିତ ସମସ୍ତଙ୍କ ମଧ୍ୟରେ ସ୍ୱଚ୍ଛତା ଅଭିଯାନର ଏକ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏଥିସହିତ ଓଡ଼ିଆ ପକ୍ଷ ପାଳନର ଏହି ପର୍ବ 'ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହୋଇ ସମସ୍ତେ ନିଜର ଖୁସି ବ୍ୟକ୍ତ କରିବା ସହିତ ଏହାର ଫୋଟୋଗୁଡ଼ିକୁ ଓଡ଼ିଆ ପକ୍ଷ ୱେବ୍‌ସାଇଟ୍ www.odiapakhya.comରେ ଅପଲୋଡ୍ କରିଥିଲେ।

# କ୍ୟାପିଟାଲ ହସ୍ପିଟାଲର ସଫଳତା
# ପାନ୍‌କ୍ରିୟାସ କ୍ୟାନ୍‌ସରର ବିରଳ ଲାପ୍ରୋସ୍କୋପି ଅସ୍ତ୍ରୋପଚାର

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)



ଅସ୍ତ୍ରୋପଚାର ପରେ ରୋଗୀଙ୍କ ସହ ଡା. ଶ୍ରୀକାନ୍ତ ପାତ୍ର (ବାମ) ଓ ଡା. ପ୍ରିୟମ୍ବଦ ସାହୁ।

ଗ୍ୟାଷ୍ଟ୍ରୋ ସର୍ଜରି ଏବଂ କ୍ୟାନ୍‌ସର ସର୍ଜରି କ୍ଷେତ୍ରରେ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍ ଓ କ୍ୟାପିଟାଲ ହସ୍ପିଟାଲ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ପେଟ ଭିତରର ସବୁଠାରୁ ଜଟିଳତମ ଅସ୍ତ୍ରୋପଚାର ଭାବେ ବିବେଚନା କରାଯାଉଥିବା ପାନ୍‌କ୍ରିୟାସ (ଅଗ୍ନାଶୟ) କ୍ୟାନସର ସର୍ଜରିକୁ ଲାପ୍ରୋସ୍କୋପି ମାଧ୍ୟମରେ କ୍ୟାପିଟାଲ ହସ୍ପିଟାଲ୍‌ର ଆସୋସିଏଟ୍ ପ୍ରଫେସର ଡା. ଶ୍ରୀକାନ୍ତ ପାତ୍ର ଏବଂ ତାଙ୍କ ଟିମ୍ ସଫଳତାର ସହ ସମ୍ପନ୍ନ କରିଛନ୍ତି। ଗତ ୨୯ ତାରିଖ ଦୀର୍ଘ ୧୦ଘଣ୍ଟା ଧରି ଏହି ଅପରେଶନ ହୋଇଥିଲା। ସମ୍ପୃକ୍ତ ରୋଗୀ ଏବେ ସୁସ୍ଥ ଥିବାବେଳେ ଖାଦ୍ୟ ଗ୍ରହଣ କରୁଛନ୍ତି। ଖୁବ୍‌ଶୀଘ୍ର ସେ ଡିସ୍‌ଚାର୍ଜ ହେବେ ବୋଲି ଡା.ପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ ଓଡ଼ିଶାର କୌଣସି ସରକାରୀ କିମ୍ବା ବେସରକାରୀ ମେଡିକାଲ କଲେଜରେ ଏହି ଲାପ୍ରୋସ୍କୋପି ଅପରେଶନ୍ ହୋଇ ନ ଥିଲା। ପ୍ରଥମ କରି ଏହା କ୍ୟାପିଟାଲରେ ହୋଇଥିବା ଡା. ପାତ୍ର କହିଛନ୍ତି।

ଜଗତ୍‌ସିଂହପୁର ନାଉଗାଁର ୫୦ବର୍ଷୀୟ ବ୍ୟକ୍ତିଜଣକ କ୍ରୋନିକ୍ ପାନ୍‌କ୍ରିୟାଟାଇଟିସ୍ ରୋଗ ଯୋଗୁ ଦୀର୍ଘଦିନ ଧରି ଉପର ପେଟରେ ଯନ୍ତ୍ରଣା ଭୋଗିଆସୁଥିଲେ। ଏହାପରେ ସେ ପାନ୍‌କ୍ରିୟାସ କ୍ୟାନ୍‌ସରରେ ପୀଡ଼ିତ ହୋଇଥିଲେ। ସେ କ୍ୟାପିଟାଲ ହସ୍ପିଟାଲର ସର୍ଜରି ବିଭାଗ ଓପିଡିରେ ଡା. ପାତ୍ରଙ୍କୁ ସାକ୍ଷାତ୍ କରିବା ପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ସାଧାରଣତଃ ଓପନ୍ ସର୍ଜରି ମାଧ୍ୟମରେ ପାନ୍‌କ୍ରିୟାସ କ୍ୟାନସରର ଚିକିତ୍ସା କରାଗଲେ ପେଟରେ ପ୍ରାୟ ୨୫ରୁ ୩୦ ସେ.ମି. ପର୍ଯ୍ୟନ୍ତ କାଟିବାକୁ ପଡ଼ିଥାଏ ଏବଂ ସୁସ୍ଥ ହେବାକୁ ରୋଗୀକୁ ୨୦ରୁ ୨୫ଦିନ ଲାଗେ। ମାତ୍ର ୪/୫ ହୋଲ୍ ଦ୍ୱାରା ଲାପ୍ରୋସ୍କୋପି ମାଧ୍ୟମରେ ସର୍ଜରି ହୋଇଥିବାରୁ ରୋଗୀ ମାତ୍ର ୫ଦିନ ମଧ୍ୟରେ ସୁସ୍ଥ ହୋଇଥିବା ଡା. ପାତ୍ର ସୂଚନା ଦେଇଛନ୍ତି। ଅପରେଶନ୍‌ରେ ଡା. ପାତ୍ରଙ୍କ ସହିତ ତାଙ୍କ ଟିମ୍ ଆସିଷ୍ଟାଣ୍ଟ ପ୍ରଫେସର ଡା. ପ୍ରିୟମ୍ବଦ ସାହୁ, ନିଶ୍ଚେତକ ଡା. ଶ୍ରୀରାମ ଦାସ, ଡା. ଡିଭି ରବି କୁମାର ଏବଂ ଓଟି ଟିମ୍‌ଙ୍କ ସହଯୋଗ ଫଳରେ ଏହି ସଫଳତା ମିଳିପାରିଛି। ଏଥିରେ ଶଲ୍ୟ ବିଭାଗ ମୁଖ୍ୟ ଡା. ସୁଶୀଲ ପଟ୍ଟନାୟକ, ନିଶ୍ଚେତକ ବିଭାଗ ମୁଖ୍ୟ ଡା. ନୀହାର ସେନାପତି, ଡା. ନିବେଦିତା ପାଣି ପ୍ରମୁଖ ବୈଷୟିକ ସହାୟତା ଯୋଗାଇଥିଲେ। ପୂର୍ବରୁ ଏଭଳି ଅସ୍ତ୍ରୋପଚାର ଲାପ୍ରୋସ୍କୋପି ମାଧ୍ୟମରେ କରାଇବା ପାଇଁ ରୋଗୀମାନଙ୍କୁ ପ୍ରାୟ ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ଏବେ ସରକାରଙ୍କ ଯୋଗୁ ଏବଂ ଡା. ପାତ୍ରଙ୍କ ଭଳି ଡାକ୍ତରଙ୍କ ପ୍ରଚେଷ୍ଟାରେ ମାଗଣାରେ ସମ୍ପାଦନ ହୋଇପାରିଛି। ଡା. ପାତ୍ର କହିଛନ୍ତି ଯେ, ଆଗକୁ ଯଦି ସରକାର ରୋବୋଟିକ୍ ସର୍ଜରି ଫାସିଲିଟି ଯୋଗାଇ ଦିଅନ୍ତି, ତେବେ ଏହି ସବୁ ଅପରେଶନ ଆହୁରି ସୁଚାରୁ ରୂପେ ଏବଂ କମ୍ କଷ୍ଟରେ ସଫଳତାର ସହ ହୋଇପାରିବ।

ଫର୍ମ ନଂ. ୧୩
ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ଓ.ଏ ନଂ. ୬୪୯/୨୦୨୪

ଇଣ୍ଡିଆନ୍ ବ୍ୟାଙ୍କ, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଶାଖା, ମଧୁପାଟଣା, କଟକ ...ଆବେଦନକାରୀ

ବନାମ

ମେସର୍ସ ଶକ୍ତି ପ୍ଲସ୍ ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟଜଣେ ......ପ୍ରତିବାଦୀମାନେ

ପ୍ରାପ୍ତେଷୁ,

୧) ମେସର୍ସ ଶକ୍ତି ପ୍ଲସ୍ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ସୌମ୍ୟ ରଞ୍ଜନ ମହାନ୍ତି, ପିତା: ସରୋଜ ମହାନ୍ତି, ସା: ଦରଘାପାଟଣା, ପୋ ଏବଂ ଥାନା: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦

୨) ସୌମ୍ୟ ରଞ୍ଜନ ମହାନ୍ତି, ପିତା: ସରୋଜ ମହାନ୍ତି, ସା: ଦରଘାପାଟଣା, ପୋ ଏବଂ ଥାନା: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ ର ୬୪୯ ଦ୍ୱାରା ଟ.୩୧,୩୨,୮୪୮/- (ଏକତିରିଶ ଲକ୍ଷ ବତିଶ ହଜାର ଆଠ ଶହ ଅଠଚାଳିଶ ଟଙ୍କା ମାତ୍ର) ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର ୩୦ (ତିରିଶ)ଦିନ ମଧ୍ୟରେ କିମ୍ବା ତା.୧୫/୦୫/୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ରଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ସହିମୋହର ସହ ଦିନାଙ୍କ ୨୯ ମାର୍ଚ୍ଚ ୨୦୨୫ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅରୁନ୍ଧତୀ ବାନ୍ଧକଳାର ଏକ୍ସକ୍ଲୁସିଭ ଆଉଟଲେଟ ଉଦ୍‌ଘାଟିତ

ଭୁବନେଶ୍ୱର,୬।୪ (ଅଭୟ ଦାଶ)

ଅରୁନ୍ଧତୀ ବାନ୍ଧକଳାର ଏକ୍ସକ୍ଲୁସିଭ ଆଉଟଲେଟ ରବିବାର ଭୁବନେଶ୍ୱରର ସତ୍ୟନଗରସ୍ଥିତ ଅରୁନ୍ଧତୀ ଜୁଏଲର୍ସର ଉପର ମହଲାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ତଥା ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଏବଂ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେରଙ୍କ ସମେତ ଅରୁନ୍ଧତୀ ବାନ୍ଧକଳାର ଉପଦେଷ୍ଟା ସଞ୍ଜୟ କୁମାର ପଣ୍ଡା, ଓଲିଉଡ଼ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ସାମାଜିକ କର୍ମୀ ରୋଜାଲିନ ପାଟ୍ଟଶାଣୀ ମିଶ୍ର ଓ ଅନୁଶ୍ରୀ ଦାସ ପ୍ରମୁଖ ସାମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏ ନେଇ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆମେ ଆମର ସ୍ୱପ୍ନ ଓ ନୂତନ ଶୋ'ରୁମ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶାର ବାନ୍ଧକଳା ଇତିହାସ ବହୁ ପୁରାତନ ହୋଇଥିଲାବେଳେ ଏହି ପାରମ୍ପରିକ ବୃତ୍ତିରେ ଲିପ୍ତ କାରିଗରଙ୍କ ସଂଖ୍ୟା ମଧ୍ୟ ବହୁତ ସ୍ୱଳ୍ପ ରହିଛି, ସେମାନଙ୍କ କଳା ଓ ପ୍ରତିଭାର ପାରଦର୍ଶିତାରେ ଝଲସୁଥିବା ସମ୍ବଲପୁରୀ ଶାଢ଼ିକୁ ନେଇ ପ୍ରତ୍ୟେକଟି ଓଡ଼ିଆ ଗୌରବାନ୍ୱିତ ହୋଇଥାଏ। ତେଣୁ ଏହି ବୃତ୍ତିରେ ଆଗକୁ କିଭଳି ଅଧିକରୁ ଅଧିକ ଲୋକଙ୍କୁ ପ୍ରୋତ୍ସାହିତ କରାଯାଇପାରିବ ଏବଂ ଅରୁନ୍ଧତୀ ବାନ୍ଧକଳା ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର ମାଧ୍ୟମରେ ଉନ୍ନତ ସଂସାଧନ ଯୋଗାଇ ଦେଇ ସର୍ବୋତ୍ତମ ଉତ୍ପାଦ ପ୍ରସ୍ତୁତ କରାଯାଇପାରିବ ଏହା ହିଁ ଆମର ମୂଳ ପ୍ରାଥମିକତା ବୋଲି ମେହେର ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୫ ଜଣ ପ୍ରତିଭାଶାଳୀ ମହିଳା ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅରୁନ୍ଧତୀ ବାନ୍ଧକଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ତଥା ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଏବଂ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଆଶ୍ୱାୟାରରେ ଦ୍ୱିପାକ୍ଷିକ କକ୍ଲିଅର୍ ଇମ୍ପ୍ଲାଣ୍ଟ ଅସ୍ତ୍ରୋପଚାର

ଭୁବନେଶ୍ୱର,୬।୪

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଗଙ୍ଗନଗର (ୟୁନିଟ୍-୬, ଏକାମ୍ର ରୋଡ) ସ୍ଥିତ ଆଶ୍ୱାୟାର ହସ୍ପିଟାଲକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ହସ୍ପିଟାଲରେ ଏକ ବିରଳ ଦ୍ୱିପାକ୍ଷିକ କକ୍ଲିଅର୍ ଇମ୍ପ୍ଲାଣ୍ଟ ଅସ୍ତ୍ରୋପଚାର ସଫଳତାର ସହ ଶେଷ କରାଯାଇଛି। ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲା ଜବାଘାଟର ୨ ବର୍ଷର ଜଣେ ଶିଶୁ ନିକଟରେ ଆଶ୍ୱାୟାର ହସ୍ପିଟାଲକୁ ଆସିଥିଲେ। ଏପରିକି ଆଶ୍ୱାୟାର ହସ୍ପିଟାଲର ଇଏନ୍‌ଟି, ମୁଣ୍ଡ ଏବଂ ନେକ୍ ସର୍ଜରି ବିଶେଷଜ୍ଞ ଡା. ପ୍ରୀତି ଶର୍ମା ଶିଶୁର ସମସ୍ତ ରିପୋର୍ଟକୁ ଦେଖିବା ପରେ ଆବଶ୍ୟକ ଚିକିତ୍ସା କରିଥିଲେ। ଏହି ଜଟିଳ ପ୍ରକ୍ରିୟାକୁ ଡା. ପ୍ରୀତି ଶର୍ମା ଓ ତାଙ୍କ ଦକ୍ଷ ଶଲ୍ୟ ଚିକିତ୍ସା ଦଳ ସତର୍କତାର ସହିତ ଏହି ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ଶିଶୁଟି ନୂତନ ଶ୍ରବଣ ଶକ୍ତି ସହିତ ଖାପ ଖୁଆଇବା ପାଇଁ ଅଡିଓଲୋଜିକାଲ୍ ଥେରାପି ଏବଂ ପୁନର୍ବାସନରେ ରହିଛି। ଏ ସମ୍ପର୍କରେ ଡା. ପ୍ରୀତି ଶର୍ମା କହିଛନ୍ତି, ଏହା ପିଲା ଏବଂ ତାଙ୍କ ପରିବାର ପାଇଁ ଏକ ଜୀବନ ପରିବର୍ତ୍ତନକାରୀ ମୁହୂର୍ତ୍ତ। ସେହିଭଳି ଆଶ୍ୱାୟାର୍ ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଡା. ବିଭୁଦତ୍ତ ମହାପାତ୍ର କହିଛନ୍ତି, ଏହି ସଫଳ ଅସ୍ତ୍ରୋପଚାର ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ କରିବା ଏବଂ ପରିବାରକୁ ଆଶା ପ୍ରଦାନ କରିବା ପାଇଁ ଆମର ମିଶନକୁ ସୁଦୃଢ଼ କରିଥାଏ। ସେହିପରି ଆଶ୍ୱାୟାର ହସ୍ପିଟାଲର ଅଧକ୍ଷ ଡା. ଚନ୍ଦ୍ରଭାନୁ ପରିଜା କହିଥିଲେ, ଶ୍ରବଣ ଏକ ମୌଳିକ ଅଧିକାର ଏବଂ କୌଣସି ଶିଶୁ ଏଥିରୁ ବଞ୍ଚିତ ହେବା ଉଚିତ ନୁହେଁ।

# ସ୍ୱାଇଲ ଗୋଲ୍ଡର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ ପାଳନ ଅବସରରେ ସ୍ୱାଇଲ ଗୋଲ୍ଡର ଏମ୍‌ଡି ଇଂ. ବାବୁରାମ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୪

■ ଆକର୍ଷଣୀୟ ଲକି ଡ୍ର'ର ଶୁଭାରମ୍ଭ
■ ମେକିଂ ଚାର୍ଜ ଉପରେ ଫ୍ଲାଟ ୫୯୯ ଟଙ୍କାର ରିହାତି

ସ୍ୱାଇଲ ଗୋଲ୍ଡ ଜୁଏଲର୍ସର ୪ର୍ଥ ବାର୍ଷିକ ଉତ୍ସବ ରବିବାର ଭୁବନେଶ୍ୱରର ଶହୀଦନଗର (ଫ୍ୟାମିଲି ମାର୍କେଟ) ସ୍ଥିତ ଶୋ'ରୁମ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ଲକି ଡ୍ର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ଏପ୍ରିଲ ୬ ରୁ ୩୦ (ରାମନବମୀରୁ ଅକ୍ଷୟ ତୃତୀୟା) ମଧ୍ୟରେ ଗ୍ରାହକଙ୍କୁ ପ୍ରତି ୨୫,୦୦୦ ଟଙ୍କା କ୍ରୟ ଉପରେ ଗୋଟିଏ କୁପନ ଦିଆଯାଉଛି। ଉକ୍ତ କୁପନକୁ ଗ୍ରାହକ କ୍ରୟ ଦିନ ଶୋ'ରୁମ୍ ପରିସରରେ ରହିଥିବା ଲକି ଡ୍ର' ବକ୍ସରେ ପକାଇବାକୁ ହେବ ଏବଂ ଲକି ଡ୍ର'ର ଉଠାଣ ଦିନରେ ଭାଗ୍ୟଶାଳୀ ଗ୍ରାହକଙ୍କୁ ଟିଭିଏସ ଜୁପିଟର, ଏଲଇଡି ଟିଭି, ଫ୍ରିଜ, ମିକ୍ସର ଗ୍ରାଇଣ୍ଡର ଏବଂ ହାତ ଘଣ୍ଟା ଆଦି ଉପହାର ଆକାରରେ ଦିଆଯିବ। ସେହିଭଳି ରାମନବମୀରୁ ସ୍ୱାଇଲ ଗୋଲ୍ଡରୁ ସୁନା କ୍ରୟ କରୁଥିଲେ ଗ୍ରାହକଙ୍କୁ ମେକିଂ ଚାର୍ଜ ଉପରେ ଫ୍ଲାଟ ୫୯୯ ଟଙ୍କାର ରିହାତି ଶୋ'ରୁମ୍ ପକ୍ଷରୁ ଯୋଗାଇ ଦିଆଯାଉଛି। ଏପରିକି ରୁପା ଗହଣାର କ୍ରୟ ଉପରେ ଫ୍ଲାଟ ୫୦% ରିହାତି ଏବଂ ହୀରା ଗହଣାର କ୍ରୟ ମୂଲ୍ୟ ଉପରେ ଫ୍ଲାଟ ୨୫% ରିହାତି ଦିଆଯାଉଛି। ସେହିପରି ଶୋ'ରୁମ୍‌ରେ ଉପଲବ୍ଧ ବ୍ରାଣ୍ଡେଡ ହାତ ଘଣ୍ଟାର କ୍ରୟ ଉପରେ ଫ୍ଲାଟ ୨୫% ଏବଂ ଫ୍ରେମ ଆଇଟମର କ୍ରୟ ମୂଲ୍ୟ ଉପରେ ଫ୍ଲାଟ ୨୫%ର ରିହାତି ଦିଆଯାଉଛି ବୋଲି ସ୍ୱାଇଲ ଗୋଲ୍ଡର ଏମ୍‌ଡି ଇଂ. ବାବୁରାମ ସ୍ୱାଇଁ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ବଜାରରେ ହୋଣ୍ଡା ମୋଟରସାଇକେଲର ସିବି ୩୫୦ ସିରିଜ

ଭୁବନେଶ୍ୱର,୬।୪

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ମଡେଲ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୨୦୨୫ ସିବି ୩୫୦ ସିରିଜର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଆକର୍ଷଣୀୟ ରଙ୍ଗ(ନୂତନ କଲର)ରେ ୨୦୨୫ ସିବି ୩୫୦, ସିବି ୩୫୦ ହାଇନେସ ଏବଂ ସିବି ୩୫୦ ଆର୍‌ଏସ୍‌କୁ ବଜାର ପ୍ରବେଶ କରାଇ କମ୍ପାନୀର ମିଡ୍-ସାଇଜ ପ୍ରିମିୟମ ମୋଟରସାଇକେଲ ଲାଇନ-ଅପକୁ ସୁଦୃଢ଼ କରିଛି। ନୂତନ ୨୦୨୫ ସିବି ୩୫୦, ସିବି ୩୫୦ ହାଇନେସ ଏବଂ ସିବି ୩୫୦ ଆର୍‌ଏସ୍ ମଡେଲର କେନ୍ଦ୍ରରେ ଶକ୍ତିଶାଳୀ ୩୪୮.୩୬ ସିସି, ଏୟାର-କୁଲ୍‌ଡ ୪-ଷ୍ଟ୍ରୋକ, ସିଙ୍ଗଲ-ସିଲିଣ୍ଡର ବିଏସ୍‌୬ ଓବିଡି୨ବି ଅନୁପାଳନକାରୀ ପିଜିଏମ-ଏଫଆଇ ଇଞ୍ଜିନ ରହିଛି। ସେଗୁଡିକ ମଧ୍ୟ ସମ୍ପ୍ରତି ସରକାରଙ୍କର ଦୀର୍ଘସ୍ଥାୟୀ ନିୟମଗୁଡ଼ିକ ମୁତାବକ ଇ୨୦ ଇନ୍ଧନ ଅନୁପାଳନକାରୀ ହୋଇଛି। ଏହି ଇଞ୍ଜିନ ସିବି ୩୫୦ ହାଇନେସ ଏବଂ ସିବି ୩୫୦ ଆର୍‌ଏସ୍ ମଡେଲରେ ୫,୫୦୦ ଆର୍‌ପିଏମ୍ ଏବଂ ୩,୦୦୦ ଆର୍‌ପିଏମ୍‌ରେ ୩୦ଏନ୍‌ଏମ୍ ପିକ୍ ଟର୍କ ୧୫.୫ କିଲୋୱାଟ ଶକ୍ତି ପ୍ରଦାନ କରୁଥିବାବେଳେ ସିବି ୩୫୦ରେ ଟର୍କ ୩,୦୦୦ ଆରପିଏମରେ ୨୯.୫ ଏନ୍‌ଏମ୍ ହେଉଛି। ଏହାର ଟ୍ରାନ୍ସମିଶନ ଦାୟିତ୍ୱ ୫-ସ୍ପିଡ ଗିୟରବକ୍ସ ଦ୍ୱାରା ପରିଚାଳିତ ହେଉଛି। ସେହିଭଳି ଗାଡିଚାଳନା ଅନୁଭୂତିକୁ ଉନ୍ନତ କରିବା ନିମନ୍ତେ ଡିଜାଇନ କରାଯାଇଥିବା ଏହି ନୂତନ ମଡେଲଗୁଡିକ ବୋଲଡ ନିୟୁ ରଙ୍ଗ ଦୃଷ୍ଟିରୁ ତାଜା ଷ୍ଟାଇଲିଂ ସହିତ ଆସୁଛି, ଯାହା ସେଗୁଡିକର ପ୍ରିମିୟମ ଆବେଗକୁ ପରିବର୍ଦ୍ଧିତ କରୁଛି।



# ଏସ୍‌ବିଆଇ ଲାଇଫ୍‌ର ନୂତନ ବୀମା ଯୋଜନା

ଭୁବନେଶ୍ୱର,୬।୪

ଏସ୍‌ବିଆଇ ଲାଇଫ୍‌ର ନୂତନ ବୀମା ଯୋଜନା 'ସ୍ମାର୍ଟ ପ୍ଲାଟିନା ୟଙ୍ଗ୍ ଆଚିଭର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ହେଉଛି ଏକ ବ୍ୟକ୍ତିଗତ, ନନ୍-ଲିଙ୍କଡ, ନନ୍-ପାର୍ଟିସିପେଟିଂ ଜୀବନ ବୀମା ସଞ୍ଚୟ ଉତ୍ପାଦ ; ଯାହା ମାଚ୍ୟୁରିଟିରେ ଗ୍ୟାରେଣ୍ଟି ଲାଭ ସହ ପିଲାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୁରକ୍ଷିତ କରିବା ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିବ। ସେହିଭଳି ହାତରେ କ୍ରେୟନ, କାହାଣୀରେ ଭର୍ତ୍ତି ପୁସ୍ତକ ଓ ନିଜର କଳ୍ପନାକୁ ନେଇ ଏକ ଶିଶୁର ସ୍ୱପ୍ନ ଆରମ୍ଭ ହୋଇଥାଏ। ସମୟ ସହ ସେହି ସ୍ୱପ୍ନଗୁଡ଼ିକ ବଡ଼ ଆକାର ନେଇଥାଏ ଏବଂ ସେହି ସୁଯୋଗଗୁଡ଼ିକୁ ହାସଲ କରିବା ପାଇଁ ଖର୍ଚ୍ଚ ବଢ଼ିଥାଏ । ତେଣୁ ପିଲାମାନଙ୍କ ଅଭିଳାଷକୁ ସମର୍ଥନ କରିବା ପାଇଁ ଅଭିଭାବକମାନଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ। ଏ କ୍ଷେତ୍ରରେ ଢାଞ୍ଚାଗତ ଆର୍ଥିକ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଶିଶୁ ବୀମା ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ସମାଧାନ ହୋଇଥାଏ। ଏସ୍‌ବିଆଇ ଲାଇଫ୍ ଅଭିଭାବକମାନଙ୍କ ଭାବନାକୁ ହୃଦ୍‌ବୋଧ କରି ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ୟଙ୍ଗ୍ ଆଚିଭର ପ୍ଲାନ୍‌ର ଶୁଭାରମ୍ଭ କରିଛି। ଏହା ହେଉଛି ଏକ ବ୍ୟାପକ ଜୀବନ ବୀମା ସଞ୍ଚୟ ଉତ୍ପାଦ, ଯାହାକୁ ପିଲାମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ୟଙ୍ଗ୍ ଆଚିଭରର ଅନ୍ୟ ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ ଅନେକ ସୁବିଧା ରହିଛି। ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ୟଙ୍ଗ୍ ଆଚିଭର ଜରିଆରେ ଅଭିଭାବକମାନେ ବିଶ୍ୱାସର ସହ ସେମାନଙ୍କ ପିଲାଙ୍କ ଭବିଷ୍ୟତର ଯୋଜନା ପ୍ରସ୍ତୁତ କରିବା ସହ ଆର୍ଥିକ ପ୍ରତିବନ୍ଧକ ଚାପରୁ ମୁକ୍ତ ରହିପାରିବେ।

# ପେଟିଏମ୍ ମହାକୁମ୍ଭ ସାଉଣ୍ଡ ବକ୍ସର ଶୁଭାରମ୍ଭ

ଭୁବନେଶ୍ୱର,୬।୪

ଭାରତର ଅଗ୍ରଣୀ ପେମେଣ୍ଟ ଏବଂ ଆର୍ଥିକ ସେବା ବଣ୍ଟନ କମ୍ପାନୀ ତଥା ମୋବାଇଲ ପେମେଣ୍ଟ, କ୍ୟୁଆର୍ କୋଡ୍ ଏବଂ ସାଉଣ୍ଡ ବକ୍ସ ପ୍ରଯୁକ୍ତିର ପ୍ରବର୍ତ୍ତକ ପେଟିଏମ୍ (ୱାନ୍ ୯୭ କମ୍ୟୁନିକେଶନ୍ସ ଲିମିଟେଡ୍)ର ନୂତନ ଉତ୍ପାଦ 'ମହାକୁମ୍ଭ ସାଉଣ୍ଡବକ୍ସ'କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏପରିକି ପେଟିଏମ୍ ଡିଜିଟାଲ ସ୍କ୍ରିନ୍‌ରେ ତୁରନ୍ତ ପେମେଣ୍ଟ ଆଲର୍ଟ ଏବଂ ରିଅଲ୍-ଟାଇମ୍ ଟ୍ରାକିଂ ସହିତ ବ୍ୟବସାୟୀ ଅଂଶୀଦାରମାନଙ୍କୁ ସଶକ୍ତ କରିବା ପାଇଁ ମେଡ୍-ଇନ୍-ଇଣ୍ଡିଆ ପେଟିଏମ୍ ମହାକୁମ୍ଭ ସାଉଣ୍ଡବକ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ପେଟିଏମ୍‌ର ବିସ୍ତାରିତ ସାଉଣ୍ଡବକ୍ସ ପରିସରର ସଦ୍ୟତମ ଯୋଡ଼ି ଏବଂ ଏହି ୪ଜି-ସକ୍ଷମ ଡିଭାଇସ୍ ବ୍ୟବସାୟଗୁଡ଼ିକୁ ସହଜରେ ପେମେଣ୍ଟ ଟ୍ରାକ୍ କରିବା ଓ କାରବାର ଦୃଶ୍ୟମାନତାକୁ ଉନ୍ନତ କରିବାରେ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଡିପିଆଇଆଇଟିର ଯୁଗ୍ମ ସଚିବ ସଞ୍ଜୀବ ସିଂହ କହିଛନ୍ତି, ଷ୍ଟାର୍ଟଅପ ମହାକୁମ୍ଭ ଭାରତର ସ୍ପନ୍ଦନଶୀଳ ଉଦ୍ୟୋଗୀ ମନୋଭାବକୁ ପାଳନ କରିବାର ଏକ ଐତିହାସିକ କାର୍ଯ୍ୟକ୍ରମ ହୋଇଛି, ଯାହା ଭାରତର ଡିଜିଟାଲ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ଆଗକୁ ବଢ଼ାଇବା ପାଇଁ ଦୂରଦୃଷ୍ଟିସମ୍ପନ୍ନ, ନବସୃଜନକାରୀ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏକତ୍ରିତ କରିଥାଏ।

# 'ଟାଟା ନିଉ'ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୬।୪

ଟାଟା ନିଉ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ( ଟାଟା ନିଉ)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରି କି ଏହି କାର୍ଡ ୨ନିୟୁତର ଏକ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଥିବା ଟାଟା ନିଉ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ଏହା ସାରା ଦେଶରେ ଗ୍ରାହକଙ୍କୁ ମୂଲ୍ୟ ପ୍ରଦାନ ଓ ନିରବଚ୍ଛିନ୍ନ ରିୱାର୍ଡ ପ୍ରଦାନ କରିବାରେ କାର୍ଡର ସଫଳତାକୁ ଦର୍ଶାଉଛି। ଏଥିସହିତ ଏହା ଭାରତର ପସନ୍ଦର ରିୱାର୍ଡ କ୍ରେଡିଟ୍ କାର୍ଡରେ ପରିଣତ ହୋଇଛି। ୨୦୨୨ ଅଗଷ୍ଟରେ ଏହାର ଶୁଭାରମ୍ଭ ହେବା ପରଠାରୁ କ୍ରମାଗତ ଭାବେ ସଫଳତା ହାସଲ କରିଚାଲିଛି। ଟାଟା ନିଉ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡକୁ ଗ୍ରାହକମାନେ ପସନ୍ଦ କରୁଥିବାବେଳେ ଏହାର ସରଳ ଓ ସ୍ୱଚ୍ଛ ରିୱାର୍ଡ ବ୍ୟବସ୍ଥା ପାଇଁ ଗ୍ରାହକ ଏହାକୁ ବେଶ୍ ପସନ୍ଦ ମଧ୍ୟ କରୁଛନ୍ତି। ନୂଆ କାର୍ଡ ଜାରିରେ ଉଲ୍ଲେଖନୀୟ ବଜାର ଭାଗ ସହିତ ଏହା ସାରା ଦେଶର ଗ୍ରାହକମାନଙ୍କ ବିଶ୍ୱାସ ଓ ଆସ୍ଥାକୁ ଦ୍ରୁତଗତିରେ ହାସଲ କରିଛି। ଟାଟା ଡିଜିଟାଲ୍‌ର ଚିଫ୍ ବିଜ୍‌ନେସ୍ ଅଫିସର (ଫାଇନାନ୍ସିଆଲ୍ ସର୍ଭିସେସ୍) ଗୌରବ ହଜରତି କହିଛନ୍ତି, ଲାଭଗୁଡ଼ିକୁ ଗ୍ରାହକମାନଙ୍କ ପାଇଁ ଅଧିକ ରିୱାର୍ଡିଂ ଓ ସ୍ୱଚ୍ଛ କରି କ୍ରେଡିଟ୍ କାର୍ଡ ଅନୁଭୂତିରେ ବିପ୍ଳବ ଆଣିବା ପାଇଁ ଟାଟା ଡିଜିଟାଲ୍‌ରେ ଆମେ ସମର୍ପିତ ରହିଛୁ। ଟାଟା ନିଉ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ୨ ନିୟୁତ ମାଇଲଖୁଣ୍ଟ ଅତିକ୍ରମ କରିବା ନିଉ କାର୍ଡ ଉପରେ ଗ୍ରାହକଙ୍କ ଥିବା ବିଶ୍ୱାସର ଦୃଢ଼ ପ୍ରମାଣ। ନିଉ କାର୍ଡ ଅନୁଭୂତିକୁ ନିରନ୍ତର ଭାବେ ବଢ଼ାଇ ଆମର ବର୍ଦ୍ଧିତ ନିଉ କାର୍ଡ ଗ୍ରାହକମାନଙ୍କୁ ଆହୁରି ଅଧିକ ମୂଲ୍ୟ ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।

**Classified Everyday**
**0674-2580101, 9692975378**



**REAL ESTATE**
**SALE**

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

**Gharabari Plot sale near Sum Hospital-2, Trinath Bazar, Phulnakhara, 1250/- per sqft. Whatsapp: 9437011506, 6371462496.** D-041

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Newly opened spa in puri. Professional body massage available. 9861984834.** D-3394

Positively health benefited spa by expert female therapist, Bapujinagar. 8018429809 D-76906

Positively health benefited SPA by expert female therapist. 9114559860. D-76907

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

**AFFIDAVIT**

By virtue of an affidavit sworn before Aswini Kumar Pradhan, Notary Public, Bhubaneswar, dated 04.04.2025, I, Himansu Sekhar Rout, Address- Suanlo, Bhaluka, P.O.- Bhaluka, P.S.- Ramachandrapur, Dist.- Kendujhar, Odisha-758043, declare that I have changed my son's name from Anshuman Rout to Aditya Rout. Henceforth, he shall be known as Aditya Rout for all purposes.
(HIMANSU SEKHAR ROUT)
D-76438

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Lanjigarh, I, Ansu Kumar Gupta, S/o- Arvind Kumar Gupta, R/o. At/ P.O./P.S.- Lanjigarh, Dist.- Kalahandi, Odisha, PIN No.766027 declare that I have changed my name from Ansu Ku Gupta to Ansu Kumar Gupta. Henceforth, I shall be known as Ansu Kumar Gupta for all future purposes. D-055

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)
ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩ (ଚୈତ୍ର ଶୁକ୍ଳ ଦଶମୀ)
୧୨ବର୍ଷ ବିତିଗଲାରେ । କିନ୍ତୁ ଏବେବି ବିଶ୍ୱାସ କରିପାରୁନୁ। ସମସ୍ତେ ତୋତେ ଏବେବି ସେମିତି ଭଲ ପାଆନ୍ତି, ସବୁ ଭଲ ମନ୍ଦରେ ତୋତେ ସେମିତି ହିଁ ମନେ ପକାନ୍ତି । ମା' ଝାଡ଼େଶ୍ୱରୀ, କାଳିଆ ଠାକୁର ତୋତେ ସବୁବେଳେ ଭଲରେ ରଖିଥାନ୍ତୁ ।
ତୋର ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୯୬୮

# ଆଜି କଳିଙ୍ଗ ଷ୍ଟାଡିୟମରେ ଯୋଗ ମହୋତ୍ସବ

ଭୁବନେଶ୍ୱର,୬।୪

ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଭାଗିତାରେ ଏକ ବିଶାଳ ଯୋଗ ମହୋତ୍ସବ ସୋମବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି। ଏପରିକି ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବା ମୋରାର୍‌ଜୀ ଦେଶାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଯୋଗ (ଏମ୍‌ଡିଏନ୍‌ଆଇୱାଇ) ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଉଛି। ଉଲ୍ଲେଖଯୋଗ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି 'ଯୋଗ ମହୋତ୍ସବ' ଆୟୋଜନ କରାଯାଉଛି। ଏହି ସମାରୋହ ସହିତ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସର ୭୫ଦିନିଆ ଅବଗଣନା ଆରମ୍ଭ ହେବାକୁ ଯାଉଛି। ସେହିଭଳି କେନ୍ଦ୍ର ଆୟୁଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରତାପ ରାଓ ଯାଦବ ଏହି ଯୋଗ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ସୋମବାର ସକାଳ ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ କରାଯିବ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସାଂସଦ ସମ୍ବିତ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା, ଯୁଗ୍ମ ସଚିବ ମୋନାଲିସା ଦାଶ ପ୍ରମୁଖ ଯୋଗ ଦେବେ।

ଏହି ପରିପ୍ରେକ୍ଷୀରେ ଏମଡିଏନଆଇୱାଇ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାଶ କହିଛନ୍ତି, ଅନ୍ତର୍ଜାତୀୟ ଯୋଗଦିବସର ୭୫ ଦିନିଆ ଅବଗଣନା ଉପଲକ୍ଷେ ସାଧାରଣ ଯୋଗ ଅଭ୍ୟାସ ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହା ଯୋଗ ଦିବସ ପାଳନର ଆଧାର ଏବଂ ୨୨ଟି ଭିନ୍ନ ଭିନ୍ନ ଭାଷାରେ ଉପଲବ୍ଧ। ଗତବର୍ଷ ବ୍ରେଲି ସଂସ୍କରଣରେ ସାଧାରଣ ଯୋଗ ଅଭ୍ୟାସର ଶୁଭାରମ୍ଭ କରାଯାଇ ସମାବେଶକୁ ପ୍ରୋତ୍ସାହିତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଯୋଗ ଦିବସ ପାଳନରେ ୨୪କୋଟି ଲୋକ ଅଂଶଗ୍ରହଣ କରିସାରିଛନ୍ତି। ଏହି ସଂଖ୍ୟା ବଢ଼ୁଛି ଏବଂ ନୂଆ ରେକର୍ଡ ପ୍ରତିଷ୍ଠା ହେଉଛି ।


**ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ । ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

# ସୁସ୍ଥ ପ୍ରାରମ୍ଭ: ଆଶାପୂର୍ଣ୍ଣ ଭବିଷ୍ୟତ



ଡା. ରାମଚନ୍ଦ୍ର ରାଉତ

''ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' (ୱାର୍ଲ୍ଡ ହେଲ୍‌ଥ ଡେ) ଭାବରେ ପାଳନ କରିଥାଏ। ଏହି ଦିବସରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦୃଷ୍ଟିରେ ରଖି ବାର୍ତ୍ତା ସ୍ଥିର କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ବାର୍ତ୍ତା ହେଉଛି- 'ସୁସ୍ଥ ପ୍ରାରମ୍ଭ: ଆଶାପୂର୍ଣ୍ଣ ଭବିଷ୍ୟତ'। ଏହି ବାର୍ତ୍ତା ସୁଦୂରପ୍ରସାରୀ ଅଟେ ଏବଂ ଏହାର ମୁଖ୍ୟ ଉପାଦାନଗୁଡ଼ିକ ହେଲା ମା' ଓ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମୃତ୍ୟୁହାରକୁ ସର୍ବକାଳୀନ ନିମ୍ନସ୍ତରକୁ ଆଣିବା। ସାଧାରଣତଃ ସ୍ୱାସ୍ଥ୍ୟ ସୂଚକାଙ୍କ ମଧ୍ୟରୁ ମୁଖ୍ୟ ତିନିଗୋଟି ସାମ୍ପ୍ରତିକ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ସୂଚାଇ ଥାଏ। ଶିଶୁ (ଏକ ବର୍ଷ ମଧ୍ୟରେ) ମୃତ୍ୟୁହାର, ମାତୃ ମୃତ୍ୟୁହାର ଏବଂ ଆନୁଷ୍ଠାନିକ ପ୍ରସବ ହାରଗୁଡ଼ିକ ହେଉଛି ମୁଖ୍ୟ- ଯେଉଁଥିରୁ କି ମା'ଓ ଶିଶୁଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଜାଣିହୁଏ।''






କୁହାଯାଏ 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ମାତ୍ର ବାସ୍ତବରେ ସ୍ୱାସ୍ଥ୍ୟ ମନୁଷ୍ୟ ପାଇଁ କେବଳ ସମ୍ପଦ ନୁହେଁ, ସ୍ୱାସ୍ଥ୍ୟ ହେଉଛି ମଣିଷ ପାଇଁ ସବୁକିଛି। କାରଣ ସ୍ୱାସ୍ଥ୍ୟ ଠିକ୍ ନ ରହିଲେ କିମ୍ବା ଜଣେ ରୋଗଗ୍ରସ୍ତ ହେଲେ ମଣିଷ ବଞ୍ଚିରହିବା ଓ ଜୀବନଧାରଣ କରିବା ଦୁଃଖଦ ଓ ଦାରୁଣ ହୋଇପଡ଼େ। ସୁସ୍ଥ ନାଗରିକମାନେ ହେଉଛନ୍ତି ଦେଶର ମୁଖ୍ୟ ସମ୍ବଳ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' (ୱାର୍ଲ୍ଡ ହେଲ୍‌ଥ ଡେ) ଭାବରେ ପାଳନ କରିଥାଏ। ଏହି ଦିବସରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦୃଷ୍ଟିରେ ରଖି ବାର୍ତ୍ତା ସ୍ଥିର କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ବାର୍ତ୍ତା ହେଉଛି- 'ସୁସ୍ଥ ପ୍ରାରମ୍ଭ : ଆଶାପୂର୍ଣ୍ଣ ଭବିଷ୍ୟତ'। ଏହି ବାର୍ତ୍ତା ସୁଦୂରପ୍ରସାରୀ ଅଟେ ଏବଂ ଏହାର ମୁଖ୍ୟ ଉପାଦାନଗୁଡ଼ିକ ହେଲା ମା' ଓ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମୃତ୍ୟୁହାରକୁ ସର୍ବକାଳୀନ ନିମ୍ନସ୍ତରକୁ ଆଣିବା। ସାଧାରଣତଃ ସ୍ୱାସ୍ଥ୍ୟ ସୂଚକାଙ୍କ ମଧ୍ୟରୁ ମୁଖ୍ୟ ତିନିଗୋଟି ସାମ୍ପ୍ରତିକ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ସୂଚାଇଥାଏ। ଶିଶୁ (ଏକ ବର୍ଷ ମଧ୍ୟରେ) ମୃତ୍ୟୁହାର, ମାତୃ ମୃତ୍ୟୁହାର ଏବଂ ଆନୁଷ୍ଠାନିକ ପ୍ରସବ ହାରଗୁଡ଼ିକ ହେଉଛି ମୁଖ୍ୟ- ଯେଉଁଥିରୁ କି ମା' ଓ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଜାଣିହୁଏ। ଖୁସିର କଥା ଆମ ଦେଶରେ ଓ ରାଜ୍ୟରେ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ଆଶାତୀତ ଭାବେ ହ୍ରାସପାଇଛି। ୧୯୫୦ ମସିହାରେ ୧୯୦ ପାଖାପାଖି ଥିବାବେଳେ ୨୦୨୫ରେ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ଉନ୍ନତି ମାତୃ-ଶିଶୁ ସ୍ୱାସ୍ଥ୍ୟ ଯତ୍ନ ଯୋଗୁ ହ୍ରାସ ପାଇ ୨୫ରୁ ନିମ୍ନରେ ପହଞ୍ଚିଛି। ସେହିପରି ମାତୃ ମୃତ୍ୟୁହାର ୨୫୪ରୁ ଆସି ୧୧୦ରୁ କମ୍ ସ୍ତରରେ ପହଞ୍ଚିଛି। ଏହାର ମୁଖ୍ୟ ଶ୍ରେୟ ଆନୁଷ୍ଠାନିକ ପ୍ରସବର ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ଗର୍ଭ ସମୟରେ ମା', ପରିବାର ସଦସ୍ୟ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କର ନିରନ୍ତର ପ୍ରଚେଷ୍ଟା ଯୋଗୁ ହୋଇପାରିଛି। ଏବେ ଆମ ଦେଶ ଓ ରାଜ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସୂଚକାଙ୍କ ସହିତ କିମ୍ବା ସ୍ଥଳବିଶେଷରେ ତା'ଠାରୁ ନିମ୍ନରେ ରହିଛି ଓ ଆନୁଷ୍ଠାନିକ ପ୍ରସବ ଶତ ପ୍ରତିଶତ ହେବାର ସ୍ୱପ୍ନ ପୂରଣ ହେବା ପାଇଁ ଯାଉଛି।

ମା' ଓ ଶିଶୁ ଗୋଟିଏ ଏକକ। ମା' ଓ ଶିଶୁର ସ୍ୱାସ୍ଥ୍ୟ ପରସ୍ପର ସହ ଜଡ଼ିତ। ମାତୃ ଗର୍ଭରେ ଶିଶୁଟି ଦୀର୍ଘ ନଅ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାନ ହେବା ପରେ ପରିପୂର୍ଣ୍ଣ ଭାବେ ଜନ୍ମଗ୍ରହଣ କରିଥାଏ। ଗର୍ଭାବସ୍ଥା ସମୟରେ ମା'ର ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଦରକାର ପଡୁଥିବା ଟିକାକରଣ, କେତେକ ଗୁରୁତର ରୋଗର ଠିକ୍ ଓ ଆଗୁଆ ନିରୂପଣ ତଥା ଚିକିତ୍ସା, ଦରକାର ପଡୁଥିବା ପରୀକ୍ଷା ନିରୀକ୍ଷା, ଆଇରନ୍, କ୍ୟାଲସିୟମ ଇତ୍ୟାଦିର ପରିପୂରଣ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହିସବୁ କାର୍ଯ୍ୟ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ କାର୍ଯ୍ୟକ୍ରମ ଚାଲୁ ରହିଛି। ୨୦୦୫ରୁ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ସୁମନ (ସୁରକ୍ଷିତ ମାତୃତ୍ୱ ଅଭିଯାନ), ୨୦୧୬ରୁ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଯୋଜନା, ଲକ୍ଷ୍ୟ, ପୋଷଣ ଅଭିଯାନ ଓ ଗ୍ରାମ ସ୍ୱାସ୍ଥ୍ୟ, ପରିମଳ ଓ ପୋଷଣ ଦିବସ, ଅମ୍ଳାନ (ରକ୍ତହୀନତାମୁକ୍ତ ଯୋଜନା) ପରି ଯୋଜନାଗୁଡ଼ିକ ଶିଶୁ ଓ ମାତୃ ମୃତ୍ୟୁହାରରେ ଅନେକ ମାତ୍ରାରେ ହ୍ରାସ ଆଣିଥିବା ବେଳେ ସେମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ପାଇଁ କାର୍ଯ୍ୟ କରୁଛି। ପ୍ରତିବର୍ଷ ତିନି ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଗର୍ଭାବସ୍ଥା ଓ ପ୍ରସବଜନିତ ବିଭିନ୍ନ ଗୁରୁତର ଅବସ୍ଥା ଯୋଗୁ ପ୍ରାଣ ହରାଇଥାଆନ୍ତି। ସେହିପରି ପ୍ରତି ବର୍ଷ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଜନ୍ମ ହେବାର ପ୍ରଥମ ମାସରେ ହିଁ ଗୁରୁତର ଶିଶୁ ରୋଗ ଯୋଗୁ ପ୍ରାଣହରାନ୍ତି। ଅନ୍ୟପକ୍ଷରେ ଆଉ ୨୦ ଲକ୍ଷ ମୃତ ଶିଶୁ ଜନ୍ମଗ୍ରହଣ କରିଥାଆନ୍ତି। ଏହା ଏପରି ଉଦ୍‌ବେଗଜନକ ଯେ ପ୍ରତି ୭ ସେକେଣ୍ଡରେ ଗୋଟିଏ ଶିଶୁ ମୃତ୍ୟୁମୁଖରେ ପଡ଼ିଥାଏ।

ସାଧାରଣତଃ ଶିଶୁ ମୃତ୍ୟୁର ଅଧାରୁ ଅଧିକ ମୃତ୍ୟୁ ପ୍ରଥମ ସାତ ଦିନ ମଧ୍ୟରେ ଏବଂ ତିନି-ଚତୁର୍ଥାଂଶ ଏକ ମାସ ମଧ୍ୟରେ ହୋଇଥାଏ। ତେଣୁ ଜନ୍ମର ପ୍ରଥମ ମାସ ଉଭୟ ଶିଶୁ ଓ ମା' ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ସହିତ ପ୍ରସବ ପରବର୍ତ୍ତୀ ୪୮ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରସୂତିମାନଙ୍କୁ ପ୍ରସବ ପରେ ଦୁଇ ଦିନ ଚିକିତ୍ସାଳୟରେ ରହିବା ପାଇଁ ପ୍ରବର୍ତ୍ତାଯାଇଥାଏ। କାରଣ ଏହି ସମୟରେ ମା'ର ପ୍ରସବପର ରକ୍ତକ୍ଷରଣ, ନବଜାତ ଶିଶୁର ନିମୋନିଆ, ଜଣ୍ଡିସ ଏବଂ ଅନ୍ୟ ସଂକ୍ରମଣ ଇତ୍ୟାଦିର ଆଶଙ୍କା ଥାଏ। ଏହି ସବୁ ରୋଗ ଓ ଅବସ୍ଥାଗୁଡ଼ିକରେ ବିଶେଷ ଚିକିତ୍ସା ପାଇଁ ନବଜାତ ଶିଶୁମାନଙ୍କ ଲାଗି ତଳସ୍ତରରୁ ଉଚ୍ଚତମ ଚିକିତ୍ସା ସ୍ତର ଯାଏ ନବଜାତ ଆଇସିୟୁ (ଏନ୍‌ଆଇସିୟୁ)ର ବ୍ୟବସ୍ଥା କରାଯାଇଛି। ଅନେକ ସମୟରେ ଗମନାଗମନର ସୁବିଧା ନ ଥିବା ସ୍ଥାନମାନଙ୍କରୁ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯଥେଷ୍ଟ ଆଗରୁ ଗର୍ଭବତୀମାନଙ୍କୁ ପ୍ରସବ ସୁବିଧା ଥିବା ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥାଏ।

ଏସବୁ ସତ୍ତ୍ୱେ ମଧ୍ୟ ଅନେକ କ୍ଷେତ୍ରରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁହାରକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏହା ମଧ୍ୟରେ କେତେକ ପ୍ରକାର ଜିନ୍‌ଗତ ରୋଗ, ବିକଳାଙ୍ଗ ଶିଶୁ ଗର୍ଭାବସ୍ଥାରେ ମା'ର ଉଚ୍ଚ ରକ୍ତଚାପ (ଟକ୍ସିମିଆ), ଡାଇବେଟିସ୍, ରକ୍ତହୀନତା, ଥାଇରଏଡ ନ୍ୟୂନତା ଇତ୍ୟାଦି ଯୋଗୁ ମଧ୍ୟ ମା' ଓ ଶିଶୁ ଗୁରୁତର ଭାବେ ଆକ୍ରାନ୍ତ ହୋଇଥାଆନ୍ତି। କ୍ରମଶଃ ଏସବୁର ନିୟନ୍ତ୍ରଣ ନିମନ୍ତେ ଅନେକ କାର୍ଯ୍ୟ କରାଯାଇ ଯଥେଷ୍ଟ ଉନ୍ନତି କରାଯାଇପାରିଛି। ଏହାସହିତ ଡାକ୍ତରୀ ତାଲିମ ପାଇଁ ଶିଶୁ ରୋଗ ଓ ସ୍ତ୍ରୀ ଏବଂ ପ୍ରସୂତି ରୋଗ ବିଶେଷଜ୍ଞ ଶିକ୍ଷାର ସିଟ୍ ସଂଖ୍ୟା ବୃଦ୍ଧି କରାଯିବା ସଙ୍ଗେ ସଙ୍ଗେ ସରକାରୀ ଚାକିରିରେ ଥିବା ଡାକ୍ତରମାନଙ୍କ ପାଇଁ ଆନାସ୍ଥେସିଆରେ LASA (ଜୀବନ ରକ୍ଷାକାରୀ ନିଶ୍ଚେତକ ଦକ୍ଷତା) ଓ E Moc (ଜରୁରିକାଳୀନ ପ୍ରସୂତୀ ଯତ୍ନ) ତାଲିମର ବ୍ୟବସ୍ଥା କରାଯାଇ ତାହାର ସୁଫଳ ଲାଭ କରାଯାଇଛି।

ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ବାର୍ତ୍ତାର ଲକ୍ଷ୍ୟ ହେଲା- ମା'ମାନଙ୍କର ସ୍ୱାସ୍ଥ୍ୟ ଅର୍ଥାତ୍ ସେମାନଙ୍କୁ ଠିକ୍ ସମୟରେ ପଞ୍ଜୀକରଣ କରାଇ ପ୍ରତି ମାସ ଓ ପ୍ରତି ତିନି ମାସରେ ଥରେ ସାଧାରଣ ଓ ବିଶଦ ପରୀକ୍ଷା କରାଇନେବା ଦରକାର। ପୁନଶ୍ଚ ଏବେ ୪ ବର୍ଷ ପୂର୍ବେ ଆମ ରାଜ୍ୟରେ ଆରମ୍ଭ ହୋଇଥିବା 'ପ୍ରସୂତି ବିଶେଷଜ୍ଞା' ତାଲିମରୁ ତାଲିମପ୍ରାପ୍ତ ସେବିକାମାନେ ମା'ମାନେ କିପରି ସାଧାରଣ ଭାବେ ପ୍ରସବ କରିପାରିବେ ସେଥିନିମନ୍ତେ ପରାମର୍ଶ, ତାଲିମ ଓ ମାନସିକ ସ୍ତରରେ ପ୍ରସ୍ତୁତି କରାଉଛନ୍ତି। ଏହାଦ୍ୱାରା ଅସ୍ତ୍ରୋପଚାର ଦ୍ୱାରା ହେଉଥିବା ପ୍ରସବ ସଂଖ୍ୟରେ ହ୍ରାସ ହୋଇପାରିଛି। ପ୍ରତ୍ୟେକ ଚିକିତ୍ସା କେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ, ବଡ଼ ବଡ଼ ସ୍ଥାନରେ ନବଜାତ ଶିଶୁରୋଗ ବିଶେଷଜ୍ଞ ଓ ଶିଶୁ ଶଲ୍ୟ ଚିକିତ୍ସକ ତଥା ଏନ୍‌ଆଇସିୟୁ ଏବଂ ପିଆଇସିୟୁ ଓ ଭେଣ୍ଟିଲେଣ୍ଟର ବ୍ୟବସ୍ଥା ଆମ ରାଜ୍ୟ ଓ ଦେଶକୁ ଅନ୍ୟ ଦେଶଗୁଡ଼ିକ ଆଗରେ ଆଦର୍ଶ ରୂପେ ଛିଡ଼ା କରିପାରିଛି।


-ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ: ୮୨୪୯୦୮୭୯୯୫

## ଏପିଲେପ୍ସିର ଲକ୍ଷଣ



ଏପିଲେପ୍ସି ଏକାଧିକ ପ୍ରକାର। ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ। କିନ୍ତୁ ବାତ ମାରିବା ଲକ୍ଷଣଟି ହିଁ ପ୍ରଧାନ ଓ ଏହା ଅନେକ ରୋଗୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁସବୁ ସୂଚନା ପ୍ରକାଶ ପାଇଥାଏ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ପ୍ରମୁଖ ଉଦାହରଣ। ଏପିଲେପ୍ସିର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହୁଅନ୍ତୁ। ଚିକିତ୍ସା କରିବା ନିମନ୍ତେ ବିଶେଷଜ୍ଞ ଡାକ୍ତର ରୋଗୀର ବୟସ, ଲିଙ୍ଗ, ବୃତ୍ତି, ଆନୁଷଙ୍ଗିକ ବ୍ୟାଧି ଓ ଲକ୍ଷଣଗୁଡ଼ିକ ବିଚାରକୁ ନେଇଥାନ୍ତି। ପିଲାବେଳେ ବାତ ମାରିବା ଲକ୍ଷଣ ପ୍ରକାଶ ପାଇଥିଲେ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାତ ମାରିବା ଧୀରେ ଧୀରେ କମି କମି ପୂରାପୂରି ବନ୍ଦ ହୋଇଯିବା କିଛି ଅସମ୍ଭବ ନୁହେଁ।

## ଜାଣି ରଖନ୍ତୁ



►ଯଦି ନିଜକୁ ସୁସ୍ଥ ରଖିବା ପାଇଁ ସବୁବେଳେ ନିଜ ଜୀବନଶୈଳୀ ଏବଂ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ।

►ରାତିରେ ଶୋଇବା ପୂର୍ବରୁ ପାଦ ଏବଂ ମୁହଁକୁ ଭଲ ଭାବେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

►ପ୍ରତିଦିନ ଜଳଖିଆରେ ଗଜାମୁଗ ଓ ବୁଟ ମିଶ୍ରିତ ସାଲାଡ୍ ସାମିଲ୍ କରନ୍ତୁ। ଆପଣ ଚାହିଁଲେ କାଜୁ ଓ ପେସ୍ତାବାଦାମ ମଧ୍ୟ ଖାଇପାରିବେ।

►ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି ଆଣ୍ଠୁ ଗଣ୍ଠି ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ତାହା ସେତେ ଭଲ।

►ଛୋଟ ଛୋଟ କଥାକୁ ନେଇ ଚିନ୍ତା ପ୍ରକଟ କରିବା ଅଭ୍ୟାସ ଅଛି କି ? ଯଦି ହଁ, ତେବେ ଏଭଳି ଅଭ୍ୟାସ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଟେନସନ୍‌ର ବଶବର୍ତ୍ତୀ ହେବାର ଯଥେଷ୍ଟ ଆଶଙ୍କା ରହିଛି।

►ଜଣେ ସୁସ୍ଥ ରହିବା ପଛରେ ମାନସିକ ଶାନ୍ତିର ଭୂମିକା ରହିଛି। ତେଣୁ ସବୁବେଳେ ନିଜକୁ ଯେତେସମ୍ଭବ ଖୁସିର ମାହୋଲ ଭିତରେ ରଖିବାକୁ ଚେଷ୍ଟା କରନ୍ତୁ।

## ଭିଟାମିନ୍-ଡି'ର ଅଭାବ ହେଲେ...



ଭିଟାମିନ୍ 'ଡି' ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଶରୀରରେ ଯେତେବେଳେ ଏହାର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ହାର୍ଟକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ୟୁନିଭର୍ସିଟି ଅଫ୍ ସିଡିନୀର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଜଣେ ବ୍ୟକ୍ତିଙ୍କ ଶରୀରରେ ଏହାର ପରିମାଣ ଅସନ୍ତୁଳିତ ରହିଲେ ହୃଦ୍‌ଘାତ ହେବା ସହ ରକ୍ତଚାପ ମଧ୍ୟ ବଢ଼ିଯିବାର ଆଶଙ୍କା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କ ଶରୀରରେ ଭିଟାମିନ୍ 'ଡି' ପରିମାଣ କେତେ ରହୁଛି ତାହା ପରୀକ୍ଷା କରି ତାହାକୁ ହୃତ୍‌ପିଣ୍ଡର କାର୍ଯ୍ୟ ସହ ତୁଳନା କରିଥିଲେ। ଭିଟାମିନ୍ 'ଡି' ପରିମାଣ ଅସନ୍ତୁଳିତ ଥିବା କେତେକ ବ୍ୟକ୍ତିଙ୍କ ଠାରେ ହୃଦ୍‌ଜନିତ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଏବଂ ସକାଳର କଅଁଳ ସୂର୍ଯ୍ୟ କିରଣରେ ଭିଟାମିନ୍ 'ଡି' ଭରିରହିଛି।

## ଦୃଷ୍ଟିଶକ୍ତିକୁ ଦୃଢ଼ କରେ କଲରା



କଲରାର ସ୍ୱାଦ ସିନା ପିତା, ହେଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଲାଭପ୍ରଦ ହୋଇଥାଏ। କେବଳ ସେତିକି ନୁହେଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ। ଜଣେ ଡାଇବେଟିସ୍ ରୋଗୀ ଏହାକୁ ପ୍ରତିଦିନ ଖାଇବା ନିହାତି ଦରକାର। କାରଣ ଏହା ରକ୍ତରେ ସୁଗାର ପରିମାଣକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଏହାର ଜୁସ୍ ଆମ ଶରୀର ପାଇଁ ମଧ୍ୟ ବେଶ୍ ଉପକାରୀ। ଏହା ମଧ୍ୟ ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ। ଉଚ୍ଚ ରକ୍ତଚାପ ଏବଂ ଆଜ୍‌ମା ଭଳି ସ୍ୱାସ୍ଥ୍ୟ ସମସ୍ୟାଠାରୁ ମଧ୍ୟ କେତେକାଂଶରେ ଦୂରେଇ ରଖିଥାଏ। କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ। ଏହା ସହ ଲିଭରରୁ ବାଇଲ୍ ଏସିଡ୍ କ୍ଷରଣ କରିଥାଏ। ଏହାବ୍ୟତୀତ ଶରୀରରେ ଆଲର୍ଜି ହେବାକୁ ଦେଇ ନ ଥାଏ। କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ। ତା' ସହ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ।

## ସ୍ୱାସ୍ଥ୍ୟ ସୂଚନା

➤ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।

➤ରାତିରେ ଯେତେ ହାଲ୍‌କା ଖାଦ୍ୟ ଖାଇବେ ତାହା ସେତେ ଭଲ। କାରଣ ଏହି ଖାଦ୍ୟ ସହଜରେ ହଜମ ହୋଇଥାଏ। ଏହାଦ୍ୱାରା ଭଲ ନିଦ ମଧ୍ୟ ହୋଇଥାଏ।


➤ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ଥିଲେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ଯଦି ନିଜକୁ ଅସୁସ୍ଥ ଲାଗୁଛି, ତେବେ ସେଦିନ ବ୍ୟାୟାମ ନ କରି ବିଶ୍ରାମ ନିଅନ୍ତୁ।

➤ସକାଳୁ ଖାଲି ପେଟରେ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ସକ୍ରିୟ ରହିବା ସହ ମେଦ ବୃଦ୍ଧି ହୋଇ ନ ଥାଏ।

➤ଯଦି କୌଣସି ରୋଗରେ ଆପଣ ଆକ୍ରାନ୍ତ ହେଉଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ, ମନେରଖନ୍ତୁ ପରାମର୍ଶ କରିବା ପୂର୍ବରୁ ଡାକ୍ତରଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ।

➤କୌଣସି ରୋଗ ନିରୂପଣ କରିବା ପୂର୍ବରୁ ଡାକ୍ତର କେତେକ ପରୀକ୍ଷା ପାଇଁ ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରିଥାଆନ୍ତି। ତାହାର ଗୁରୁତ୍ୱକୁ ଉପଲବ୍ଧି କରି ସେଗୁଡ଼ିକ ଭଲ ପ୍ୟାଥୋଲ୍ୟାବ୍‌ରେ କରାଇ ନିଅନ୍ତୁ। କାରଣ ଏହା ରୋଗ ନିରୂପଣ କରିବାରେ ଯଥେଷ୍ଟ ସାହାଯ୍ୟ କରିଥାଏ।



## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ବ୍ରେକ୍‌ଫାଷ୍ଟ

ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି, ଯାହା ଶରୀର ପାଇଁ ବେଶ୍ ଉପକାରୀ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକ୍‌ଫାଷ୍ଟ ଖାଆନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନର୍ଦ୍ଧାରଣ କରନ୍ତୁ। ହାଲୁକା ଖାଦ୍ୟକୁ ବ୍ରେକଫାଷ୍ଟ ଖାଦ୍ୟତାଲିକାରେ ସାମିଲ୍ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ପିଅନ୍ତୁ, କାରଣ ଏଥିରେ କ୍ୟାଲୋରୀ ଭରି ରହିଛି। ଏହି ସମୟରେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଆପଣଙ୍କୁ ଦିନତମାମ ଭାରି ଭାରି ଲାଗିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହାବ୍ୟତୀତ ବ୍ରେଡ, ବିସ୍କୁଟ ମଧ୍ୟ ଖାଇପାରିବେ।




# ଦର୍ପନ ଇନାନୀ ଚାମ୍ପିୟନ

ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)

## ଜାତୀୟ ଦୃଷ୍ଟିବାଧିତ ଚେସ୍ ଉଦ୍‌ଯାପିତ

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜ୍‌ଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ରବିବାର ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଗୁଜରାଟର ଦର୍ପନ ଇନାନୀ ଚାମ୍ପିୟନ ହୋଇଛନ୍ତି। ଇନାନୀ ଓ କର୍ନାଟକର କିଶନ ଗାଙ୍ଗୋଲି ୭.୫ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ଉନ୍ନତ ଟାଇ-ବ୍ରେକ୍ ସ୍କୋରରେ ଇନାନୀ ପ୍ରଥମସ୍ଥାନ ଅଧିକାର କରି ଚାମ୍ପିୟନ ଓ କାଙ୍ଗୋଲି ଦ୍ୱିତୀୟ ସ୍ଥାନରେ ରହି ରନରଅପ୍ ହୋଇଥିଲେ। ୮ମ ରାଉଣ୍ଡ ସୁଦ୍ଧା ଏକକ ଅଗ୍ରଣୀଲାଭ କରିଥିବା ଆର୍ଯ୍ୟନ ବି. ଜୋଶୀ ୩ୟ ସ୍ଥାନରେ ରହିଥିବାବେଳେ ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଖେଳାଳି ୭ ପଏଣ୍ଟ ଲେଖାଏ ପାଇଥିଲେ। ମହାରାଷ୍ଟ୍ରର ସାମନ୍ତ ମିଲିନ୍ଦ (୬.୫) ଓ ରୋହିତ ଆତ୍ମାରାମ ଯାଦବ (୬), ଓଡ଼ିଶାର ପ୍ରାଚୁର୍ଯ୍ୟ କୁମାର ପ୍ରଧାନ (୬), ମଧ୍ୟପ୍ରଦେଶର ସୂର୍ଯ୍ୟପ୍ରତାପ ସିଂ (୬), ଦିଲ୍ଲୀର ବି.ଏଲ୍. ସୋମେନ୍ଦ୍ର (୫.୫) ଓ ମହାରାଷ୍ଟ୍ରର ସ୍ୱପ୍ନିଲ ଶାହା (୫.୫) ଯଥାକ୍ରମେ ୫ମରୁ ୧୦ମ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଅନ୍ୟ ୨ ଖେଳାଳି ଶୁଭେନ୍ଦୁ କୁମାର ପାତ୍ର ୫.୫ ପଏଣ୍ଟ ସହିତ ୧୩ଶ ଓ ଦୀପକ କୁମାର ଭୋଇ ୪ ପଏଣ୍ଟ ସହ ୩୭ତମ ସ୍ଥାନରେ ରହିଛନ୍ତି। ୪ର୍ଥ ସ୍ଥାନ ଅଧିକାର କରିଥିବାରୁ ସୌନ୍ଦର୍ଯ୍ୟ ଆସନ୍ତା ଦୃଷ୍ଟିବାଧିତ ଚେସ୍ ଅଲିମ୍ପିଆଡ୍ ଓ ବ୍ୟକ୍ତିଗତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ପ୍ରତିଯୋଗିତାରେ ୧୫ ରାଜ୍ୟରୁ ୨ ମହିଳା ଓ ୫୨ ପୁରୁଷ ଖେଳାଳି ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଇନାନୀ ଟ୍ରଫି ସହ ୭୫,୦୦୦, ରନରଅପ୍ ଗାଙ୍ଗୋଲି ୫୦,୦୦୦, ତୃତୀୟ ସ୍ଥାନ ପାଇଥିବା ଜୋଶୀ ୩୫,୦୦୦, ୪ର୍ଥ ସ୍ଥାନରେ ରହିଥିବା ସୌନ୍ଦର୍ଯ୍ୟ ୩୦,୦୦୦, ଓ ୫ମ ସ୍ଥାନରେ ଥିବା ମିଲିନ୍ଦ ୨୦,୦୦୦ ଟଙ୍କା ପୁରସ୍କାର ଆକାରରେ ପାଇଛନ୍ତି। ୬ଷ୍ଠରୁ ୧୦ମ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୫ ଖେଳାଳି ଦୁଇଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ୨ଟି ପ୍ରତିଯୋଗିତା ହେଲା ଆଇବିସିଏ ଚେସ୍ ଅଲିମ୍ପିଆଡ୍ (ସର୍ବିଆ, ଜୁନ୍-୨୦୨୫) ଓ ଆଇବିସିଏ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ (ପୋଲାଣ୍ଡ, ଅଗଷ୍ଟ-୨୦୨୫)। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି ଓ ସାଇ ଆବାସିକ ବିଦ୍ୟାଳୟର ପ୍ରିନ୍ସିପାଲ ଅମିତାଭ ଅଗ୍ନିହୋତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କେ.ଆର. ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପ୍ରାଚୁର୍ଯ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସମର୍ଥନ ଏବଂ ପ୍ରଚେଷ୍ଟାର ପ୍ରଶାସକ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସଫଳତାର ସହ ସମ୍ପନ୍ନ ହୋଇଛି। ଏମ. ମଞ୍ଜୁନାଥ ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିବାବେଳେ କେ. ଆର. ପ୍ରଧାନ ଏବଂ ପିଙ୍କି ମହାପାତ୍ର ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ବେଙ୍ଗାଲୁରୁ ଏଫ୍‌ସି ଫାଇନାଲରେ

ଗୋଆ, ୬।୪: ବେଙ୍ଗାଲୁରୁ ଏଫ୍‌ସି ରେକର୍ଡ ୪ର୍ଥ ଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ୨୦୨୪-୨୫ ଫାଇନାଲରେ ପ୍ରବେଶ କରିଛି। ଫାତୋର୍ଡାସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଗୋଆ ବିପକ୍ଷ ଦ୍ୱିତୀୟ ଲେଗ୍ ସେମିଫାଇନାଲରେ ଦଳ ୨-୧ଗୋଲରେ ହାରିଯାଇଛି। ବିଜୟୀ ଦଳ ପକ୍ଷରୁ ବୋର୍ଜା ହେରେରା ଖେଳର ୪୯ତମ ଏବଂ ଆର୍ମାଣ୍ଡୋ ସାଡିକୁ ୮୮ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧର ଅତିରିକ୍ତ ସମୟ (୯୦+୨ ମିନିଟ) ଖେଳରେ ସୁନିଲ ଛେତ୍ରୀ ଏକ ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲେ, ଯାହାକି ଦଳକୁ ଫାଇନାଲ ନେବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। କାରଣ ବେଙ୍ଗାଲୁରୁ ଏଗ୍ରିଗେଟ୍‌ରେ ୩-୨ରେ ବିଜୟ ଲାଭ କରିଥିଲା। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଲେଗ୍ ସେମିଫାଇନାଲରେ ବେଙ୍ଗାଲୁରୁ ଏଫ୍‌ସି ୨-୦ଗୋଲରେ ଜିତିଥିଲା। ଏପ୍ରିଲ ୧୨ରେ ଫାଇନାଲ ମ୍ୟାଚ ଖେଳାଯିବ।

# ମୁମ୍ବାଇ ଦଳରେ ଯୋଗଦେଲେ ବୁମରା

ନୂଆଦିଲ୍ଲୀ,୬।୪: ଭାରତୀୟ ପ୍ରିମିୟର ପେସର ଯଶପ୍ରୀତ ବୁମରା ଆନୁଷ୍ଠାନିକ ଭାବେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଦଳରେ ଯୋଗଦେଇଛନ୍ତି। ୫ ଥରର ଚାମ୍ପିୟନ ଦଳ ପକ୍ଷରୁ ସୋସିଆଲ ମିଡିଆ ଜରିଆରେ ଏ ନେଇ ସୂଚନା ଦିଆଯାଇଛି। ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ (ସିଓଇ)ରେ ରିହାବିଲିଟେଶନ ଶେଷ କରିବା ପରେ ବୁମରା ମୁମ୍ବାଇ ଦଳରେ ଯୋଗଦେଇଛନ୍ତି। ୩୧ ବର୍ଷୀୟ ପେସର ଚଳିତ ସିଜନରେ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଅଛନ୍ତି। ତାଙ୍କ ପ୍ରତ୍ୟାବର୍ତ୍ତନ ପଏଣ୍ଟ ଟେବୁଲରେ ଦଳର ସ୍ଥିତି ବଦଳାଇବ ବୋଲି ଆଶା କରାଯାଉଛି। ମୁମ୍ବାଇ ଦଳ ସୋମବାର ୱାଙ୍ଖେଡେ ଷ୍ଟାଡିୟମରେ ତା'ର ପରବର୍ତ୍ତୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ। ବୁମରା ଏହି ମ୍ୟାଚରେ ଖେଳିପାରନ୍ତି ବୋଲି ଦଳର ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ କହିଛନ୍ତି। ସେ କହିଛନ୍ତି ଯେ, ବୁମରା ମ୍ୟାଚ ଲାଗି ଉପଲବ୍ଧ ଅଛନ୍ତି। ସେ ଆଜି ଟ୍ରେନିଂ କରୁଛନ୍ତି। ସେ ଏନ୍‌ସିଏରେ ତାଙ୍କ ସେଶନ ଶେଷ କରିଛନ୍ତି। ତାଙ୍କ ଦାୟିତ୍ୱ ଆମ ଫିଜିଓଙ୍କୁ ଦିଆଯାଇଛି। ଯଦି ସବୁ କିଛି ଠିକ ରହିଲା, ତେବେ ସେ ପରବର୍ତ୍ତୀ ମ୍ୟାଚରେ ଖେଳିବେ।

## ୱାର୍ଲ୍ଡ ବକ୍ସିଂ କପ୍

# ହିତେଶଙ୍କୁ ସ୍ୱର୍ଣ୍ଣ, ଭାରତକୁ ୬ ପଦକ

ନୂଆଦିଲ୍ଲୀ, ୬।୪: ବ୍ରାଜିଲର ଫଜ ଡୋ ଆଇଗୁଆକୁଠାରେ ଅନୁଷ୍ଠିତ ୱାର୍ଲ୍ଡ ବକ୍ସିଂ କପ୍ ଟୁର୍ନାମେଣ୍ଟରେ ଭାରତୀୟ ବକ୍ସରମାନେ ୬ ପଦକ ଜିତିଛନ୍ତି। ପଦକ ତାଲିକାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ୪ ବ୍ରୋଞ୍ଜ ରହିଛି। ହିତେଶ ପ୍ରଥମ ଭାରତୀୟ ଭାବେ ୱାର୍ଲ୍ଡ ବକ୍ସିଂ (ଡବ୍ଲ୍ୟୁବି) ଦ୍ୱାରା ଆୟୋଜିତ ଏଲିଟ ସ୍ତରୀୟ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୭୦ କେଜି ବର୍ଗର ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଫାଇନାଲ ପୂର୍ବରୁ ତାଙ୍କ ପ୍ରତିପକ୍ଷ ବକ୍ସର ଇଂଲଣ୍ଡର ଓଡେଲ କମରା ଆହତ ସମସ୍ୟା ଯୋଗୁ ଓହରି ଯାଇଥିଲେ। ଅଭିନାଶ ଜମ୍ୱାଲ ୬୫ କେଜି କ୍ୟାଟେଗୋରୀ ଫାଇନାଲରେ ସ୍ଥାନୀୟ ଫେଭରାଇଟ ୟୁରି ରେଇଜ୍‌ଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଏମାନଙ୍କ ବ୍ୟତୀତ ଯଦୁମଣି ସିଂ ମାନଦେଙ୍ଗବାମ (୫୦ କେଜି), ମନୀଷ ରାଠୋର (୫୫ କେଜି), ସଚିନ (୬୦ କେଜି) ଓ ବିଶାଲ (୯୦ କେଜି) ବ୍ରୋଞ୍ଜ ପଦକ ଜିତିଛନ୍ତି। ହିତେଶ ତାଙ୍କ ସଫଳତା ଲାଗି ଟୁର୍ନାମେଣ୍ଟ ପୂର୍ବରୁ ବ୍ରାଜିଲରେ ଅନୁଷ୍ଠିତ ୧୦ ଦିନିଆ ପ୍ରସ୍ତୁତି କ୍ୟାମ୍ପକୁ ଶ୍ରେୟ ଦେଇଛନ୍ତି।

# ଲୋଗୋ, ମାସ୍କଟ 'ଆଶା' ଉନ୍ମୋଚିତ





ଲୋଗୋ ଓ ମାସ୍କଟ ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓ ଅନ୍ୟ ଅତିଥିବୃନ୍ଦ।

ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)

## ସର୍ବଭାରତୀୟ ପୋଲିସ୍ ହକି

କଳିଙ୍ଗ ଷ୍ଟାଡିୟମ୍‌ରେ ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ସ୍ଥାନୀୟ ପୋଲିସ୍ ଭବନରେ ରବିବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନସିପ୍‌ର ଲୋଗୋ ଏବଂ ମାସ୍କଟ-ଆଶାକୁ ଉନ୍ମୋଚିତ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଏକ ଜଙ୍ଗଲରୁ ଗୁରୁତର ଆହତ ଅବସ୍ଥାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର କର୍ମଚାରୀମାନେ ଏକ ଗଜ ଶାବକ (ହାତୀ ଛୁଆ)କୁ ଉଦ୍ଧାର କରିଥିଲେ। ପରେ ତାକୁ ସେଠାରୁ ନନ୍ଦନକାନନକୁ ସ୍ଥାନାନ୍ତର କରାଯାଇଥିଲା। ତାର ଏହି ସଂଘର୍ଷମୟ କାହାଣୀ ଉପରେ "ଆଶା" ଆଧାରିତ। ଯିଏକି ବର୍ତ୍ତମାନ ନନ୍ଦନକାନନରେ ସୁସ୍ଥ ଓ ସୁରକ୍ଷିତ ଅବସ୍ଥାରେ ଅଛି। ଏହି ମାସକଟ୍ "ଆଶା" ଦୟା, ସାହସ ଓ ପରିବେଶ ସଂରକ୍ଷଣ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରୁଛି ବୋଲି ଡିଜିପି ନିଜ ଅଭିଭାଷଣରେ କହିଛନ୍ତି। ଓଡ଼ିଶା ପୋଲିସ ଏହି ଚାମ୍ପିୟନଶିପ୍‌କୁ ଦ୍ୱିତୀୟ ଥର ପାଇଁ ଆୟୋଜନ କରୁଥିବାରୁ ଖୁରାନିଆ ଖୁସି ବ୍ୟକ୍ତ କରିବା ସହ ଏଥି ନିମନ୍ତେ ସେ ସର୍ବଭାରତୀୟ ପୋଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡ୍ କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରତିଯୋଗିତାରେ ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଅଂଶଗ୍ରହଣ କରୁଥିବା ବେଳେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ। ସିଆଇଏସଏଫ୍, ସିଆରପିଏଫ୍, ବିଏସଏଫ୍, ଆଇଟିବିପି ଓ ଏସଏସବି ଭଳି କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଦଳଗୁଡ଼ିକ ଏହି ପ୍ରତିଯୋଗିତାର ମଧ୍ୟ ଅଂଶ ଗ୍ରହଣ କରୁଛନ୍ତି ବୋଲି ଡିଜିପି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟିର ଉପସଭାପତି ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଆୟୋଜନ କମିଟିର ଉପସଭାପତି ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର ) ରାଜେଶ କୁମାର, ଆୟୋଜନ କମିଟିର ସମ୍ପାଦକ ତଥା ଆଇଜି(ତାଲିମ) ଅନୁପ କୁମାର ସାହୁ, ସମସ୍ତ ଟିମର ମ୍ୟାନେଜର, ଅଧିନାୟକ ଏବଂ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାପାନିଜ ଗ୍ରାଁ ପ୍ରି ଜିତିଲେ ଭର୍ଷ୍ଟାପେନ୍

ସୁଜୁକା, ୬।୪ (ଏପି)





ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଜାପାନିଜ ଫର୍ମୁଲା ୱାନ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ସେଣ୍ଟ୍ରାଲ ଜାପାନରେ ଅବସ୍ଥିତ ସୁଜୁକା ସର୍କିଟରେ ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି ୪ର୍ଥ ବିଜୟ। ଅଷ୍ଟ୍ରେଲିଆ ଓ ଚାଇନାରେ ଅନୁଷ୍ଠିତ ସିଜନର ପ୍ରଥମ ଦୁଇ ରେସ୍‌ରେ ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରି ଜିତିଛନ୍ତି। ୪ଥର ଡିଫେଣ୍ଡିଂ ଫର୍ମୁଲା ୱାନ ଚାମ୍ପିୟନ ଭର୍ଷ୍ଟାପେନ୍ କ୍ୱାଲିଫାଇଂରେ କୋର୍ସ-ରେକର୍ଡ ଟାଇମ୍ ସହ ପୋଲ୍ ପୋଜିଶନରୁ ତାଙ୍କ ରେସ୍ ଆରମ୍ଭ କରିଥିଲେ। ଏଠାରେ କ୍ରମାଗତ ୪ଥର ଚାମ୍ପିୟନ ହେବା ଦ୍ୱାରା ସେ ସେବାଷ୍ଟିଆନ ଭେଟେଲଙ୍କ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ରବିବାର ରେସ୍‌ରେ ନୋରିସ ଦ୍ୱିତୀୟ ଏବଂ ପିଆଷ୍ଟ୍ରି ତୃତୀୟ ସ୍ଥାନରେ ରହିଥିଲେ। ବର୍ଷା ସତ୍ତ୍ୱେ ଟ୍ରାକ୍ ଶୁଷ୍କ ଥିବାରୁ ରେସ୍ ଦୁର୍ଘଟଣାମୁକ୍ତ ଥିଲା। ଫେରାରିର ଚାର୍ଲ୍ସ ଲେକ୍‌ଲେର୍କ୍ ଚତୁର୍ଥ ହୋଇଥିବା ବେଳେ ତାଙ୍କ ପଛକୁ ମର୍ସିଡିଜର ଜର୍ଜ ରସେଲ ପଞ୍ଚମ ଓ ଟିମ୍‌ମେଟ କିମି ଆଣ୍ଟୋନେଲି ୬ଷ୍ଠ ସ୍ଥାନରେ ରହିଛନ୍ତି। ରେଡ୍‌ବୁଲର ଟପ୍ ଟିମ୍ ତରଫରୁ ପ୍ରଥମଥର ପ୍ରତିନିଧିତ୍ୱ କରିଥିବା ଜାପାନିଜ ଡ୍ରାଇଭର ୟୁକି ଟିସୁନୋଡା ଦ୍ୱାଦଶତମ ସ୍ଥାନ ଅଧିକାର କରିଥିଲେ। ସିଜନର ପ୍ରଥମ ତିନୋଟି ରେସ୍ ପରେ ନୋରିସ ୬୨ ପଏଣ୍ଟ ସହ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭର୍ଷ୍ଟାପେନ୍‌ଙ୍କ ପଏଣ୍ଟ ସଂଖ୍ୟା ୬୧ ରହିଛି। ରବିବାର ୭ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଲୁଇସ୍ ହାମିଲଟନ (ଫେରାରି), ଆଇଜାକ୍ ହାଇଦର (ରେସିଙ୍ଗ ବୁଲ୍ସ), ଆଲେକ୍‌ଜାଣ୍ଡର ଆଲବନ (ୱିଲିୟମ୍ସ) ଓ ଅଲିଭର ବିୟରମ୍ୟାନ (ହାସ୍)।

# ସ୍କୁଲ ଓପନ ଚେସ୍: ସତ୍ୟମ ସ୍ୱରୂପ ଚାମ୍ପିୟନ

ଭୁବନେଶ୍ୱର, ୬।୪ (ବିଜୟ ରଣା)

କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ସହଯୋଗରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୨ୟ ଧନଞ୍ଜୟ ମହାନ୍ତି ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକ ଗୁରୁନାନକ ପବ୍ଲିକ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାତ୍ତ୍ୱିକ ଶାହା ଓ ସ୍ୱସ୍ତି ଷଡ଼ଙ୍ଗୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶାର ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ରୟାଲ ପବ୍ଲିକ ସ୍କୁଲ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପରିମିତା ସାହୁ ଓ ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ସ୍ତ୍ରୀ ଜ୍ୟୋତିଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୭ମ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ୧୮ ବର୍ଷରୁ କମ୍ ପ୍ରତିଯୋଗିତା କମଳା ପରିଡ଼ା ଓ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ଭାବେ ବିବେଚିତ ହେଉଛି। ୧୮ ବର୍ଷରୁ କମ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ରାମେଶ୍ୱର ୫୯ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ରାମେଶ୍ୱର ୩୦ ଓଭରରେ ୭ ଉଇକେଟ ହରାଇ ୨୨୩ ରନ କରିଥିଲା। ସିଦ୍ଧାର୍ଥ ଶଙ୍କର ବେହେରା ସର୍ବାଧିକ ୮୬ ରନ କରିଥିଲେ। ବିପକ୍ଷ ଦଳର ଜୀବନ ଜେ. ରଣସିଂ ୩ଟି ଉଇକେଟ ନେଇଥିଲେ। ଜବାବରେ ଟାଉନ୍ କ୍ଲବ ୨୭.୫ ଓଭରରେ ୧୬୪ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆୟୁଷ ଅମ୍ଲାନ ୪୮ ରନ କରିଥିଲେ। ବିଜୟୀ ଦଳର ସୋହମ ପଟ୍ଟନାୟକ ୪ଟି ଓ ଶୁଭାଶିଷ ମଲିକ ୩ ଉଇକେଟ ନେଇଥିଲେ। ସିଦ୍ଧାର୍ଥ ଶଙ୍କର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

୧୫ ବର୍ଷରୁ କମ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ଆୟୋଜକ ରାମେଶ୍ୱର ୪୭ ରନରେ ଏମ୍‌ସିସିକୁ ହରାଇ ଦେଇଛି। ରାମେଶ୍ୱର ୨୦ ଓଭରରେ ୩ ଉଇକେଟ ହରାଇ ୧୮୯ ରନ କରିଥିଲା। ଦୁଇ ଓପନର ଲିଓନେଲ ମେହେରା ୮୦ ଓ ଅର୍ମାନ ନାୟକ ୭୪ ରନ କରିଥିଲେ। ବିପକ୍ଷ ଦଳର ଆଦିତ୍ୟ ଦାସ ୨ଟି ଉଇକେଟ ନେଇଥିଲେ। ଜବାବରେ ଏମ୍‌ସିସି ୨୦ ଓଭରରେ ୭ ଉଇକେଟ ହରାଇ ୧୪୨ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଏମ୍. ସାଇ କୌଶିକ ଓ ବିମଲଜ୍ୟୋତି ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଲିଓନେଲ ମେହେର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାମେଶ୍ୱର କ୍ଲବ ସଭାପତି ସୁରେଶ କୁମାର ରାଉତରାୟ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଉପସଭାପତି ରାଧାକାନ୍ତ ମହାପାତ୍ର, ବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସମ୍ପାଦକ ଦୀପକ ମଙ୍ଗରାଜ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, ଅକ୍ଷୟ ଜେନା, ମନୋଜ ମହାପାତ୍ର, ସୂର୍ଯ୍ୟକାନ୍ତ ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।





ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥି ଓ ଖେଳାଳିମାନେ।

# ଗୁଜରାଟର ବଡ଼ ବିଜୟ

ହାଇଦ୍ରାବାଦ,୬।୪

ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ଓ ଶୁବମନ ଗିଲଙ୍କ ଅର୍ଦ୍ଧଶତକ ବଳରେ ଗୁଜରାଟ ଟାଇଟନ୍ସ (ଜିଟି) ୭ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି। ହାଇଦ୍ରାବାଦ ପକ୍ଷରୁ ଧାର୍ଯ୍ୟ ୧୫୩ ରନର ଟାର୍ଗେଟକୁ ଗୁଜରାଟ ୧୬.୪ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଗୁଜରାଟର ଏହା ଚତୁର୍ଥ ମ୍ୟାଚରେ ତୃତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦ ଲାଗି ଏହା ଲଗାତର ଚତୁର୍ଥ ପରାଜୟ। ଏହି ବିଜୟ ଯୋଗୁ ଗୁଜରାଟ ୬ ପଏଣ୍ଟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ପୂର୍ବଭଳି ସର୍ବନିମ୍ନରେ ରହିଛି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ହାଇଦ୍ରାବାଦ ୨୦ ଓଭରରେ ୮ ଉଇକେଟ ହରାଇ ୧୫୨ ରନ କରିବାକୁ ସକ୍ଷମ ହୋଥିଲା। ଦଳ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ୩୧, ହେନରିଚ କ୍ଲାସେନ ୨୭, ଅଧିନାୟକ ପ୍ୟାଟ କୁମିନ୍ସ ୨୨, ଅଭିଶେକ ଶର୍ମା ୧୮, ଅନିକେତ ବର୍ମା ୧୮, ଇଶାନ କିଶନ ୧୭ ରନ କରିଥିଲେ। ବୋଲିଂରେ ଜିଟି ପାଇଁ ମହମ୍ମଦ ସିରାଜ ୧୭ ରନ୍ ଦେଇ ସର୍ବାଧିକ ୪ ଉଇକେଟ ନେଇଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ। ଏଥିସହିତ ସେ ଆଇପିଏଲ୍‌ରେ ୧୦୦ ଉଇକେଟ ନେବାର ମାଇଲଖୁଣ୍ଟ ପୂରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ଓ ଆର ସାଇ କିଶୋର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଗୁଜରାଟ ଟାଇଟନ୍ସ ଆରମ୍ଭରୁ ସାଇ ସୁଦର୍ଶନ ଓ ଜୋସ ବଟଲରଙ୍କ ଉଇକେଟ ହରାଇଥିଲା। ଚତୁର୍ଥ କ୍ରମରେ ଆସିଥିବା ୱାଶିଂଟନ ସୁନ୍ଦରଙ୍କ ସହ ମିଶି ଅଧିନାୟକ ଶୁବମନ ଗିଲ ତୃତୀୟ ଉଇକେଟ ଲାଗି ୯୦ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ୱାଶିଂଟନ ୨୯ ବଲରେ ୫ ଚୌକା ଓ ୨ ଛକା ସହିତ ୪୯ ରନ କରି ଆଉଟ ହୋଇଥିଲେ। ଏହାପରେ ଗିଲ ଓ ଶେର୍ଫାନେ ରଦରଫୋର୍ଡ ଦଳକୁ ଜିତିବା ଲାଗି ଦରକାର ଥିବା ରନ ସଂଗ୍ରହ କରି ନେଇଥିଲେ। ଗିଲ ୪୩ ବଲରେ ୯ ଚୌକା ସହିତ ୬୧ ଓ ରଦରଫୋର୍ଡ ୧୬ ବଲରେ ୬ ଚୌକା ଓ ୧ ଛକା ସହ ୩୫ ରନ କରି ଅପରାଜିତ ଥିଲେ। ଦୁହେଁ ଅବିଭାଜିତ ୪ର୍ଥ ଉଇକେଟ ଲାଗି ୨୧ ବଲ୍‌ରୁ ୪୭ ରନ୍ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ଶାମି ୨ଟି ଓ ଅଧିନାୟକ ପ୍ୟାଟ୍ କୁମିନ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ମୁମ୍ବାଇ ବନାମ ବେଙ୍ଗାଲୁରୁ

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ





ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମହମ୍ମଦ ସିରାଜ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୫୨/୮ (ନୀତିଶ କୁମାର ରେଡ୍ଡୀ-୩୧, ହେନରିଚ କ୍ଲାସେନ-୨୭, ପ୍ୟାଟ କୁମିନ୍ସ-୨୨, ଅଭିଷେକ ଶର୍ମା ୧୮, ଅନିକେତ ବର୍ମା ୧୮, ମହମ୍ମଦ ସିରାଜ-୪/୧୭, ପ୍ରସିଦ୍ଧ କ୍ରିଷ୍ଣା-୨/୨୫, ଆର ସାଇ କିଶୋର-୨/୨୪)।

ଗୁଜରାଟ ଟାଇଟନ୍ସ: ୧୬.୪ ଓଭରରେ ୧୫୩/୩ (ଶୁବମନ ଗିଲ-୬୧*, ୱାଶିଂଟନ ସୁନ୍ଦର-୪୯, ଶେର୍ଫାନେ ରଦରଫୋର୍ଡ-୩୫*, ମହମ୍ମଦ ଶାମି-୨/୨୮, ପ୍ୟାଟ କୁମିନ୍ସ- ୧/୨୬)।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ